କଟକ
ରବିବାର ୨୩ ଅଗଷ୍ଟ, ୨୦୨୬
ପ୍ରାତଃ ସଂସ୍କରଣ

August 23, 2026 Cuttack
Vol - XXIV, Issue - 142
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

୧ ନମ୍ବର ହାଟରେ ଅଗ୍ନିକାଣ୍ଡ, ବଦଳିବ ରୂପରେଖ

ଭୁବନେଶ୍ୱର,୨୨।୮(ନି.ପ୍ର): ରାଜଧାନୀର ୧ ନମ୍ବର ହାଟରେ ପୁଣି ଅଗ୍ନିକାଣ୍ଡ ଘଟି ଦୁଇଟି ଦୋକାନ ପୋଡ଼ିଯାଇଛି। ପାଖରେ ଥିବା ଆଉ ତିନିଟି ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଛି। ଏଥରକୁ ମିଶାଇ ୟୁନିଟ-୧ ହାଟରେ ଘଟିଲାଣି ୪ଥର ଅଗ୍ନିକାଣ୍ଡ। ସବୁ ଅଗ୍ନିକାଣ୍ଡର କାରଣ ଶର୍ଟସର୍କିଟ। ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ, ୧ ନମ୍ବର ହାଟର ରୂପରେଖ ବଦଳିବା ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା।

ସ୍ୱଚ୍ଛତା କାମ ଛୋଟ ନୁହେଁ, ରାଷ୍ଟ୍ର ନିର୍ମାଣର କାମ

ଯେଉଁ ହାତ ସ୍ୱଚ୍ଛତା ଦିଏ, ସେହି ହାତର ଗରିମା ରକ୍ଷା କରିବା ଆମ ଦାୟିତ୍ୱ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୮(ନି.ପ୍ର): ଯେଉଁ ହାତ ଆମକୁ ସ୍ୱଚ୍ଛତା ଦିଏ, ସେହି ହାତର ଗରିମା ରକ୍ଷା କରିବା ଆମର ଦାୟିତ୍ୱ। ଯେଉଁମାନେ ସୁରକ୍ଷିତ ପରିବେଶ ଓ ସ୍ୱଚ୍ଛ ସହର ପାଇଁ ସ୍ୱଚ୍ଛତାକୁ ନିଶ୍ଚିତ କରୁଛନ୍ତି, ସେମାନଙ୍କ ସୁରକ୍ଷିତ ଜୀବନ ଏକାନ୍ତ ଅପରିହାର୍ଯ୍ୟ। ଗରିମା ଦିବସ ଅବସରରେ ଆୟୋଜିତ ଜାତୀୟ କର୍ମଶାଳାରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଗରିମା ଦିବସ ୨୦୨୬ ଅବସରରେ ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାର ବିଷୟବସ୍ତୁ ରହିଛି, ମିଶନ ଜିରୋ ସଫେଇ କାର୍ଯ୍ୟରେ ମୃତାହତ ଘଟଣାର ଅବସାନ । କର୍ମଶାଳାରେ ୮ଟି ରାଜ୍ୟର ସଫେଇ କ୍ଷେତ୍ରରେ କାର୍ଯ୍ୟରତ ଥିବା ବିଶେଷଜ୍ଞ, ଅଧିକାରୀଙ୍କ ସମେତ ସଫେଇ କର୍ମଚାରୀମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିବର୍ଷ ଅଗଷ୍ଟ ମାସର ଚତୁର୍ଥ ଶନିବାରକୁ ଗରିମା ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରିଛନ୍ତି। ସେକହିଛନ୍ତି, ଏହି ଦିବସଟି ସଫେଇ କର୍ମୀଙ୍କ ଜୀବନକୁ ସୁରକ୍ଷିତ କରିବା ସହ ସେମାନଙ୍କ ସାମାଜିକ ସୁରକ୍ଷା ଓ ସମାଜରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି ପାଇଁ ସମର୍ପିତ ହେବ । ଗରିମା ଦିବସ ପ୍ରତିବର୍ଷ ଆମକୁ ମନେ ପକାଇଦେବ ଯେ, ଯେଉଁ ହାତ ସ୍ୱଚ୍ଛତା ଦିଏ, ସେହି ହାତର ଗରିମା ରକ୍ଷା କରିବା ମଧ୍ୟ ଆମର ଦାୟିତ୍ୱ ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସ୍ୱଚ୍ଛତା ଭାରତର ଜାତୀୟ ବିକାଶର ପରିସୀମାଭୁକ୍ତ ହୋଇଥିଲା। ମୋଦୀ ଜୀଙ୍କ ନେତୃତ୍ୱରେ ସ୍ୱଚ୍ଛତା ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇ ଦେଶର ଅର୍ଥନୀତି, ପ୍ରତିରକ୍ଷା ଏବଂ ବିଦେଶ ନୀତି ସହିତ ସମାନ ଗୁରୁତ୍ୱ ପାଇଛି। ପ୍ରଧାନମନ୍ତ୍ରୀ ନିଜେ ହାତରେ ଝାଡୁ ଧରି ସଫେଇ କର୍ମୀଙ୍କ ସାମାଜିକ ଉତ୍ଥାନର ପ୍ରତୀକ ସାଜିଲେ ଏବଂ ଦେଶବାସୀଙ୍କୁ ସନ୍ଦେଶ ଦେଲେ ଯେ ସ୍ୱଚ୍ଛତା କୌଣସି ଛୋଟ କାମ ନୁହେଁ, ସ୍ୱଚ୍ଛତା ହେଉଛି ରାଷ୍ଟ୍ର ନିର୍ମାଣର କାମ।

ଉପସ୍ଥିତ ବିଶେଷଜ୍ଞ ଓ ମେସିନ ନିର୍ମାତାଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ଡ୍ରୋନ୍ ଜରିଆରେ ଆମେ ଆମର ସୀମାର ସୁରକ୍ଷା କରୁଛୁ। ରୋବୋଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ନୂଆ ଟେକ୍ନୋଲୋଜି ଉଦ୍ଭାବନ କ୍ଷେତ୍ରରେ ଭାରତ ଆଗକୁ ବଢୁଛି। ତେବେ ଆମେ ଏହିଭଳି ଟେକ୍ନୋଲୋଜିକୁ ଆମ ସଫେଇ କର୍ମଚାରୀଙ୍କ ସୁରକ୍ଷା ପାଇଁ କାହିଁକି ବ୍ୟବହାର କରିପାରିବା ନାହିଁ। (ପୃଷ୍ଠା:୫)

ଗରିମା କର୍ମଶାଳା ପାଇଁ ଆୟୋଜିତ କାର୍ଯ୍ୟକ୍ରମର ଭୁରି ଭୁରି ପ୍ରଶଂସା କରିଛନ୍ତି କେନ୍ଦ୍ର ସାମାଜିକ ନ୍ୟାୟ ବିଭାଗର ସଚିବ ସୁଧାଂଶ ପନ୍ଥ। ଏଭଳି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି, ସଫେଇ କର୍ମୀଙ୍କ ସୁରକ୍ଷା, ଆର୍ଥିକ ଉନ୍ନତି ଓ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶରେ ଉଦାହରଣ ସୃଷ୍ଟି କରିଛି। ପରିମଳ କାର୍ଯ୍ୟରେ ମିଶନ ଜିରୋ ହାସଲ କରି ପ୍ରଶଂସନୀୟ ହୋଇଛି ଓଡ଼ିଶା।

ପାକ୍ ଆତଙ୍କୀ ହାଫିଜ ସୟିଦକୁ ସମନ କରିବ ଏନ୍‌ଆଇଏ

ନୂଆଦିଲ୍ଲୀ,୨୨।୮(ନି.ପ୍ର): ପାକିସ୍ତାନରେ ଲାଳିତପାଳିତ ଆତଙ୍କବାଦୀ ହାଫିଜ ସୟିଦକୁ ସମନ କରିବ ନ୍ୟାସନାଲ ଇଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ)। ବୈଦେଶିକ ମନ୍ତ୍ରଣାଳୟ ଜରିଆରେ ପଠାଇବ ପାକିସ୍ତାନକୁ ସମନ। ୨୦୨୫ ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ଲସ୍କର-ଇ-ତାଇବା ମୁଖ୍ୟ ହାଫିଜ ବିରୋଧରେ ଭାରତର ଆଇନଗତ ପଦକ୍ଷେପ ଆହୁରି ତୀବ୍ର ହୋଇଛି। ଜୁଲାଇରେ ଜାମ୍ମୁର ସ୍ୱତନ୍ତ୍ର ଏନଆଇଏ କୋର୍ଟ ହାଫିଜ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି କରିଥିବାବେଳେ ଏବେ ତାକୁ କୋର୍ଟ ସମନ ପ୍ରଦାନ ପାଇଁ କୂଟନୈତିକ ମାଧ୍ୟମରେ ପଦକ୍ଷେପ ନିଆଯାଉଛି। ଏହାର ଉଦ୍ଦେଶ୍ୟ ହେଉଛି ସଇଦଙ୍କୁ ଭାରତୀୟ କୋର୍ଟରେ ହାଜର ହେବା ପାଇଁ ଆନୁଷ୍ଠାନିକ ଭାବେ ସୁଯୋଗ ଦେବା।

୨୦୨୫ରେ ପହଲଗାମରେ ହୋଇଥିଲା ଆତଙ୍କୀ ହମ୍‌ଲା। ଗତ ଜୁଲାଇ ୬ରେ ଏନଆଇଏ ପହଲଗାମ ଆକ୍ରମଣ ମାମଲାରେ ଏକ ସପ୍ଲିମେଣ୍ଟାରୀ ଚାର୍ଜଶିଟ୍ ଦାଖଲ କରି ହାଫିଜ୍‌କୁ ଅଭିଯୁକ୍ତ ଭାବେ ନାମିତ କରିଥିଲା। ତାକୁ ବ୍ୟକ୍ତିଗତ ଭାବେ ଏବଂ ଲସ୍କର-ଇ-ତାଇବା ଓ ତାହାର ପ୍ରକ୍ସି ସଂଗଠନ ଦ ରେଜିଷ୍ଟାନ୍ସ ଫ୍ରଣ୍ଟର ମୁଖ୍ୟ ଭାବେ ଚାର୍ଜଶିଟରେ ସାମିଲ କରାଯାଇଛି। ଏନଆଇଏ ଅନୁଯାୟୀ, ଚାର୍ଜଶିଟରେ ଭାରତ ବିରୋଧରେ ଯୁଦ୍ଧ ଚଳାଇବା ଏବଂ ସୀମାପାରରୁ ଷଡ଼ଯନ୍ତ୍ର କରିବା ସମ୍ପର୍କିତ ଅଭିଯୋଗ ରହିଛି। ଏହି ସପ୍ଲିମେଣ୍ଟାରୀ ଚାର୍ଜଶିଟ ପୂର୍ବରୁ ଦାଖଲ ହୋଇଥିବା ୧,୫୯୭ ପୃଷ୍ଠାର ଚାର୍ଜଶିଟ ଅନୁସରଣରେ ଦାଖଲ ହୋଇଛି। ସପ୍ଲିମେଣ୍ଟାରୀ ଚାର୍ଜଶିଟ ଦାଖଲର ଦୁଇ ଦିନ ପରେ ଜୁଲାଇ ୮ରେ ସ୍ୱତନ୍ତ୍ର ଏନଆଇଏ କୋର୍ଟ ହାଫିଜ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି କରିଥିଲା।

ମଝି ସମୁଦ୍ରରେ ବୁଡ଼ିଗଲା ଜାହଜ

ପାରାଦୀପ,୨୨।୮(ନି.ପ୍ର): ପାରାଦୀପ ନିକଟରେ ମଝି ସମୁଦ୍ରରେ ଏକ ଜାହାଜ ବୁଡ଼ିଯାଇଛି। ଓଡ଼ିଶା କୋଷ୍ଟାଲ ଗାର୍ଡ଼ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଜାହାଜଟି ପାନାମାର ଜାହାଜ। ଲୁହାପଥର ନେଇ ସିଙ୍ଗାପୁର ଯାଉଥିଲା। ଜାହାଜରେ ୨୪ ଜୁ ମେମ୍ବର ରହିଥିଲେ। ଅଧିକାଂଶ ଜୁ ମେମ୍ବର ଚୀନର ବୋଲି ଜଣାପଡ଼ିଛି। ପାରାଦୀପରୁ ୧୦୦ ନଟିକାଲ ମାଇଲ୍ଲ ଯିବା ପରେ ମଝି ସମୁଦ୍ରରେ ଜାହାଜଟି ବୁଡ଼ିଯାଇଛି।

ମିଛ ଲୁଟ୍ ନାଟକ, ମାଟିତଳୁ ୪ ଲକ୍ଷ ଜବତ

ଝାରସୁଗୁଡ଼ା,୨୨।୮(ନି.ପ୍ର): ବଡ଼ମାଲରେ ମିଛ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ଝାରସୁଗୁଡ଼ା ପୋଲିସ। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ଘଟଣାରୁ ଜଣାପଡ଼ିଛି ଯେ, ଫାଇନାନ୍ସ କମ୍ପାନୀ ଖୋଲି ବ୍ୟବସାୟୀଙ୍କଠାରୁ ଟଙ୍କା ନେଇ ଜମା କରାଯାଉଥିଲା। କିନ୍ତୁ ଅଚାନକ ଘୋଷଣା କରାଯାଇଥିଲା ଯେ, ଏହି ଟଙ୍କା ଲୁଟ୍ ହୋଇଯାଇଛି। ଏନେଇ ମଧ୍ୟ ଥାନାରେ ଏତଲା ଦିଆଯାଇଥିଲା। ଏହାର ତଦନ୍ତ କରି ପୋଲିସ ସତ ଉନ୍ମୋଚନ କରିଛି। ଲୁଟ୍ ଅଭିଯୋଗ ମିଛ ଏହା ଜଣାପଡ଼ିଛି। ପୋଲିସ ମଧ୍ୟ ମାଟିତଳେ ପୋତାଯାଇଥିବା ୪.୮୯ ଲକ୍ଷ ଟଙ୍କା ଜବତ କରିଛି।

ବିଜେପିର ନବନିଯୁକ୍ତ ପଦାଧିକାରୀ ବୈଠକରେ ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ,୨୨।୮(ନି.ପ୍ର): ବିଜେପିର ନବନିଯୁକ୍ତ ପଦାଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନିବୀନଙ୍କ ଅଧ୍ୟକ୍ଷତାରେ। ବୈଠକରେ ବଡ଼ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ଏନେଇ ସୂଚନା ଦେଇଛନ୍ତି ପୁରୀ ସାଂସଦ ସମିତ ପାତ୍ର। ରାଷ୍ଟ୍ରଗାନ 'ବନ୍ଦେ ମାତରମ୍'ର ଦୁଇଟି ଷ୍ଟାଞ୍ଜା ଗାନ କରିବାକୁ କଂଗ୍ରେସ ସିଡବ୍ଲ୍ୟୁସିର ପ୍ରସ୍ତାବ ପାରିତ ହୋଇଥିବାବେଳେ ବିଜେପି ପଦାଧିକାରୀ ବୈଠକରେ ଏହାର ବିରୋଧ କରାଯାଇଛି। ବିରୋଧ କରାଯିବା ସହ ଏନେଇ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଛି। ପ୍ରସ୍ତାବରେ କୁହାଯାଇଛି ଯେ, କଂଗ୍ରେସ ତୁଷ୍ଟିକରଣ ରାଜନୀତି ବଢ଼ାଇବାକୁ ଚାହୁଁଛି। ଏହି ବିଭାଜନ ରାଜନୀତିକୁ ବଢ଼ାଇବାକୁ ଦେବ ନାହିଁ ବିଜେପି। ପ୍ରଶ୍ନ ମଧ୍ୟ କରାଯାଇଛି ଯେ, ଦେଶ କାହା ନିଷ୍ପତ୍ତିରେ ଚାଲିବ- ସଂସଦରେ ପାରିତ ଆଇନ ଅନୁଯାୟୀ ନା ସିଡବ୍ଲ୍ୟୁସିର ନିଷ୍ପତ୍ତି ଅନୁଯାୟୀ?

୩୧ରୁ ରତ୍ନଭଣ୍ଡାର ଗଣତି

ପୁରୀ,୨୨।୮(ନି.ପ୍ର): ଆସନ୍ତା ୩୧ ଓ ସେପ୍ଟେମ୍ବର ୧ରେ ଶ୍ରୀମନ୍ଦିରରେ ପୁଣି ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ। ପର୍ବପର୍ବାଣି ଓ ଶ୍ରୀମନ୍ଦିରର ନୀତିକାନ୍ତି ଏବଂ ଶ୍ରଦ୍ଧାଳୁଙ୍କ ଦର୍ଶନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଚାଲିବ ଗଣତି ମଣତି। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ବ୍ୟବସ୍ଥାବଳୀ (ଏସ୍‌ଓପି) ଅନୁଯାୟୀ ରତ୍ନଭଣ୍ଡାରର ଗଣତି ହେବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟରେ ସମସ୍ତ ସେବକ ଓ ଶ୍ରଦ୍ଧାଳୁଙ୍କ ସହଯୋଗ ଓ ସହାୟତା ମଧ୍ୟ କାମନା କରାଯାଇଛି।

ଗଣତି ସମୟରେ ରତ୍ନଭଣ୍ଡାରରେ ଥିବା ବିଭିନ୍ନ ମୂଲ୍ୟବାନ ସାମଗ୍ରୀର ହିସାବ ଓ ତଥ୍ୟ ଯାଞ୍ଚ କରାଯିବ। ପୂର୍ବରୁ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣକୁ ନେଇ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଇଛି। ଏବେ ନିର୍ଦ୍ଧାରିତ ତାରିଖରେ ଗଣତି କାର୍ଯ୍ୟ ହେବାକୁ ଥିବାରୁ ଏହାକୁ ନେଇ ଶ୍ରୀମନ୍ଦିର ସେବକ ଓ ଭକ୍ତମହଲରେ ଉତ୍ସୁକତା ବଢ଼ିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କ ଅନୁମୋଦିତ ବ୍ୟବସ୍ଥାବଳୀକୁ ଅନୁସରଣ କରି ଗଣତି କାର୍ଯ୍ୟ କରାଯିବ। ଏହି ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ଗଣତି ସମୟରେ ଶୃଙ୍ଖଳା ବଜାୟ ରଖିବା ସହ ନିର୍ଦ୍ଧାରିତ ପ୍ରକ୍ରିୟାକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

ଏଲ୍ ନିନୋ ପ୍ରଭାବ

ଶତାବ୍ଦୀର ସବୁଠାରୁ ଗରମ ବର୍ଷ ହେବ ୨୦୨୭

ନୂଆଦିଲ୍ଲୀ,୨୨।୮(ନି.ପ୍ର): ଚଳିତବର୍ଷ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହୋଇଥିବା ଏଲ୍ ନିନୋ ଆଗାମୀ ଦିନରେ ଅତି ଶକ୍ତିଶାଳୀ ରୂପ ଧାରଣ କରିବାକୁ ଯାଉଛି। ଏହା ସମଗ୍ର ବିଶ୍ୱକୁ ପ୍ରଭାବିତ କରିବା ଆଶଙ୍କା କରାଯାଉଛି। ପ୍ରଶାନ୍ତ ମହାସାଗରର ଜଳଭାଗ ଏବେ ସ୍ୱାଭାବିକଠାରୁ ୩ ଡିଗ୍ରୀ ସେଲସିୟସରୁ ଅଧିକ ଗରମ ହେବା ସହ ପୂର୍ବ ସମସ୍ତ ଜଳବାୟୁ ରେକର୍ଡକୁ ଭାଙ୍ଗି ଦେଇଛି। ବ୍ରିଟେନର ପାଣିପାଗ ବିଭାଗ ମେଟ୍ ଅଫିସ୍ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏହି ପ୍ରଭାବ ଯୋଗୁ ଆସନ୍ତା ୨୦୨୭ ବିଶ୍ୱର ସବୁଠାରୁ ଉତ୍ତପ୍ତ ବର୍ଷ ଭାବେ ପରିଗଣିତ ହୋଇପାରେ। ଭାରତରେ ଏହାର ପ୍ରଭାବରେ ମୌସୁମୀ ବର୍ଷା ହ୍ରାସ ପାଇବା ଆରମ୍ଭ ହୋଇଥିବା ବେଳେ ଏହା ଦେଶର ଦୁଇଟି ପ୍ରମୁଖ ଫସଲ ଋତୁ ଉପରେ ଦ୍ୱିଗୁଣିତ ଚାପ ସୃଷ୍ଟି କରିଛି।

ଆମେରିକାର ଜାତୀୟ ପାଣିବାଗ ବିଭାଗର ତଥ୍ୟ ଆଧାରରେ ପ୍ରସ୍ତୁତ କ୍ଲାଇମେଟ୍ ବ୍ରିଙ୍କ୍ ଡ୍ୟାସବୋର୍ଡ ଦର୍ଶାଇଛି ଯେ, ଆସନ୍ତା ନଭେମ୍ବର ମାସ ସୁଦ୍ଧା ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩.୯ ଡିଗ୍ରୀ ସେଲସିୟସ ଅଧିକ ରହିବ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ବୈଜ୍ଞାନିକ ତଥା ଜଳବାୟୁ ନିରୀକ୍ଷଣ ଗ୍ରୁପ୍ ମୁଖ୍ୟ ଓ ପି ଶ୍ରୀଜିତ୍‌ଙ୍କ ସୂଚନା ଅନୁଯାୟୀ, ଭାରତୀୟ ଅଞ୍ଚଳରେ ହେବାକୁ ଥିବା ଆସନ୍ତା ବର୍ଷର ଗ୍ରୀଷ୍ମ ପ୍ରବାହ ଫସଲକୁ ବହୁତ କ୍ଷତି ପହଞ୍ଚାଇବ। ଚଳିତ ବର୍ଷ ସମଗ୍ର ମୌସୁମୀ ଋତୁରେ ସ୍ୱାଭାବିକଠାରୁ ମାତ୍ର ୯୦ ପ୍ରତିଶତ ବର୍ଷା ହେବା ନେଇ ଆକଳନ କରାଯାଇଛି, ଯାହା ବିଗତ ୧୧ ବର୍ଷ ମଧ୍ୟରେ ସର୍ବନିମ୍ନ। ମାତ୍ର ଆଇଆଇଟି କାନପୁରର ପରିଦର୍ଶକ ପ୍ରଫେସର ରଘୁ ମୁର୍ଗୁଗୁଡେ ଚେତାବନୀ ଦେଇଛନ୍ତି ଯେ, ଏହି କାରଣରୁ ଚଳିତ ବର୍ଷର ରବି ଫସଲ ଉତ୍ପାଦନ ଗମ୍ଭୀର ଭାବେ ବାଧାପ୍ରାପ୍ତ ହେବ।

ଡରାଇଲାଣି ଆଉ ଏକ ଲଘୁଚାପ

ଭୁବନେଶ୍ୱର,୨୨।୮(ନି.ପ୍ର): ଗୋଟିଏ ଲଘୁଚାପ ଯାଉ ଯାଉ ଆଉ ଗୋଟିଏ ଲଘୁଚାପର ଆକଳନ। ଏହା ସାଙ୍ଗକୁ ଲଗାଣ ବର୍ଷା ଓ ବନ୍ୟା ସ୍ଥିତି। ପୁଣି ଏକ ଲଘୁଚାପର ସମ୍ଭାବନା ରହିଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ୨୪ ଘଣ୍ଟାରେ ଲଘୁଚାପର ରୂପ ନେଇପାରେ ବୋଲି ଆକଳନ କରାଯାଇଛି। ଏହାର ପ୍ରଭାବରେ ୫ ଦିନ ବର୍ଷା ଜାରି ରହିବ। ପୁଣି ଭିଜିବ ଓଡ଼ିଶା। ୨୮ ତାରିଖ ଯାଏ ବର୍ଷାର ସମ୍ଭାବନା ରହିଛି। ବର୍ଷା ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ଓ ପବନ। ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ବିଜେପି ଯୁବନେତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ
ଜୁଏଲ ଓରାମଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ,୨୨।୮(ନି.ପ୍ର): ସର୍କିଟ ହାଉସରେ ବୁକ୍ କରାଯାଇଥିବା ରମ୍‌ରୁ ବନ୍ଧୁକ ଜବତ ହେବା ପରେ ବିଜେପିର ଯୁବ ନେତା ପ୍ରକାଶ ପାଶୱାନଙ୍କୁ ରାଜ୍ୟ ବିଜେପି ପକ୍ଷରୁ ନିଲମ୍ବନ କରାଯାଇଛି। ଏ ମାମଲାରେ ପୋଲିସ ମଧ୍ୟ ପାଶୱାନଙ୍କୁ ଖୋଜୁଛି। ଏନେଇ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ। ସୋସିଆଲ ମିଡ଼ିଆରେ ପୋଷ୍ଟ କରି ଜୁଏଲ କହିଛନ୍ତି, ପ୍ରକାଶ ପାଶୱାନ ମୋର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଏବଂ ରାଉରକେଲା ମହାନଗର ନିଗମର ପ୍ରତିନିଧି। ସର୍କିଟ୍ ହାଉସ୍ ଘଟଣାରେ ଯଦି ତାଙ୍କ ବିରୋଧରେ କୌଣସି ଅଭିଯୋଗ ରହିଛି, ତେବେ ତାହାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ କରାଯାଉ। ଦୋଷ ପ୍ରମାଣିତ ହେଲେ ଆଇନ ଅନୁଯାୟୀ ଦଣ୍ଡ ଦିଆଯାଉ। ଏଥିରେ ମୋର କୌଣସି ଆପତ୍ତି ନାହିଁ। ଆଇନ ସମସ୍ତଙ୍କ ପାଇଁ ସମାନ ଭାବେ ଲାଗୁ ହେବା ଦରକାର।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ମୁଁ ଗତ ୩୫ ବର୍ଷ ଧରି ନିର୍ବାଚନୀ ରାଜନୀତିରେ ଅଛି ଏବଂ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକଙ୍କ ଆଶୀର୍ବାଦ ମୋ ସହିତ ରହିଛନ୍ତି। ଓଡ଼ିଆ, ଅନ୍ୟ ରାଜ୍ୟର ଲୋକ, ଆଦିବାସୀ, ବଙ୍ଗାଳୀ, ବିହାରୀ କିମ୍ବା ମାରୱାଡ଼ି ସମସ୍ତେ ମୋ ପାଇଁ ସମାନ। ମୁଁ ସମସ୍ତଙ୍କ ସେବା କରିବା ପାଇଁ ନିର୍ବାଚିତ ହୋଇଛି। ଲୋକଙ୍କ ହିତରେ କାମ କରିବା ମୋର ଦାୟିତ୍ୱ। ଏହି ସମୟରେ ମୋର ନାମକୁ ବ୍ୟବହାର କରି ସୂଚନା ଅଧିକାର ଆଇନ ତଥ୍ୟ ମାଧ୍ୟମରେ ଭ୍ରମ ସୃଷ୍ଟି କରିବାର ପ୍ରୟାସ ହେଉଥିଲେ, ତାହାର ମଧ୍ୟ ଯଥାଚିତ ଯାଞ୍ଚ କରାଯିବ। ଉଚିତ। ଯଦି କୌଣସି ବ୍ୟକ୍ତି କିମ୍ବା ସଂସ୍ଥା ଜାଣିଶୁଣି ମୋ ବିରୋଧରେ ଅପପ୍ରଚାର କରୁଥାଏ, ତେବେ ମୁଁ ଆଇନ ଅନୁଯାୟୀ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି। ରାଜନୀତିରେ ବିରୋଧ ରହିବ। ସମାଲୋଚନା ମଧ୍ୟ ହେବ। କିନ୍ତୁ ମିଥ୍ୟା, ଅପପ୍ରଚାର ଓ ଷଡ଼ଯନ୍ତ୍ରକୁ ସହନ କରାଯିବ ନାହିଁ। ସମୟ ବଡ଼ ବଳବାନ। ମୁଁ ସମୟକୁ ଅପେକ୍ଷା କରୁଛି।

ଝୁପି ନିର୍ବାଚନ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା
୫୨ ନେତାଙ୍କୁ ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ

ଲକ୍ଷ୍ନୌ,୨୨।୮(ଏଜେନ୍ସି): ଆଗକୁ ଆସୁଛି ଦେଶର ସବୁଠାରୁ ବଡ଼ ରାଜ୍ୟ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ। ଏହି ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରମୁଖ ରାଜନେତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଉଛି। ୨୦୨୭ରେ ହେବ ଉତ୍ତର ପ୍ରଦେଶ ନିର୍ବାଚନ। ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ବହୁଜନ ସମାଜ ପାର୍ଟି ମୁଖ୍ୟ ମାୟାବତୀଙ୍କ ସମେତ ପ୍ରାୟ ୫୨ ଜଣ ନେତାଙ୍କୁ ଅତିରିକ୍ତ ସୁରକ୍ଷା କବ

ଫ୍ରିଜ୍‌ରେ ଲେମ୍ବୁ ସତେଜ ରଖିବାକୁ ଚାହୁଁଥିଲେ...

ଲେମ୍ବୁ ଏପରି ଏକ ଜିନିଷ ଯାହା ପ୍ରାୟତଃ ପ୍ରତ୍ୟେକ ଘରର ରୋଷେଇ ଘରେ ମିଳିଥାଏ। ସାଲାଡ୍‌ରେ ପକାଇବା, ସରବତ ବନାଇବା, ଚା'ର ସ୍ୱାଦ ବଢ଼ାଇବା କିମ୍ବା କୌଣସି ପନିପରିବା ଓ ଡିସ୍‌ରେ ଖଟାପଣ ଆଣିବା ପାଇଁ ଲେମ୍ବୁର ବ୍ୟବହାର ବହୁତ ପ୍ରକାରରେ ହୋଇଥାଏ। କିନ୍ତୁ ଅନେକ ସମୟରେ ଲୋକେ ଅଭିଯୋଗ କରନ୍ତି ଯେ ଲେମ୍ବୁ ଫ୍ରିଜ୍‌ରେ ରଖିବା ପରେ ବି କିଛିଦିନ ମଧ୍ୟରେ ଶୁଖିବାକୁ ଲାଗେ। ତା'ର ଚୋପା ସଙ୍କୁଚିତ ହୋଇଯାଏ, ଲେମ୍ବୁ ଟାଣ ଅନୁଭବ ହୁଏ ଓ କାଟିଲେ ପୂର୍ବଭଳି ରସ ମଧ୍ୟ ବାହାରେ ନାହିଁ। ଏପରି ପରିସ୍ଥିତିରେ ପ୍ରଶ୍ନ ଉଠେ ଯେ ଲେମ୍ବୁକୁ ଦୀର୍ଘଦିନ ପର୍ଯ୍ୟନ୍ତ କିପରି ତାଜା ଓ ରସିଲା ରଖାଯାଇପାରିବ।

ଲେମ୍ବୁକୁ ଦୀର୍ଘଦିନ ପର୍ଯ୍ୟନ୍ତ ସଠିକ୍ ରଖିବାର ଆରମ୍ଭ କିଣିବା ସମୟରୁ ହିଁ ହୋଇଥାଏ। ବଜାରରୁ ଏପରି ଲେମ୍ବୁ ବାଛନ୍ତୁ ଯାହା ଚକଚକ୍ ହଳଦିଆ ରଙ୍ଗର ହୋଇଥିବ, ଛୁଇଁଲେ ଟାଣ ଲାଗୁଥିବ ଏବଂ ଯାହାର ଚୋପା ବେଶି ସଂକୁଚିତ ହୋଇନଥିବ। ବହୁତ ନରମ, ଦବି ଯାଇଥିବା କିମ୍ବା ଚୋପାରେ ଭଙ୍ଗ ପଡ଼ିଥିବା ଲେମ୍ବୁ ଶୀଘ୍ର ଶୁଖିଯାଇପାରେ। ତାଜା ଓ ସଠିକ୍ ଲେମ୍ବୁ କିଣିବା ପରେ ସେଗୁଡ଼ିକୁ ସଠିକ୍ ଉପାୟରେ ସଂରକ୍ଷିତ କରିବା ମଧ୍ୟ ଜରୁରୀ।

ଫ୍ରିଜ୍‌ରେ ରଖିବାର ସଠିକ୍ ଉପାୟ

ପାଚିଲା ଲେମ୍ବୁକୁ ଦୀର୍ଘଦିନ ପର୍ଯ୍ୟନ୍ତ ତାଜା ରଖିବା ପାଇଁ ଫ୍ରିଜ୍ ଏକ ଭଲ ବିକଳ୍ପ। କିନ୍ତୁ କେବଳ ଫ୍ରିଜ୍‌ରେ ରଖିଦେଲେ ସବୁବେଳେ ଲାଭ ମିଳେନାହିଁ। ସେଗୁଡ଼ିକୁ ଫ୍ରିଜ୍‌ର ଭେଜିଟେବୁଲ୍ କିମ୍ବା କ୍ରିସପର ଡ୍ରୟରରେ ରଖାଯାଇପାରିବ। ଏହି ଅଂଶଟି ଫଳ ଓ ପନିପରିବାକୁ କିଛି ସମୟ ପାଇଁ ଭଲ ସ୍ଥିତିରେ ରଖିବା ପାଇଁ ତିଆରି କରାଯାଇଥାଏ। ଲେମ୍ବୁକୁ କ୍ରିସପର ଡ୍ରୟରରେ ଅଲଗା ଅଲଗା ରଖିପାରିବେ। ଯଦି ଆପଣଙ୍କ ଫ୍ରିଜ୍‌ର ଆର୍ଦ୍ରତା (ମଏଶ୍ଚର) ଓ ପବନ ନିୟନ୍ତ୍ରଣ କରିବାର ସୁବିଧା ଅଛି, ତେବେ ଲେମ୍ବୁ ପାଇଁ କମ୍ ଆର୍ଦ୍ରତା ଥିବା ପରିବେଶ ଭଲ ହୋଇପାରେ। ସଠିକ୍ ସ୍ଥିତିରେ ରଖାଗଲେ ଲେମ୍ବୁ ଅନେକ ସପ୍ତାହ ପର୍ଯ୍ୟନ୍ତ ତାଜା ରହିପାରେ।

ସତେଜ ରଖିବା ପାଇଁ କିଛି ଟିପ୍ସ

ଲେମ୍ବୁ ସଂରକ୍ଷଣ କରିବା ସମୟରେ ଲୋକେ ପ୍ରାୟତଃ ସେଗୁଡ଼ିକୁ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପୂରାଇ ଜୋର୍‌ରେ ବାନ୍ଧି ଦିଅନ୍ତି। କିନ୍ତୁ ଏପରି କରିବା ଦ୍ୱାରା ଭିତରେ ଓଦାପଣ ଜମା ହୋଇପାରେ, ଯାହାଦ୍ୱାରା ଲେମ୍ବୁ ଶୀଘ୍ର ଖରାପ ହେବାର ଆଶଙ୍କା ବଢ଼ିଯାଏ। ଏହା ପରିବର୍ତ୍ତେ ପେପର ବ୍ୟାଗ୍ କିମ୍ବା ପୁନଃବ୍ୟବହାର ଯୋଗ୍ୟ ଜାଲିଦାର ବ୍ୟାଗ୍ ବ୍ୟବହାର କରାଯାଇପାରିବ।

ଏପରି ବ୍ୟାଗ୍‌ରେ ପବନ ଚଳାଚଳ ହୋଇଥାଏ। ଏହାଦ୍ୱାରା ଲେମ୍ବୁ ଚାରିପାଖରେ ଆବଶ୍ୟକତାଠାରୁ ଅଧିକ ଆର୍ଦ୍ରତା ଜମା ହୁଏନାହିଁ। ଲେମ୍ବୁକୁ ବହୁତ ଖୋଲା ଓ ଶୁଖିଲା ସ୍ଥାନରେ ମଧ୍ୟ ଦୀର୍ଘ ସମୟ ରଖିବା ଉଚିତ୍ ନୁହେଁ, କାରଣ ଅଧିକ ପବନ ବାଜିବା ଦ୍ୱାରା ଏହା ଧୀରେ ଧୀରେ ନିଜର ପାଣି ହରାଇଥାଏ ଏବଂ ଶୁଖିବାକୁ ଲାଗେ।

କିଛି ଲୋକ ଗୋଟା ଲେମ୍ବୁକୁ ପାଣି ଭର୍ତ୍ତି ଜାର୍‌ରେ ରଖି ଫ୍ରିଜ୍‌ରେ ଷ୍ଟୋର୍ କରନ୍ତି। ଏହି ଉପାୟରେ ଲେମ୍ବୁ ପାଣି ଭିତରେ ରହୁଥିବାରୁ ତା'ର ଚୋପା ଦୀର୍ଘଦିନ ପର୍ଯ୍ୟନ୍ତ ଶୁଖିବାରୁ ବଞ୍ଚିଥାଏ। ତେବେ ପାଣିକୁ ସଫା ରଖିବା ଜରୁରୀ। ଲେମ୍ବୁର ବାହାର ଅଂଶରେ ଥିବା ମଇଳା କିମ୍ବା ବ୍ୟାକ୍ଟେରିଆ ପାଣିକୁ ଯାଇପାରନ୍ତି। ଯଦି ଆପଣ ଏହି ଉପାୟ ଆପଣାଉଛନ୍ତି, ତେବେ ଲେମ୍ବୁକୁ ରଖିବା ପୂର୍ବରୁ ଭଲ ଭାବରେ ସଫା କରିନିଅନ୍ତୁ ଏବଂ ପାଣି ଓ ଜାର୍‌ର ସଫେଇ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ। ଏହି ଉପାୟରେ ଲେମ୍ବୁକୁ କିଛି ସମୟ ପର୍ଯ୍ୟନ୍ତ ତାଜା ରଖିବାରେ ସାହାଯ୍ୟ ମିଳିପାରେ।

ଲେମ୍ବୁକୁ ଫ୍ରିଜ୍‌ର କେଉଁ ସ୍ଥାନରେ ରଖାଯାଉଛି, ତାହା ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। କଦଳୀ, ସେଓ, ବିଲାତି, ଖରଭୁଜ ଏବଂ ଆଭୋକାଡୋ ଭଳି କିଛି ଫଳ ଓ ପନିପରିବା ଏଥିଲିନ୍ ଗ୍ୟାସ୍ ଛାଡ଼ିଥାନ୍ତି। ଏହି ଗ୍ୟାସ୍ ପାଖରେ ରଖାଯାଇଥିବା ଫଳ ଓ ପନିପରିବାର ପାଚିବା ଏବଂ ଖରାପ ହେବା ପ୍ରକ୍ରିୟାକୁ ଦ୍ରୁତ କରିଦିଏ। ଲେମ୍ବୁ ମଧ୍ୟ ଏହି ଗ୍ୟାସ୍ ପ୍ରଭାବ ପ୍ରତି ସମ୍ବେଦନଶୀଳ ହୋଇପାରେ। ତେଣୁ ସେଗୁଡ଼ିକୁ ଏପରି ଫଳ ଓ ପନିପରିବା ପାଖରେ ରଖିବାରୁ ବଞ୍ଚନ୍ତୁ। ଅଲଗା ସ୍ଥାନରେ ରଖିବା ଦ୍ୱାରା ଲେମ୍ବୁକୁ ଅଧିକ ସମୟ ପର୍ଯ୍ୟନ୍ତ ଭଲ ସ୍ଥିତିରେ ରଖାଯାଇପାରିବ।

ଗୋଟା ଲେମ୍ବୁ ସଂରକ୍ଷଣ କରିବା ସହଜ, କିନ୍ତୁ ଅଧା କିମ୍ବା କଟା ଲେମ୍ବୁ ଶୀଘ୍ର ଶୁଖିଯାଏ। ଯଦି କୌଣସି ରେସିପିରେ ଅଧା ଲେମ୍ବୁ ବ୍ୟବହାର କରିବା ପରେ ବାକି ବଞ୍ଚିଯାଏ, ତେବେ କଟା ଅଂଶକୁ ଖୋଲା ଛାଡ଼ିବାର ଭୁଲ୍ କରନ୍ତୁ ନାହିଁ। କଟା ଅଂଶକୁ ପ୍ଲାଷ୍ଟିକ୍ ରାପ୍ ଦ୍ୱାରା ଭଲ ଭାବରେ ଘୋଡ଼ାଇ ଦିଅନ୍ତୁ ଏବଂ ଏୟାରଟାଇଟ୍ କଣ୍ଟେନରରେ ରଖି ଫ୍ରିଜ୍‌ରେ ରଖନ୍ତୁ। ଏହା ଦ୍ୱାରା ଲେମ୍ବୁର ଖୋଲା ଅଂଶ ସିଧାସଳଖ ପବନ ସଂସ୍ପର୍ଶରେ ଆସିବ ନାହିଁ ଏବଂ ଶୀଘ୍ର ଶୁଖିବାରୁ ବଞ୍ଚିପାରିବ। କଟା ଲେମ୍ବୁକୁ ଅନେକ ଦିନ ରଖିବା ପରିବର୍ତ୍ତେ ଶୀଘ୍ର ବ୍ୟବହାର କରିଦେବା ଭଲ ।

ଦୀପିକାଙ୍କୁ ନେଇ ବଢୁଛି ଚର୍ଚ୍ଚା

ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ପ୍ରଭାସଙ୍କ ଫିଲ୍ମ 'ସ୍ପିରିଟ୍'ରୁ ବିଦା ହେବାକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମର ନିର୍ମାତା ଅଭିନେତ୍ରୀଙ୍କ ବିଷୟରେ ଅନେକ ଅଭିଯୋଗ ଆଣିଛନ୍ତି। ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଭାଇ ପ୍ରଣୟ ରେଡ୍ଡୀ ଭାଙ୍ଗା ଅଭିଯୋଗ କରିଛନ୍ତି ଯେ, ଦୀପିକାଙ୍କୁ ପ୍ରୋଜେକ୍ଟରୁ ବାଦ୍ ଦିଆଯାଇଛି। କାରଣ ସେ ଲାଭର ୧୦% ଅଂଶ ଦାବି କରିଥିଲେ। ଏହି ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଫଳରେ ସେ ଫିଲ୍ମ ସହିତ ଜଡିତ ବ୍ୟକ୍ତିଗତ ସୂଚନା ଲିକ୍ କରିବା ଆରମ୍ଭ କରିଥିଲେ।

ନିକଟରେ ଦୀପିକା ଏକ ଇନଷ୍ଟାଗ୍ରାମ ପୋଷ୍ଟକୁ ଲାଇକ୍ କରିଛନ୍ତି। ପୋଷ୍ଟରେ ଦୀପିକାଙ୍କ 'ସ୍ପିରିଟ୍'ରେ ୧୦% ଲାଭ ଅଂଶ ପାଇଁ ଦାବି ସମ୍ପର୍କରେ ଭାଙ୍ଗା ଭାଇମାନଙ୍କ ବୟାନ ଉପରେ ପ୍ରଶ୍ନ ଉଠାଇଥିଲେ। ପୋଷ୍ଟରେ ଉଲ୍ଲେଖ ଥିଲା ଯେ, ପ୍ରତିକ୍ରିୟାଗୁଡ଼ିକ ଏପରି ମନେ ହେଉଛି ଯେପରି ଦୀପିକା ସମ୍ପୂର୍ଣ୍ଣ ଫିଲ୍ମ ଏବଂ ଭାଙ୍ଗାଙ୍କ ବ୍ୟକ୍ତିଗତ ସମ୍ପତ୍ତି ଦାବି କରିଥିଲେ। ଏହି ସମସ୍ୟା 'ପୁରୁଷ ଅହଂକାର' ଏବଂ 'ମହିଳା ବିଦ୍ୱେଷ'ରୁ ଉତ୍ପନ୍ନ। ଜଣେ ମହିଳା ଏକ ଚୁକ୍ତିକୁ ମନା କରିଦେଇଥିଲେ ଏବଂ କିଛି ଲୋକ ତାଙ୍କୁ 'ନା' କହିବାକୁ ପସନ୍ଦ କରିନଥିଲେ। ଏହି ପୋଷ୍ଟଟି ଦୀପିକାଙ୍କୁ ପସନ୍ଦ ଆସିଥିଲା।

ଦୀପିକାଙ୍କ ଦାବି ମନୋରଞ୍ଜନ ଶିଳ୍ପରେ କିଛି ନୂଆ ନୁହେଁ। ପୁରୁଷ ଅଭିନେତାମାନେ ଫିଲ୍ମ ଲାଭାଂଶ, ସ୍ଥିର କାର୍ଯ୍ୟ ଘଣ୍ଟା ଏବଂ ଅନ୍ୟାନ୍ୟ ସୁବିଧା ପାଉଛନ୍ତି। ଏପରି ସର୍ତ୍ତାବଳୀ ସ୍ଥିର କରୁଥିବା ଜଣେ ପୁରୁଷ ଅଭିନେତାଙ୍କୁ 'ଅନୁଶାସିତ' କିମ୍ବା 'ବୃତ୍ତିଗତ' କାହିଁକି କୁହାଯାଏ। କିନ୍ତୁ ଯେତେବେଳେ ନିଜ ସର୍ତ୍ତାବଳୀରେ କାମ କରିବାକୁ ଜିଦ କରୁଥିବା ଜଣେ ମହିଳାଙ୍କୁ 'କଡ଼ା' କୁହାଯାଉଛି। ଏହା କାହିଁକି ବୋଲି ଦୀପିକା ପ୍ରତିବାଦ କରିଆସୁଛନ୍ତି ।

ବର୍ଷାରେ ଗ୍ଲୋଇଂ ସ୍କିନ୍

- ତ୍ୱଚାକୁ ସୁନ୍ଦର କରିବା ପାଇଁ ପ୍ରଥମେ କ୍ଲିଞ୍ଜର ଲଗାନ୍ତୁ। ଯେକୌଣସି ପ୍ରକାରର ଲାଇଟ୍ କ୍ଲିଞ୍ଜର ବ୍ୟବହାର କରନ୍ତୁ। ଏହାଦ୍ୱାରା ପ୍ରାକୃତିକ ଭାବେ ତ୍ୱଚା ଚିକ୍କଣ ରହିଥାଏ। ତେବେ ମୁହଁକୁ ସଫା କରିବା ପାଇଁ ସବୁବେଳେ ଭଲ କ୍ୱାଲିଟିର କ୍ଲିଞ୍ଜର ବ୍ୟବହାର କରନ୍ତୁ।
- ବର୍ଷାଦିନେ ତ୍ୱଚା ସାମାନ୍ୟ ଢିଲା ହୋଇଥାଏ। ତେଣୁ ପ୍ରତିଦିନ ମଶ୍ଚରାଇଜର ଲଗାନ୍ତୁ। ଫଳରେ ତ୍ୱଚା ସୁନ୍ଦର ଦେଖାଯିବ।
- ବର୍ଷାଦିନେ ବି ବାହାରକୁ ବାହାରିଲେ ସନ୍‌ସ୍କ୍ରିନ ଲୋସନ ଲଗାନ୍ତୁ। ଏହି ଋତୁରେ ତ୍ୱଚା ଅଧିକ ଅଏଲି ଦେଖାଯାଏ, ତେଣୁ ୱାଟରବେସ୍ ସନ୍‌ସ୍କ୍ରିନ ଲୋଶନ ଲଗାଇବା ଦରକାର। ସାଧାରଣତଃ ଖରାଦିନେ ସନ୍‌ସ୍କ୍ରିନ୍ ଲୋସନ ଲଗାଇବା ଦରକାର ବୋଲି ଲୋକେ ଭାବିଥାନ୍ତି। ମାତ୍ର ଏହି ଧାରଣା ଭୁଲ୍। ସବୁ ଋତୁରେ ସନ୍‌ସ୍କ୍ରିନ ଲୋଶନ ଲଗାଇବାକୁ ହୋଇଥାଏ।
- ବର୍ଷାଦିନେ ଯଦି ମେକ୍‌ଅପ୍ ନେଉଛନ୍ତି ତେବେ ବ୍ଲଟିଂ ପେପର ବ୍ୟବହାର କରନ୍ତୁ। ଏଥିରେ ମେକ୍‌ଅପ୍ ଭଲଭାବେ ସେଟ୍ ହୋଇ ରହିବ ଓ ମୁହଁରେ ଥିବା ଅତ୍ୟଧିକ ତୈଳ ଅଂଶ କମ୍ ହୋଇଯିବ।
- ବର୍ଷାଦିନେ ତ୍ୱଚାର ଗ୍ଲୋ ବଢ଼ାଇବା ପାଇଁ ଉଷୁମପାଣିରେ ମୁହଁ ଧୁଅନ୍ତୁ। ଏହା ସହ ମଝିରେ ମଝିରେ ସ୍କ୍ରବ୍ ନିଶ୍ଚୟ କରନ୍ତୁ। ପାଣି ଅଧିକ ପିଅନ୍ତୁ। ଏହା ବ୍ୟତୀତ ଭିଟାମିନ୍ ସି ସେରମ୍ ଲଗାନ୍ତୁ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଥାଏ। ତେଣୁ ଏହା ତ୍ୱଚା ପାଇଁ ବହୁ ଜରୁରୀ। ପ୍ରତିଦିନ ଏହାର ବ୍ୟବହାର ଫଳରେ ସ୍କିନ୍ ଟାଇଟ୍ ହେବା ସହ ବ୍ରଣ ଦାଗ ମଧ୍ୟ ରହିନଥାଏ।

କାହା ପାଇଁ କେଉଁ ଦିଗ ଶୁଭ

ବାସ୍ତୁଶାସ୍ତ୍ରରେ ଗୃହର ସଦସ୍ୟମାନଙ୍କ ସ୍ଥାନ ନିର୍ଦ୍ଦିଷ୍ଟ କରାଯାଇଛି। କେଉଁ ଘରର କେଉଁ ଦିଗରେ କେଉଁ ବ୍ୟକ୍ତି ଅବସ୍ଥାନ କରିବା ବିଧେୟ ତାହା ନିର୍ଣ୍ଣୟ କରାଯାଇଛି। ବାସ୍ତୁ ଅନୁସାରେ ଦକ୍ଷିଣ-ପଶ୍ଚିମ ଦିଗରେ ଗୃହକର୍ତ୍ତା-କର୍ତ୍ତ୍ରୀଙ୍କ ଶୟନକକ୍ଷ ରହିବା ଉଚିତ। ଏହା ଶୁଭ ଫଳ ଦେଇଥାଏ।

- ପଶ୍ଚିମ ବା ଦକ୍ଷିଣ ଦିଗ ହେଉଛି ସନ୍ତାନମାନଙ୍କ ରହିବା ସ୍ଥାନ। ଘରର ବଡ଼ପୁଅର ସ୍ଥାନ ଦକ୍ଷିଣ ଦିଗରେ ହୋଇଥିବା ବେଳେ ସାନପୁଅର ସ୍ଥାନ ଉତ୍ତର-ପଶ୍ଚିମ ବାୟୁ କୋଣରେ ହୋଇଥାଏ।
- ବିବାହିତ ସ୍ୱାମୀ ଓ ସ୍ତ୍ରୀଙ୍କ ଲାଗି ଉତ୍ତର ଦିଗ ଉଦ୍ଦିଷ୍ଟ। ସେହିପରି ଐଶାନ୍ୟ କୋଣ ଗୃହର ଅତିଥିମାନଙ୍କ ପାଇଁ ଶୁଭପ୍ରଦ। ଏହାଦ୍ୱାରା ଗୃହର ସନ୍ତୁଳନ ଠିକ୍ ରହିବ।
- କନ୍ୟାମାନଙ୍କ ପାଇଁ ଉତ୍ତର-ପଶ୍ଚିମ ଦିଗ ଶୁଭ ହୋଇଥାଏ। ବିବାହ ବୟସ ହୋଇଥିବା କନ୍ୟାମାନେ ଉତ୍ତର-ପୂର୍ବ କୋଣରେ ଶୟନ କଲେ ଯଥାଶୀଘ୍ର ବିବାହ ହୋଇଥାଏ।
- ଛୋଟ ପିଲାଙ୍କ ଶୟନ ସ୍ଥାନ ଦକ୍ଷିଣରେ କିମ୍ବା ପଶ୍ଚିମରେ ଶୁଭ ହୋଇଥାଏ। ପାଠ ପଢ଼ିବା ବେଳେ ପୂର୍ବ ଓ ଦକ୍ଷିଣ ଦିଗକୁ ମୁହଁକରି ପାଠ ପଢ଼ିବା ଉଚିତ। ପାଠପଢ଼ା କକ୍ଷରେ ଆଲୋକ ଓ ବାୟୁ ଚଳାଚଳର ଆବଶ୍ୟକତା ରହିଛି।
- ଘରେ ରୋଗଗ୍ରସ୍ତ ସଦସ୍ୟ ନୈବେଦ୍ୟ କୋଣରେ ରହିବା ଅନୁଚିତ। ଏହାଦ୍ୱାରା ଅଧିକ ଅସୁସ୍ଥ ହେବାର ଆଶଙ୍କା ଥାଏ।
- ଘରେ କାମ କରୁଥିବା ବ୍ୟକ୍ତିବିଶେଷଙ୍କୁ ଅଗ୍ନିକୋଣର ପୂର୍ବ ଭାଗରେ ସ୍ଥାନ ଦେଲେ ସେମାନେ ସୁଖ ଲାଭ କରିଥାଆନ୍ତି।
- ଗୃହପାଳିତ ପଶୁ, କୁକୁରଙ୍କୁ ଘରର ଦ୍ୱାର ମୁହଁରେ ରଖିବା ଉଚିତ। ନହେଲେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ମିଳିନଥାଏ। ବିଲେଇ ଘର ପାଇଁ ଅଶୁଭ ହୋଇଥାଆନ୍ତି।
- ଘରର ପୂର୍ବ ଭାଗରେ ଶୁଆକୁ ରଖିପାରିବା ଓ ତାକୁ ପଞ୍ଜୁରି ଭିତରେ ନରଖି ଖୋଲା ରଖିବା ଦରକାର।
- ଶୋଇବା କକ୍ଷରେ ଗୃହକର୍ତ୍ତା ମୁଣ୍ଡ ପୂର୍ବ ଓ ଦକ୍ଷିଣକୁ କରି ଶୋଇବା ଉଚିତ। ଏହି ଘରେ ୯ଟି ମୟୂରପଙ୍ଖ ଦକ୍ଷିଣ-ପଶ୍ଚିମ ନୈବେଦ୍ୟ କୋଣରେ ରଖିଲେ ସେମାନେ ଦୀର୍ଘାୟୁ ରହିଥାନ୍ତି। ଐଶାନ୍ୟ କୋଣରେ ମୟୂରପଙ୍ଖ ରଖିଲେ ଗୃହକୁ କୌଣସି ଭୌତିକ ଶକ୍ତି ପ୍ରବେଶ କରିନଥାଏ।
- ଗୃହର ପ୍ରବେଶ ଦ୍ୱାରରେ ବାଉଁଶର ବଇଁଶୀ ଓ ମୟୂରଚନ୍ଦ୍ରିକା ରଖିଲେ ଶୁଭଶକ୍ତି ଆସିଥାଏ। ଗୃହର ଦ୍ୱାରଦେଶରେ 'ଓଁ' ଅଙ୍କନ କଲେ ଗୃହକୁ ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ।
- ଘରର ଝାଡୁକୁ ଲୁଚେଇକି ରଖିବା ଉଚିତ ଓ ଏଥିରେ ପାଦ ପୋଛିବା ଅନୁଚିତ। ଆର୍ଥିକ ଅନଟନ ଦେଖାଦେଉଥିଲେ ଘରର ନୈବେଦ୍ୟ କୋଣରେ ୭ଟି ଲବଙ୍ଗ, ୭ଟି ଗୁଜୁରାତି, ୨ଟି ଡାଲଚିନି ଓ ଶ୍ରୀକର୍ପୁର ରଖିବା ଦ୍ୱାରା ଆର୍ଥିକ ଅବସ୍ଥା ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି।

ଇଣ୍ଟରଭିୟୁରେ ସଫଳତା ପାଇଁ...

ଶିକ୍ଷାଗତ ଯୋଗ୍ୟତା ସତ୍ତ୍ୱେ ଅନେକ ସମୟରେ ଇଣ୍ଟରଭିୟୁରେ ବିଫଳତା ମିଳିଥାଏ। ତେବେ ଏଥିରେ ସଫଳ ହେବା ପାଇଁ ବିଭିନ୍ନ ଦିଗରୁ ପ୍ରସ୍ତୁତି କରିବାକୁ ହେବ। ସାକ୍ଷାତକାର ଦେବାକୁ ଯିବା ପୂର୍ବରୁ ସର୍ବପ୍ରଥମେ କେଉଁ ସବୁ ବିଷୟରେ ଆପଣଙ୍କୁ ପ୍ରଶ୍ନ ଆସିବ ସେନେଇ ପ୍ରସ୍ତୁତ ହୁଅନ୍ତୁ।

- ନିଜର ଆଗ୍ରହ ଥିବା କ୍ଷେତ୍ରରେ ହିଁ କ୍ୟାରିୟର ଚୟନ କରନ୍ତୁ। ଫଳରେ ଏ କ୍ଷେତ୍ରରେ ଆପଣ ନିଜ ଆଡୁ ଭିନ୍ନ କିଛି କରିବା ପାଇଁ ପ୍ରୟାସ କରିବେ। ଫଳରେ ଆପଣ ଏ କ୍ଷେତ୍ରରେ ନିଜକୁ ଇଣ୍ଟରଭିୟୁରେ ଯୋଗ୍ୟ ପ୍ରମାଣିତ କରିପାରିବେ।
- ସାକ୍ଷାତକାର ନିମନ୍ତେ ପ୍ରତିଦିନ ଅଭ୍ୟାସ କରନ୍ତୁ। କିଭଳି ସମସ୍ତଙ୍କ ସାମ୍ନାରେ କହିବେ ସେକଥା ଭାବି ପ୍ରସ୍ତୁତ ହୁଅନ୍ତୁ। ସଫଳ ନହେବା ପର୍ଯ୍ୟନ୍ତ ବାରମ୍ବାର ବିଷୟବସ୍ତୁ ପଢ଼ନ୍ତୁ। ଏହାସହ ନିଜ ବ୍ୟକ୍ତିତ୍ୱ ବଢ଼ାଇବାକୁ ପ୍ରୟାସ କରନ୍ତୁ।



- ସାକ୍ଷାତକାରକୁ ଯିବା ସମୟରେ ପରିଧାନର ଏକ ବିଶେଷ ଗୁରୁତ୍ୱ ରହିଥାଏ। ସେଥିପ୍ରତି ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ। ଯେଉଁ କମ୍ପାନୀକୁ ଇଣ୍ଟରଭିୟୁ ଦେବାକୁ ଯାଉଛନ୍ତି ସେଠି ଅନ୍ୟମାନେ କିଭଳି ପୋଷାକ ପିନ୍ଧୁଛନ୍ତି ଲକ୍ଷ୍ୟ କରନ୍ତୁ। ସେହି ଅନୁସାରେ ନିଜେ ପ୍ରସ୍ତୁତ ହୋଇ ଯାଆନ୍ତୁ।
- ଏହି ସମୟରେ ଆତ୍ମବିଶ୍ୱାସ ହରାନ୍ତୁ ନାହିଁ। କୌଣସି ବିଷୟରେ ଜାଣିନାହାନ୍ତି ଭାବି ଆଦୌ ନର୍ଭସ ହୁଅନ୍ତୁ ନାହିଁ। ବରଂ ଆତ୍ମବିଶ୍ୱାସ ଥିବା ଅନୁଭବ କଲେ ଆପଣ ସଫଳ ହୋଇପାରିବେ।

କିପରି କଟିବ ଆଜିର ଦିନ

୨୩ ଅଗଷ୍ଟ ୨୦୨୬

ମେଷ: ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ଆକସ୍ମିକ ସ୍ଥାନ ପରିବର୍ତ୍ତନର ଆଭାସ ପାଇପାରନ୍ତି। ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ।

ବୃଷ: ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନୋବଳ ଖୁବ୍ ଟାଣ ରହିବ ଓ ଅଟକି ଥିବା କାମକୁ ଶେଷ କରିପାରିବେ। ପରିବାରରେ ସମସ୍ୟା ଥିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ରଖିବେ।

ମିଥୁନ: କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢି ବଡ ବଡ ଆକାର ଧାରଣ କରିବାର ସମ୍ଭାବନା ରହିଛି। ଜଗିରଖି ଚଳିବାକୁ ପଡ଼ିବ।

କର୍କଟ: ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଭୁଲ୍ ବୁଝାମଣାରୁ ପାରିବାରିକ କଳହଜନିତ ମନ ଅଶାନ୍ତ ରହିବ। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ପଡିପାରନ୍ତି।

ସିଂହ: କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି। ବନ୍ଧୁ ଓ ପରିଜନଙ୍କ ସହିତ ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ପାଇପାରିବେ।

କନ୍ୟା: ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ବାହାର କରିବେ । ବନ୍ଧୁଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରି ଖୁସି ହେବେ । ଅର୍ଥ ସଙ୍କଟକୁ ସହକର୍ମୀ ଦୂରେଇ ନେବାର ପ୍ରତିଶ୍ରୁତି ଦେବେ ।

ତୁଳା: ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ହୋଇପାରେ। ବନ୍ଧୁଙ୍କ ଆତ୍ମୀୟତାପୂର୍ଣ୍ଣ ମନୋଭାବ ନଥିବା ଅନୁଭବ କରିପାରନ୍ତି ।

ବିଛା: କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

ଧନୁ: ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ

ନୟାଗଡ଼ କଲେଜରେ ଶିକ୍ଷାଦାନ ସମୟ ନିର୍ଘଣ୍ଟରେ ଅବ୍ୟବସ୍ଥା ଅଭିଯୋଗ

ନୟାଗଡ଼, ୨୨।୮ (ନିପ୍ର): ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଶିକ୍ଷାଦାନ ସମୟ ସକାଳ ସାତଟାରୁ ଆରମ୍ଭ କରିବା ଏବଂ ପୂର୍ବାହ୍ନ ଭିତରେ ପ୍ରାୟ ସମସ୍ତ କ୍ଲାସ୍ ଶେଷକରି ଅପରାହ୍ନ ସମୟ ଫାଙ୍କା ରଖିବା ପଛରେ ଯେଉଁ ଦୁରଭିସନ୍ଧି କାମକରୁଛି, ତାହା ସୁସ୍ଥ ଶିକ୍ଷାଦାନ ପ୍ରକ୍ରିୟାର ପରିପନ୍ଥୀ ବୋଲି ବିଶିଷ୍ଟ ବାମପନ୍ଥୀ ନେତା ତଥା ପୂର୍ବତନ ଛାତ୍ର ନେତା ବିଶ୍ୱନାଥ ମହାପାତ୍ର କ୍ଷୋଭ ପ୍ରକାଶ କରିଛନ୍ତି । କଲେଜରେ ଆବଶ୍ୟକୀୟ ଶ୍ରେଣୀଗୃହର ଅଭାବ ନଥିଲା ବେଳେ ସକାଳ ନଅଟା ପରେ କ୍ଲାସ୍ ଆରମ୍ଭ କରି ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ଚଳେଇଲେ ଆଖପାଖ ଓ ଦୂର ଦୂରାନ୍ତରୁ ଛାଟିପିଟି ହୋଇ ଦୌଡ଼ୁଥିବା ଛାତ୍ର ଛାତ୍ରୀ ମାନେ ହଟହଟାରୁ ରକ୍ଷା ପାଇପାରନ୍ତେ। ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକୁ ସହଯୋଗ କରିବା ପାଇଁ ତଥା ଘରୋଇ କୋଚିଂ ବ୍ୟବସ୍ଥା ସହିତ ସଂପୃକ୍ତ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ସୁବିଧା ଦେବାପାଇଁ ବିଧିସମ୍ମତ ସମୟ ନିର୍ଘଣ୍ଟକୁ ବିଶୃଙ୍ଖଳିତ କରିବା ଦ୍ୱାରା ପରୋକ୍ଷରେ ଶିକ୍ଷାର ଘରୋଇକରଣକୁ ଉତ୍ସାହିତ କରାଯାଇ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ନ୍ୟୁନ କରାଯାଉଛି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି !

ନୟାଗଡ଼ ମହାବିଦ୍ୟାଳୟ ସମସ୍ତ ଶୈକ୍ଷିକ ଭିତ୍ତିଭୂମି ସୁଦୃଢ ଥିବା ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଓଡିଶାରେ। ଏହାର ଶ୍ରେଣୀ ଶିକ୍ଷାଦାନକୁ ଲଘୁକରି କୋଚିଂ ବ୍ୟବସ୍ଥାକୁ ଗୁରୁତ୍ୱ ଦେଲେ ସ୍ୱଚ୍ଛଳ ବର୍ଗର ପିଲାମାନେ କିଛି ଲାଭବାନ ହୋଇପାରନ୍ତି, ଉତ୍ତୀର୍ଣ୍ଣ ଫଳାଫଳରେ କିଛି ରେକର୍ଡ ସୃଷ୍ଟି କରିପାରନ୍ତି । ମାତ୍ର ସାଧାରଣ ବର୍ଗର ପିଲାମାନେ ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଛନ୍ତି । ଏପରି ବ୍ୟବସ୍ଥା ନେଇ ପରିଚାଳନା ପରିଷଦ ବିଚାର କରିବା ଦରକାର । ଯେଉଁ ଶିକ୍ଷକ ଓ ଶିକ୍ଷାକର୍ମୀମାନେ ଆର୍ଥିକ ଅବିଚାରର ସମ୍ମୁଖୀନ ହେଉଛନ୍ତି ବେତନରେ, ସେମାନଙ୍କୁ ନ୍ୟାୟସଙ୍ଗତ ପ୍ରାପ୍ୟ ଦେବାକୁ ହେବ । ବାୟୋମେଟ୍ରିକ୍ ଉପସ୍ଥାନ ପାଠଦାନ ନିଶ୍ଚୟତାର ଏକମାତ୍ର ମାପକାଠି ନୁହେଁ । ନୟାଗଡ଼ କଲେଜ ଭଳି ଏକ ଖ୍ୟାତି ସଂପନ୍ନ ଶିକ୍ଷାନୁଷ୍ଠାନର ମାନବୃଦ୍ଧି ପାଇଁ ଶିକ୍ଷା ନିର୍ଘଣ୍ଟର ସଂଶୋଧନ ସହିତ ଶ୍ରେଣୀଶିକ୍ଷାର ବାସ୍ତବବାଦୀ ତତ୍ତ୍ୱାବଧାନରେ କଡାକଡି କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।

ଶ୍ରୀକୃଷ୍ଣ ପାତ୍ରଙ୍କ ଦ୍ୱାରା ଲିଖିତ ଦି ଭାରତ ମଡେଲ: ନାଭିଗେଟିଂ ୨୧ଶ୍ଚ ସେଞ୍ଚୁରୀ ପୁସ୍ତକ ଉନ୍ମୋଚନ କଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୨୨।୮ (ଏଜେନ୍ସି): ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଠାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ର ଶ୍ରୀକୃଷ୍ଣ ପାତ୍ରଙ୍କ ଦ୍ୱାରା ଲିଖିତ ଦି ଭାରତ ମଡେଲ: ନାଭିଗେଟିଂ ୨୧ଶ୍ଚ ସେଞ୍ଚୁରୀ ପୁସ୍ତକ ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକଟି ବିକସିତ ଭାରତର ଲକ୍ଷ୍ୟ ପୂରଣ କରିବା ଦିଗରେ ଭାରତର ଯାତ୍ରା ପାଇଁ ଏକ ଯୁବ–ନେତୃତ୍ୱାଧୀନ ଦୃଷ୍ଟିକୋଣ ପ୍ରଦାନ କରେ। ଉନ୍ମୋଚନ ଅବସରରେ ଧର୍ମେନ୍ଦ୍ର ପ୍ରଧାନ ଏବଂ ଯୁବ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ପୁସ୍ତକର ବିଷୟବସ୍ତୁ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଯୁବ ଲେଖକ ଶ୍ରୀକୃଷ୍ଣ ରଞ୍ଜନ ପାତ୍ରଙ୍କୁ କମ୍ ବୟସରେ ଏପରି ଏକ ରାଷ୍ଟ୍ର ସମ୍ପର୍କିତ ପୁସ୍ତକ ଲେଖି ଥିବାରୁ ଶ୍ରୀ ପ୍ରଧାନ ସାଧୁବାଦ ଜଣାଇଥିଲେ।

ପଞ୍ଜୀକରଣ ପାଇଁ ସର୍ଭର ଡାଉନ ବାଧକ : ୬୨% ଚାଷୀ ହତାସ୍

ଅସ୍ତରଙ୍ଗ, ୨୨।୮ (ନିପ୍ର): ଖରିଫ ଧାନ ମଣ୍ଡି ପୂର୍ବରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା ଭୁଶୁଡି ପଡିଛି। ସରକାର ଡିଜିଟାଲ୍ ବ୍ୟବସ୍ଥା ଓ ସ୍ୱଚ୍ଛତା କଥା କହୁଥିବା ବେଳେ ବାସ୍ତବ ଚିତ୍ର ଓଲଟା। ଗୋଟିଏ ପ୍ୟାକ୍ସକୁ ଗୋଟିଏ ଆଇଡି, ଘଣ୍ଟା ଘଣ୍ଟା ସର୍ଭର ଡାଉନ୍ ଓ ନୂଆ ଫର୍ମାଟ୍ ଯୋଗୁଁ ଚାଷୀ ଦିନ ସାରା ପ୍ୟାକ୍ସ ଆଗରେ ଧାଡିରେ ଛିଡା ହେଉଛନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୦ଟି ପ୍ୟାକ୍ସରେ ଗତ ବର୍ଷ ୩୨୦୪ ଜଣ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଅଗଷ୍ଟ ୨୦ ସୁଦ୍ଧା ମାତ୍ର ୧୨୧୫ ଜଣ, ମାନେ ୩୮% ହୋଇଛି। ଆଉ ୧୦ ଦିନ ପରେ ଶେଷ ତାରିଖ, ହେଲେ ଏଯାଏ ୧୯୮୯ ଜଣ ଅର୍ଥାତ ୬୨% ଚାଷୀ ବାଦ୍ ପଡିଛନ୍ତି।

ନୂଆ ନିୟମ ଅନୁଯାୟୀ ଜଣେ ଚାଷୀଙ୍କ ଡାଟା ସବମିଟ୍ ପରେ ଆଉ ଜଣଙ୍କ ଏଣ୍ଟ୍ରି ହେବା ସାଙ୍ଗକୁ ଆଇ–ସ୍କାନ୍, ଫଟୋ ଅପଲୋଡ୍ା ଫଳରେ ସକାଳ ୯ରୁ ରାତି ୧୧ ଯାଏଁ ବସିଲେ ବି ଦିନକୁ ୧୫–୨୦ରୁ ଅଧିକ ହେଉନାହିଁ। ବିଲରେ ଧାନ ରୁଆ ଚାଲିଥିବା ବେଳେ ଚାଷୀ ପ୍ୟାକ୍ସ ଆଗରେ ବସିବା କେତେ ଯୁକ୍ତିଯୁକ୍ତଏ ନେଇ ଚାଷୀ ଭଗବାନ ବିଶ୍ୱାଳ କହିଛନ୍ତି, ୩ ଦିନ ହେଲା ଆସୁଛୁ, ସର୍ଭର ନାହିଁ। ଏହା ଚାଷୀ ମାରଣ ନୀତି। ଅକ୍ଷୟ ପତି କହିଛନ୍ତି, ଗୋଟିଏ ପ୍ୟାକ୍ସରେ ୩୦୦–୪୦୦ ଚାଷୀ, ଗୋଟିଏ ଆଇଡିରେ କେମିତି ହେବ ଏ ନେଇ ସମବାୟ ସମିତି ଉପ ନିବନ୍ଧକ ଙ୍କ ମତାମତ ମିଳିପାରିନାହିଁ। ଚାଷୀଙ୍କ ଦାବି କରିଛନ୍ତି – ପ୍ରତି ପ୍ୟାକ୍ସରେ ୩ଟି ଆଇଡି, ସର୍ଭର ସୁଧାର ଓ ତାରିଖ ୧୫ ଦିନ ବଢାଯାଉ।

ଦୁର୍ବୁତ୍ତଙ୍କ ଆକ୍ରମଣରେ ୩ ଗୁରୁତର, ୨ ଅଟୋ ଚୁରମାର

ପିପିଲି, ୨୨।୮ (ନି.ପ୍ର): ପିପିଲି ଥାନା କଣ୍ଟପୁର ନିକଟରେ ଆଜି ଭୋର ପ୍ରାୟ ସାଢ଼େ ୩ଟା ସମୟରେ ଦୁର୍ବୁତ୍ତଙ୍କ ଆକ୍ରମଣରେ ୩ଜଣ ଗୁରୁତର ଆହତ ହୋଇଥିବାବେଳେ ସେମାନଙ୍କ ର ୨ଟି ଡାଲା ଅଟୋ ଭାଙ୍ଗି ଚୁରମାର ହୋଇଯାଇଛି । ଆହତ ମାନେ ହେଲେ ପିପିଲି ଥାନା ସିରିଆପୁର ଅଞ୍ଚଳର ମହମ୍ମଦ ଆଖ୍ତାର(୬୫), ମହମ୍ମଦ ଫଇଜୁଦିନ(୫୫), ଏବଂ ଡେଲାଙ୍ଗ ଆଙ୍କଇ ଗାଁର ବନା ବେହେରା (୬୦)। ଏମାନେ ବିଳମ୍ବିତ ରାତିରେ ଗୋରୁ ଚାଲାଣ କରୁଥିଲେ ବୋଲି କୁହାଯାଉଛି। ସ୍ଥାନୀୟ ଗୋ ସୁରକ୍ଷା କର୍ମୀମାନେ ଆକ୍ରମଣ କରିଥିବା ଆହତଙ୍କ ସମ୍ପର୍କୀୟ କହିଛନ୍ତି। ଖବର ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଆହତ ଉକ୍ତ ମାନଙ୍କୁ ପିପିଲି ହସ୍ପିଟାଲ ପଠାଇ ୨ଟି ଅଟୋ କୁ ଜବତ କରିଛି। ଆହତ ମାନଙ୍କର ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ

କଣ୍ଟିଲୋ,୨୨।୮(ନି.ପ୍ର) ଚଳିତ ବର୍ଷ ଖଣ୍ଡପଡ଼ା ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଆସନ୍ତା ୨୫ ତାରିଖରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବିଡିଓ ଅଙ୍କୁର ଅଭିଳାଷ,ଏବିଡିଓ ଝାଡ଼େଶ୍ୱର ଦାଶଙ୍କ ସମେତ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ଅଧିକାର ଅଧିନିୟମ ୨୦୧୬ ଅନୁଯାୟୀ ଅନଲାଇନ ଜରିଆରେ ଆବେଦନ କରି ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ କରାଯାଇଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ପ୍ରାରମ୍ଭିକ ଭାବେ ଖଣ୍ଡପଡା ବ୍ଲକ ଅଧୀନ ୨୨ ଟି ପଞ୍ଚାୟତରୁ ୧୬୫ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଆବେଦନପତ୍ର ଗ୍ରହଣ କରାଯାଇଥିବା ନେଇ ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଥିଲେ।ଏ ଅବସରରେ ସାଧାରଣରେ ସଚେତନତା ସୃଷ୍ଟି ନିମନ୍ତେ ଏକ ଗାଡି ଆସନ୍ତା ୨୧ ତାରିଖ ଶୁକ୍ରବାର ଠାରୁ ୪ ଦିନ ଧରି ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରି ଜନସାଧାରଣଙ୍କୁ ଆୟୋଜିତ ଶିବିର ସଂର୍ପକରେ ସଚେତନ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।କାର୍ଯ୍ୟକ୍ରମ ଅଧିକାରୀଣି ମିତାଲି ମିଶ୍ର ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

କ୍ଲାଇମେଟ ପଞ୍ଚାୟତ କାର୍ଯ୍ୟକ୍ରମ ଅନୁଷ୍ଠିତ

ଦଶପଲ୍ଲା, ୨୨।୮ (ନିପ୍ର): ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ କୃଷ୍ଣ ପ୍ରିୟା ମହାବିଦ୍ୟାଳୟ ପରିସରରେ ଆଜି ପୁନଶ୍ଚ ପୃଥିବୀ (କ୍ଲାଇମେଟ ପଂଚାୟତ)କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ସମାଜ ସେବୀ ସନ୍ତୋଷ କୁମାର ସାହୁ,ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା, ଦଶପଲ୍ଲା ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ, କୃଷ୍ଣ ପ୍ରିୟା ଦେବୀ ମହିଳା ବିଦ୍ୟାଳୟ ର ଅଧକ୍ଷା ଡଃ ପୂର୍ଣ୍ଣମାସୀ ଦେବୀ ଯୋଗ ଦେଇଥିଲେ।ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହେବା ସହିତ ସମ୍ବାଦ ସାହିତ୍ୟ ଘର ଦଶପଲ୍ଲାର ସଭାପତି, ପରିବେଶ ଉପରେ କିତା ଓ ଦିଗଦର୍ଶକ ଦେଇଥିଲେ। ଏଥିସହିତ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ ପ୍ରଫୁଲ୍ଲ ଦାସ, ପ୍ରଭାତ କୁମାର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

୭ ବର୍ଷ ପରେ ନୀଳମାଧବ ମନ୍ଦିର ପରିଚାଳନା କମିଟି ଗଠିତ

କଣ୍ଟିଲୋ, ୨୨।୮(ନି.ପ୍ର) : ମହାପ୍ରଭୁ ଶ୍ରୀ ନୀଳମାଧବଙ୍କ ସମସ୍ତ ରୀତିନୀତିର ସୁପରିଚାଳନା ପାଇଁ ଦୀର୍ଘ ୭ ବର୍ଷ ପରେ ୯ ଜଣ ସଭ୍ୟଙ୍କୁ ନେଇ ପରିଚାଳନା କମିଟି ଗଠନ କରି ଖଣ୍ଡପଡା ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡା ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ ଚଳିତ ମାସ ୧୯ ତାରିଖରେ ପୂଜକ ସମାଜ ସଭାପତିଙ୍କ ନିକଟକୁ ଏକ ଚିଠି ପ୍ରେରଣ କରିଥିବା ଜଣାପଡ଼ିଛି। କମିଟି ଗଠନ କରିବାରେ ଅହେତୁକ ବିଳମ୍ବ ହେତୁ ମନ୍ଦିରର କାର୍ଯ୍ୟ ପରିଚାଳନାରେ ସର୍ବଦା ବିଶୃଙ୍ଖଳା ସୃଷ୍ଟି ହେଉଥିବାକୁ ନେଇ ସେବାୟତମାନେ ବାରମ୍ବାର ବିଭାଗୀୟ ଅଧିକାରୀ, ବିଧାୟକ ଓ ଭିନ୍ନ ଭିନ୍ନ ସମୟରେ ଆସୁଥିବା ମନ୍ତ୍ରୀ ମାନଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ବିଳମ୍ବ ହେଲେ ମଧ୍ୟ ପରିଚାଳନା କମିଟି ଗଠନ ହୋଇଥିବାରୁ ସେମାନେ ଖୁସି ଥିବାର ଜଣାପଡିଛି। ଦୀର୍ଘ ବର୍ଷ ପରେ ନୟାଗଡ ଦେବୋତ୍ତର ଇନ୍ସପେକ୍ଟରଙ୍କ ରିପୋର୍ଟ କୁ ଆଧାର କରି ଦେବୋତ୍ତର କମିଶନର ଓଡ଼ିଶା ଙ୍କ କାର୍ଯ୍ୟାଳୟ ପତ୍ର ନମ୍ବର ୨୩୭/୨୬ ଅନୁଯାୟୀ ୯ ଜଣିଆ କମିଟି ଗଠନ କରାଯାଇଛି।ଉକ୍ତ କମିଟିରେ ବିଧାୟକ ଖଣ୍ଡପଡା,୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟା, ସରପଞ୍ଚ କଣ୍ଟିଲୋ, ସମିତି ସଭ୍ୟା କଣ୍ଟିଲୋ, ବିଡିଓ ଖଣ୍ଡପଡା, ଅତିରିକ୍ତ ତହସିଲଦାର, ସ୍ଥାନୀୟ ଫାଣ୍ଡି ଅଧିକାରୀ, ନୀଳମାଧବ ପୂଜକ ସମାଜ ସଭାପତି ଓ ସମ୍ପାଦକଙ୍କୁ ନେଇ ମନ୍ଦିର ପରିଚାଳନା କମିଟି ଗଠନ କରାଯାଇଛି। ଏହି କମିଟିର କାର୍ଯ୍ୟକାଳ ୨ ବର୍ଷ ବୋଲି ଜଣାପଡିଛି। ଗତ ଜୁନ୍ ମାସ ୨ ତାରିଖରେ ଇସ୍ୟୁ ହୋଇଥିବା ଚିଠି ବିଳମ୍ବରେ ଦେବୋତ୍ତର ବିଭାଗ ପ୍ରଦାନ କରିଥିବାକୁ ନେଇ ସେବାୟତ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଜଣ୍ଡିସରେ ୭ ଆକ୍ରାନ୍ତ ବିଦ୍ୟାଳୟ ୧୫ଦିନ ବନ୍ଦ ନିର୍ଦ୍ଦେଶ

ବୋଲଗଡ଼ (ନି.ପ୍ର): ବୋଲଗଡ ଗୋଷ୍ଠୀ ଶିକ୍ଷା ମଣ୍ଡଳ ର ମୁଗମଣ୍ଡ । ଦେବଗୁରୁ ଆଦର୍ଶ ବିଦ୍ୟାଳୟରେ ଜଣ୍ଡିସ ଚିହ୍ନଟ କରାଯାଇଛି। ୭ଜଣ ଛାତ୍ରଛାତ୍ରୀ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡିଛି। ଫଳରେ ସତର୍କତା ସ୍ୱରୂପ ବିଦ୍ୟାଳୟକୁ ୧୫ଦିନ ପାଇଁ ବନ୍ଦ କରିଦିଆଯାଇଛି। ଛାତ୍ରାବାସକୁ ବନ୍ଦ କରାଯାଇଛି। ବିଦ୍ୟାଳୟ ପରିସରକୁ ଶୋଧନ କରାଯାଇଛି। ବିଦ୍ୟାଳୟ ପରିସରରେ ଥିବା ଖୋଲା କୂଅ ଜଳରୁ ସଂକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ବାଂକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଅସିତ ମୋହନ ମହାପାତ୍ର ଡାକ୍ତରୀ ଦଳ ନେଇ ଛାତ୍ରଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ କରାଯାଉଥିବା ପ୍ରକାଶ କରିଛନ୍ତି। ସେହିପରି ବିଇଓ ପ୍ରମୋଦ କୁମାର ସ୍ୱାଇଁ ବିଦ୍ୟାଳୟକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ତେଣୁ ବିଦ୍ୟାଳୟକୁ ୧୫ଦିନ ପାଇଁ ବନ୍ଦ କରି ଆଭାସୀ ମାଧ୍ୟମରେ ଶିକ୍ଷାଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି।

ତମାଖୁ ବର୍ଜନ ନେଇ ଛାତ୍ରଛାତ୍ରୀଙ୍କ ସଚେତନତା କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୨୨।୮ (ନି.ପ୍ର): ଖଣ୍ଡପଡ଼ା ସହରସ୍ଥିତ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତମାଖୁ ସେବନ ବର୍ଜନ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରୁ ହାତରେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ଅବସରରେ ତମାଖୁ ସେବନର ଭୟାବହତା ନେଇ ସହରବାସୀ ଓ ଯୁବ ପିଢୀଙ୍କୁ ସଚେତନ କରିଥିଲେ।ସେହିପରି ତମାଖୁ ସେବନ ବର୍ଜନ ନେଇ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରା ଜରିଆରେ ସବୁ ବର୍ଗର ଲୋକମାନଙ୍କୁ ଅନୁରୋଧ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲିପସା ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସ୍କାଉଟ୍ସ ଶିକ୍ଷକ ପ୍ରତାପ କୁମାର ବେହେରା, ଗାଇଡ୍ସ କ୍ୟାପଟେନ କବିତା ଜେନା, ଶିକ୍ଷକ ରାଜକିଶୋର ବେହେରା ପ୍ରମୁଖଙ୍କ ଗହଣରେ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜଣାପଡିଛି।

ସ୍କିଲ ଇଣ୍ଡିଆର ବାର୍ଷିକ ଉତ୍ସବ

ଜଟଣୀ, ୨୨।୮ (ନି.ପ୍ର): ଜଟଣୀ ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର (ସ୍କିଲ ଇଣ୍ଡିଆ) ଠାରେ ୨୦ ତାରିଖ ଗୁରୁବାର ଦିନ ୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହୋଇଯାଇଛି । ଇଣ୍ଡିଆନ ଅଏଲ ଦ୍ୱାରା ପରିଚାଳିତ ଏହି ଅନୁଷ୍ଠାନର ବାର୍ଷିକ ଉତ୍ସବରେ ଓଡିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଭାରତ ସରକାରଙ୍କ ସ୍କିଲ ଇଣ୍ଡିଆ ମିଶନ ଅଧୀନରେ ଯୁବପିଢିଙ୍କୁ ଶିଳ୍ପ ଉପଯୋଗୀ ଦକ୍ଷତାରେ ସଶକ୍ତ କରିବା ସହ ସେମାନଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବା ଉଦ୍ଦେଶ୍ୟ ନେଇ ଏହି ଅନୁଷ୍ଠାନ ଆଗେଇ ଚାଲିଛି । ୪୭ ଏକରରେ ନିର୍ମିତ ଏହି ସ୍ଥାୟୀ କ୍ୟାମ୍ପସ ୨୦୨୧ ମସିହାରୁ କାର୍ଯ୍ୟ କରୁଛି । ୫ ବର୍ଷରେ ଏହି ଅନୁଷ୍ଠାନରୁ ପ୍ରାୟ ୧୦ ହଜାରରୁ ଅଧିକ ଦକ୍ଷ ଯୁବକ ଯୁବତୀ ବାହାରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇ ସାରିଲେଣି ଏହି ଅନୁଷ୍ଠାନ ସ୍ନେଇଡ଼ର ଇଲେକ୍ଟ୍ରିକ୍, ସିମେନ୍ସ, ଏନଟିଟିଏଫ ସମେତ ୩୦ ରୁ ଅଧିକ ବିଶ୍ୱ ସ୍ତରୀୟ କମ୍ପାନୀ ସହିତ ସହାଭାଗିତା ସ୍ଥାପନ କରିଛି।

ଆଇଚର ସହ ମୁହଁମୁହିଁ ବାଇକ ଆରୋହୀ ମୃତ

ଦଶପଲ୍ଲା, ୨୨।୮ (ନିପ୍ର): ନୟାଗଡ ଜିଲ୍ଲା ଦଶପଲ୍ଲା /ନୂଆଗାଁ ବ୍ଲକ ଅନ୍ତର୍ଗତ ସୋରଡ଼ା ପଂଚାୟତ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ନୟାଗଡ ପଟରୁ ଆସୁଥିବା ଆଇଚର ଗାଡି (ସି ଜି ୧୧ବି କେ ୬୬୫୧) ଦଶପଲ୍ଲା ରୁ ବାଇକ ଯୋଗେ ଆସୁଥିବା ଲୁଣିଶରା ଗ୍ରାମର ସୁବାଷ ନାୟକ (୩୭ ବର୍ଷ)ଙ୍କୁ ଧକ୍କା

ଅନୁଚିନ୍ତନ

ଦୃଷ୍ଟି ଦିଅନ୍ତୁ ନିଜ ଶବ୍ଦ ଉପରେ,
କାରଣ ଏହା 'କାର୍ଯ୍ୟ'ରେ ରୂପାନ୍ତର ହୁଅନ୍ତି ।

ସମ୍ପାଦକୀୟ

ରାଜଧାନୀରେ ବଢୁଛି ଇଭି ମାର୍କେଟ

ରାଜଧାନୀ ଭୁବନେଶ୍ୱରରେ ଇଲେକ୍‌ଟ୍ରିକ ଭେହିକଲ(ଇଭି) ମାର୍କେଟ ବଢୁଛି। ଭୁବନେଶ୍ୱର ଏବେ ଦେଶର ଫାଷ୍ଟେଷ୍ଟ-ଗ୍ରୋଇଂ ଇଭି ମାର୍କେଟ। ମେ ୨୦୨୫ରୁ ମେ ୨୦୨୬ ମଧ୍ୟରେ ୮୪% ବୃଦ୍ଧି ପାଇଥିବା ସର୍ଭେରୁ ଜଣାପଡ଼ିଛି। ସର୍ଭେ ଅନୁଯାୟୀ, ଦେଶର ବହୁ ସହରକୁ ପଛରେ ପକାଇ ଦେଇଛି ଭୁବନେଶ୍ୱର। ଇଭି ମାର୍କେଟ ଗୁରଗାଓଁରେ ୭୫% ବୃଦ୍ଧି ପାଇଥିବାବେଳେ ଜୟପୁରରେ ୭୨% ବୃଦ୍ଧି ପାଇଛି। ଲୁଧିଆନା ଓ ପାଟନାରେ ମଧ୍ୟ ବଢ଼ିଛି ଇଭି ମାର୍କେଟ। ଭୁବନେଶ୍ୱରରେ କିନ୍ତୁ ସର୍ବାଧିକ। ଟାୟାର-୨ ଓ ଅପେକ୍ଷାକୃତ ଛୋଟ ସହରଗୁଡ଼ିକରେ ମଧ୍ୟ ବଢ଼ିଛି ଇଭି ମାର୍କେଟ, ଟାୟାର-୧ ସହରଗୁଡ଼ିକ ତୁଳନାରେ ତିନି ଗୁଣ ଅଧିକ। ଗ୍ରାହକମାନେ ମଧ୍ୟ ଇଭି ଉପରେ ଅଧିକ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଅନୁଧ୍ୟାନ ଅନୁଯାୟୀ, ଗ୍ରାହକମାନଙ୍କ ଆଗ୍ରହ ପୂର୍ବ ବର୍ଷ ତୁଳନାରେ ୬୦% ବଢ଼ିଛି। ଭୁବନେଶ୍ୱରରେ ଇଭି ମାର୍କେଟ ବଢ଼ିବାର ଏକ ମୁଖ୍ୟ କାରଣ ହେଉଛି ଚାର୍ଜିଂ ଭିତ୍ତିଭୂମି ବଢୁଛି। ରାଜ୍ୟର ପଲିସି ସହାୟକ ହେଉଛି ଇଭି ଇକୋସିଷ୍ଟମ ପାଇଁ। ନିକଟରେ ରାଜ୍ୟରେ ଆରମ୍ଭ ହୋଇଛି ଇଭି ପଲିସି ୨.୦। ଓଡ଼ିଶାରେ ଗ୍ରାହକମାନେ ବି ଇଭି ଉପରେ ଆହୁରି ଅଧିକ ଜ୍ଞାନ ଆହରଣ କରିବାକୁ ଆଗ୍ରହ ପ୍ରକାଶ କରଛନ୍ତି। ଇଭିର ରେଜିଷ୍ଟ୍ରେସନ ମଧ୍ୟ ଭୁବନେଶ୍ୱରରେ ବଢ଼ି ବଢ଼ି ଚାଲିଛି, ୮୪% ବୃଦ୍ଧି ପାଇଛି। ଡାଟା ଅନୁଯାୟୀ, ୨୦୨୩-୨୦୨୪ରେ ୩୮,୫୬୫ ଦୁଇଚକିଆ ଯାନର ରେଜିଷ୍ଟ୍ରେସନ ହୋଇଥିବାବେଳେ ୨୦୨୪-୨୦୨୫ରେ ୫୫,୫୩୬ ଏବଂ ଏପ୍ରିଲରୁ ଡିସେମ୍ବର ୨୦୨୫ ମଧ୍ୟରେ ୪୩,୨୫୬ ଦୁଇଚକିଆ ଯାନର ରେଜିଷ୍ଟ୍ରେସନ ହୋଇଛି। ୨୦୨୩-୨୦୨୪ରେ ୪,୭୫୩ ତିନିଚକିଆ ଯାନର ରେଜିଷ୍ଟ୍ରେସନ ହୋଇଥିବାବେଳେ ୨୦୨୪-୨୦୨୫ରେ ୫,୬୮୭ ଓ ଏପ୍ରିଲରୁ ଡିସେମ୍ବର ୨୦୨୫ ମଧ୍ୟରେ ୪,୧୧୭ ତିନିଚକିଆ ଯାନର ରେଜିଷ୍ଟ୍ରେସନ ହୋଇଛି। ସେହିପରି ୨୦୨୩-୨୦୨୪ରେ ୧,୪୭୦ ଚାରିଚକିଆ ଯାନର ରେଜିଷ୍ଟ୍ରେସନ ହୋଇଥିବାବେଳେ ୨୦୨୪-୨୦୨୫ରେ ୨,୭୪୨ ଓ ଏପ୍ରିଲରୁ ଡିସେମ୍ବର ୨୦୨୫ ମଧ୍ୟରେ ୨,୯୯୯ ଚାରିଚକିଆ ଯାନର ରେଜିଷ୍ଟ୍ରେସନ ହୋଇଛି। ପଶ୍ଚିମ ଏସିଆ ଅଶାନ୍ତି ଓ ବୈଶ୍ୱିକ ମାନ୍ଦାବସ୍ଥା ଏବଂ ଫୁଏଲ ପ୍ରାଇସ୍ ବୃଦ୍ଧି ପାଉଥିବାରୁ ଗ୍ରାହକଙ୍କ ମଧ୍ୟରେ ଇଭି କିଣିବାର ଆଗ୍ରହ ପରିଲକ୍ଷିତ ହେଉଛି।

ଦେଶର ବହୁ ସହରକୁ ପଛରେ ପକାଇ ଦେଇଛି ଭୁବନେଶ୍ୱର । ଏବେ ଦେଶର ସବୁଠାରୁ ବଡ଼ ଇଭି ମାର୍କେଟ ଭାବେ ଉଭା ହୋଇଛି। ଇଭିର ରେଜିଷ୍ଟ୍ରେସନ ମଧ୍ୟ ଭୁବନେଶ୍ୱରରେ ବଢ଼ି ବଢ଼ି ଚାଲିଛି, ୮୪% ବୃଦ୍ଧି ପାଇଛି। ଭାରତ ଏବେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଇଲେକ୍‌ଟ୍ରିକ ଦୁଇଚକିଆ ଯାନ ମାର୍କେଟ।

ଭାରତ ଏବେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଇଲେକ୍‌ଟ୍ରିକ ଦୁଇଚକିଆ ଯାନ ମାର୍କେଟ। ଭାରତ ଉପରେ ପ୍ରଥମ ସ୍ଥାନରେ ରହିଛି ଚୀନ। ଇଲେକ୍‌ଟ୍ରିକ ଦୁଇଚକିଆ ଯାନ ମାର୍କେଟରେ ଭାରତ ତା'ର ପୂର୍ବ ସ୍ଥିତି ବଜାୟ ରଖିଛି। ଇଣ୍ଟରନ୍ୟାସନାଲ ଏନର୍ଜି ଏଜେନ୍ସିର ଗ୍ଲୋବାଲ ଇଭି ଆଉଟ୍‌ଲୁକ ରିପୋର୍ଟ ଏହା କହୁଛି। ରିପୋର୍ଟ ଅନୁଯାୟୀ, ଗ୍ଲୋବାଲ ଇଲେକ୍‌ଟ୍ରିକ ଦୁଇଚକିଆ ବିକ୍ରି ୧୫% ବୃଦ୍ଧି ପାଇ ୨୦୨୫ରେ ୧୦ ନିୟୁତ ୟୁନିଟ୍‌ରେ ପହଞ୍ଚିଥିଲା। ଏହି ବିକ୍ରିରେ ଚୀନର ଭାଗିଦାରୀ ଅଧିକ। ଏବେ ବି ଚୀନର ଆଧିପତ୍ୟ ଜାରି ରହିଛି। ୨୦୨୫ରେ ଭାରତରେ ୧.୩ ନିୟୁତ ଇଲେକ୍‌ଟ୍ରିକ ଦୁଇଚକିଆ ବିକ୍ରି ହୋଇଥିଲା। ଭାରତ କିନ୍ତୁ ଇଲେକ୍‌ଟ୍ରିକ ତିନିଚକିଆ ଯାନ ବିକ୍ରିରେ ବିଶ୍ୱର ସବୁଠାରୁ ବଡ଼ ମାର୍କେଟ। ୨୦୨୫ରେ ଭାରତରେ ବିକ୍ରି ହୋଇଥିବା ତିନିଚକିଆ ଯାନ ମଧ୍ୟରେ ଇଲେକ୍‌ଟ୍ରିକ ତିନିଚକିଆ ଯାନର ସଂଖ୍ୟା ଅଧିକ, ତିନି ଭାଗରୁ ଦୁଇ ଭାଗ। ବୈଶ୍ୱିକ ସ୍ତରରେ ୨୦୨୫ ତିନିଚକିଆ ଯାନ ବିକ୍ରି ୧୬% ହ୍ରାସ ପାଇ ୪.୫ ନିୟୁତରେ ପହଞ୍ଚିଥିଲା। କିନ୍ତୁ ଇଲେକ୍‌ଟ୍ରିକ ତିନିଚକିଆ ଯାନର ବିକ୍ରି ବୃଦ୍ଧି ପାଇଥିଲା, ପହଞ୍ଚିଥିଲା ୧.୨ ନିୟୁତ ୟୁନିଟ୍‌ରେ। ବୈଶ୍ୱିକ ସ୍ତରରେ ଇଲେକ୍‌ଟ୍ରିକ ତିନିଚକିଆ ଯାନ ବିକ୍ରିରେ କେବଳ ଚୀନ, ଭାରତ ଓ ତୁର୍କୀର ଭାଗିଦାରୀ ୯୫%। ଭାରତ ବୈଶ୍ୱିକ ସ୍ତରରେ ଇଲେକ୍‌ଟ୍ରିକ ବସ୍‌ରେ ତୃତୀୟ ସବୁଠାରୁ ବଡ଼ ମାର୍କେଟ। ଲଗାତାର ଦ୍ୱିତୀୟଥର ପାଇଁ ଭାରତ ତା'ର ତୃତୀୟ ସ୍ଥାନ ବଜାୟ ରଖିଛି।

ସ୍ୱପ୍ନର ରହସ୍ୟ

ରାଘବ ନାମକ ଯୁବକ ଗୋଟିଏ ଗାଁର ନିଜ ପରିବାର ସହିତ ରହୁଥିଲା। ରାଘବ ବହୁ ପରିଶ୍ରମ କଲେ ମଧ୍ୟ ନିଜ ପରିବାରକୁ ଦୁଇ ବକ୍ତର ଖାଦ୍ୟ ଠିକ୍ ସେ ଯୋଗାଇ ପାରୁନଥିଲା। ରାଘବର ଅନନ୍ୟ ପ୍ରତିଭାଟିଏ ଥିଲା। ସେ ଖୁବ୍ ସୁନ୍ଦର ଗାଲିଚା ଓ ଚିତ୍ର ତିଆରି କରିପାରୁଥିଲା। ଯେମିତି ପ୍ରକୃତିର ସତେଜତା ତା ଚିତ୍ରରେ ଜୀବନ୍ତ ଫୁଟି ଉଠୁଥିଲା। ଗାଁର ଜଣେ ବାବା ଯିଏକି ଜଣେ ଜ୍ଞାନୀ ବ୍ୟକ୍ତି ଥିଲେ ସେ ରାଘବକୁ ତା'ର ପ୍ରତିଭାକୁ ରାଜାଙ୍କ ପାଖରେ ପ୍ରଦର୍ଶନ କରିବାକୁ କହିଲେ। ରାଘବ ବହୁ କଷ୍ଟରେ ରାଜଧାନୀକୁ ଯାଇ ରାଜାଙ୍କୁ ନିଜର କଳା ଦେଖାଇଲା। ରାଜା ବହୁ ଖୁସି ହୋଇ ତାକୁ ପୁରସ୍କାର ଦେଲେ। କିନ୍ତୁ ଯୋଗକୁ ସେହିଦିନ ରାଜା ଏକ ଅଦ୍ଭୁତ ସ୍ୱପ୍ନ ଦେଖିଥିଲେ। ସଭାସଦ୍‌ଙ୍କୁ କହିଥିଲେ ମୋ ସ୍ୱପ୍ନର ରହସ୍ୟର ଉତ୍ତର ଯଥାଶୀଘ୍ର ମୋତେ ମଳିବା ଦରକାର। ସ୍ୱପ୍ନରେ ୪ଜଣ ଦିବ୍ୟ ଦେହଧାରୀ ସନ୍ଥ ଆସି ରାଜାଙ୍କୁ ଦେଖାଦେଲେ ପ୍ରଥମ ସନ୍ଥ କହିଲେ-ଏଠାରେ ଧନୀ ସେଠାରେ ଫକୀର, ୨ୟ ସନ୍ଥ କହିଲେ-ସେଠାରେ ଧନୀ ଏଠାରେ ଫକୀର, ୩ୟ ସନ୍ଥ କହିଲେ-ନା ଏଠାରେ ଧନୀ ନା ସେଠାରେ ଧନୀ, ୪ୟ ସନ୍ଥ କହିଲେ-ଏଠାରେ ବି ରାଜା ସେଠାରେ ବି ରାଜା। ରାଘବ ବାବା କେଶବଙ୍କ ପାଖକୁ ଯାଇ ନିଜ ଦୁଃଖ କହିଲା। କେଶବ ରାଜା ରାଘବକୁ ଏକ ବଳଦ ଗାଡ଼ି ଠିକ୍ କରି ସେଥିରେ ରତନ ସେଠଙ୍କୁ, ପରେ ପୁରୁଣା ମନ୍ଦିରର ଝାଡୁଦାର ଦିନା, ବସ୍ତିର ମଦୁଆ ଏବଂ ଜୁଆଡି ସୁଶୀଲ, ଶେଷରେ ନାମୀ ବେଦାନ୍ତ ନାରାୟଣଙ୍କୁ ନେବାକୁ କହିଲା। ବାବା କେଶବ ଯାଇ ରାଜାଙ୍କୁ କହିଲେ ଆପଣଙ୍କୁ ୪ଜଣ ସନ୍ଥ କୌଣସି ଅଭିଶାପ ଦେଇନାହାଁନ୍ତି, ବରଂ ଜୀବନର ଅମୂଲ୍ୟ ଶିକ୍ଷା ଦେଇଛନ୍ତି। ୧ମ ପ୍ରଶ୍ନ ଏଠାରେ ଧନୀ ସେଠାରେ ଫକୀର-ଏଥିପାଇଁ ମୁଁ ରତନ ଲାଲଙ୍କୁ ଆଣିଛି। ଏଠାରେ ସେ ଧନୀ କିନ୍ତୁ ତାଙ୍କର ଖରାପ କର୍ମ ତାଙ୍କୁ ମଲାପରେ ବହୁ କଷ୍ଟ ଦେବ, ସେ ଗୋଟିଏ ଟଙ୍କାବି ଏଠାରୁ ନେଇ ଯାଇପାରିବେ ନାହିଁ। ୨ୟ ପ୍ରଶ୍ନରେ ଦିନାଙ୍କୁ ଦେଖନ୍ତୁ । ଦିନା ଗରିବ କିନ୍ତୁ ତା'ର ଭଲ ଗୁଣ ଓ କର୍ମ ମରିବା ପରେ କଥା କହିବା ତେଣୁ ସେ ଏଠାରେ ବରବାଦ୍, ମଲାପରେ ରାଜା। ୩ୟ ପ୍ରଶ୍ନ- ଜୁଆଡି ସୁଶୀଲ ନା ସେ ନିଜର ଭଲ କଲା ନା କାହାର ଭଲ କଲା, ତେଣୁ ସେ ଏଠାରେ ବରବାଦ୍ ମଲାପରେ ବି ବରବାଦ୍। ଶେଷରେ ବୈଦ୍ୟ ନାରାୟଣ ନିଜର ଧନ, ଇଜ୍ଜତ ଥିଲେ ମଧ୍ୟ ଅନ୍ୟ ପାଇଁ ସର୍ବଦା ଭଲ କରୁଛନ୍ତି। ତେଣୁ ସେ ଏଠି ବି ରାଜା ସେଠାରେ ବି ରାଜା। ରାଜାଙ୍କ ସ୍ୱପ୍ନ ଜୀବନର ବାସ୍ତବିକ ସତ୍ୟକୁ ବୁଝିବା ପାଇଁ ଉଦ୍ଦିଷ୍ଟ।

ଦୁର୍ନୀତି ମୁକ୍ତ ବିଶ୍ୱର ପରିକଳ୍ପନା

ହିମାଂଶୁ ଶେଖର ଆଚାର୍ଯ୍ୟ

ଦୁର୍ନୀତି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ। କ୍ଷୋଭର କଥା ଦୁର୍ନୀତି କମିବା ପରିବର୍ତ୍ତେ ଦିନକୁଦିନ ବଢ଼ିବାରେ ଲାଗିଛି। କୌଣସି ଦେଶ ଯେତେ ଉନ୍ନତ ହେଉନା କାହିଁକି ଦୁର୍ନୀତି ନ ହଟିଲେ ସମାଜରେ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି ହେବା ଖାଲି ସେତିକି ନୁହେଁ ଏହି ଅର୍ଥନୈତିକ ବୈଷମ୍ୟ ଦାରିଦ୍ର୍ୟ ଓ ବେକାରୀ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ବିଶ୍ୱର ଦୁର୍ନୀତି ସୂଚକାଙ୍କ ଉପରେ ଆଖି ପକାଇଲେ ଜଣାପଡେ ଯେ ସର୍ବାଧିକ ଦୁର୍ନୀତିଯୁକ୍ତ ରାଷ୍ଟ୍ରଗୁଡିକ ମଧ୍ୟରେ କଲମ୍ବିଆ, ମେକ୍ସିକୋ, ଘାନା, ମିଆଁମାର ଓ ସାଉଦିଆରବ ରହିଛି। ସେହିପରି ଶ୍ରେଷ୍ଠ ପାଞ୍ଚଟି କମ୍ ଦୁର୍ନୀତି ହେଉଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ସୁଇଜରଲ୍ୟାଣ୍ଡ, ଜାପାନ, କାନାଡା, ଜର୍ମାନୀ ଓ ଗ୍ରେଟବ୍ରିଟେନ ରହିଛନ୍ତି। ଏସବୁ ଦୃଷ୍ଟିରୁ ଦେଖିଲେ ୨୦୨୩ ରିପୋର୍ଟ ସୂଚକାଙ୍କ ଅନୁଯାୟୀ ୧୮୦ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୯୩ ଥିଲା। ଏବେ ପୁଣି ୩ଟି ସ୍ଥାନ ତଳକୁ ଖସି ୯୬ରେ ପହଞ୍ଚିଛି। ପ୍ରାୟ ଅଧିକାଂଶ ମଣିଷ ଦୁର୍ନୀତିର ଶିକାର ହେଉଛନ୍ତି। ସରକାରଙ୍କ କଲ୍ୟାଣକାରୀ ଯୋଜନା ଜନତାଙ୍କ ପାଖରେ ବିନା ଦୁର୍ନୀତିରେ ପହଞ୍ଚି ପାରୁନାହିଁ। ଆମ ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଜାରିରହିଛି। ଏଥିରେ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଦୁର୍ନୀତି ନିବାରଣ ପାଇଁ ସରକାରୀ ଅଧିକାରୀମାନଙ୍କୁ ଶପଥପାଠ କରାଇଛନ୍ତି। ଏପରିକି ଚେତାବନୀ ମଧ୍ୟ ଦେଇଛନ୍ତି। ଦୁର୍ନୀତି କଥା ଉଠିଲେ ଆମ ରାଜ୍ୟ ଯାହା, ଦେଶ ଓ ବିଶ୍ୱରେ ଅବସ୍ଥା ମଧ୍ୟ ଠିକ୍ ସେଇଆ। ଏଠାରେ ପ୍ରଶ୍ନ ଉଠୁଛି ସତରେ କଣ ଦୁର୍ନୀତି ହଟିବ?

ଦୁର୍ନୀତି ନିରାକରଣରେ ଶିକ୍ଷାର ଏକ ବଡ ଯୋଗଦାନ ରହିଛି। ବିଶେଷ କରି ଦୁର୍ନୀତି ବିରୋଧୀ ଲଢେଇରେ ଆଇନ ଓ ଦଣ୍ଡ ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବା ସହ ନୈତିକ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବା ଜରୁରୀ। ଶିକ୍ଷା ଏକ ପ୍ରମୁଖ ବିଷୟବସ୍ତୁ ହେବା ଆବଶ୍ୟକ । ଏହି ଦୃଷ୍ଟିରୁ ଦେଖିଲେ ଏବେବି ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ରହିଛନ୍ତି। ଏସବୁ ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି। ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ ।

ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ। ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର। ଅନ୍ତ୍ୟନ ୭ କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ, ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ। ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । ସେ ଦୃଷ୍ଟିରୁ ଦେଖିଲେ କମ୍ ସାକ୍ଷରତା ଥିବା ଦେଶରେ ସଚେତନତା ଅଭାବରୁ ଦୁର୍ନୀତିର ମାତ୍ରା ଅଧିକ। ଏହି ପରିପ୍ରେକ୍ଷୀରେ ଆମ ଦେଶ କଥା ବିଚାରକୁ ନିଆଯାଇପାରେ। ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର ।

ଏକ ସର୍ବେକ୍ଷଣରୁ ଜଣାପଡିଛି, ଭାରତରେ ଦୁର୍ନୀତିର ମାନ ଦିନକୁ ଦିନ ବଢିବାରେ ଲାଗିଛି। ୧୮୦ଟି ଦେଶରେ ହୋଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି, ୫୦ ପ୍ରତିଶତ ଭାରତୀୟ ପ୍ରଥମଥର ଲାଞ୍ଚ ଦେଇଥାନ୍ତି। ଦୁର୍ନୀତି ସୂଚକାଙ୍କ ଅନୁସାରେ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୮୦ । ଏଥିରୁ ସ୍ପଷ୍ଟ ଅନୁମେୟ ଭାରତରେ ଦୁର୍ନୀତି ତାର କାୟା ବିସ୍ତାର କରି ଚାଲିଛି। ଆମ ଦେଶର ରାଜ୍ୟମାନଙ୍କ ମଧ୍ୟରୁ ରାଜସ୍ଥାନ ଓ ବିହାରରେ ଦୁର୍ନୀତି ସୂଚକାଙ୍କ ଅଧିକ ଥିବାବେଳେ ଦିଲ୍ଲୀ ଏବଂ ଓଡ଼ିଶାରେ ଏହା କମ୍ ରହିଛି।

ଏସବୁ ସତ୍ତ୍ୱେ ଆମ ଦେଶରେ ସ୍ୱାଧୀନତାର ପରବର୍ତ୍ତୀ କଥା ଚିନ୍ତା କଲେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିର ଏକ ଲମ୍ବା ତାଲିକା। ୧୯୪୮ ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୧୯୯୬ରେ ହ୍ୱାଓଲା ଓ ଗୋଖାଦ୍ୟ, ୨୦୦୮ରେ ସେୟାର ବଜାର, ୨୦୧୦ରେ କମନଓେଲ୍‌ଥ ଗେମ୍, ୨୦୧୧ ମସିହାରେ ଆଦର୍ଶ ହାଉସିଂ ଓ ୨୦୧୨ରେ ଟେଲିକମ ଦୁର୍ନୀତି ଏହାର ଗୋଟିଏ ଗୋଟିଏ ଉଦାହରଣ। ପୁଣି ଚର୍ଚ୍ଚାକୁ ଆସିଛି ହତ୍ୟାକାରୀ ବ୍ୟାପମ୍ ଦୁର୍ନୀତି। ସ୍ୱିସ୍ ବ୍ୟାଙ୍କରେ ଥିବା କଳାଧନର ପରିମାଣ ୭ ହଜାର କୋଟି ଟଙ୍କାକୁ ଟପି ସାରିଲାଣି। ଏହି ଦୁର୍ନୀତି ହିଁ ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ। ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁଯାୟୀ, ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭। ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି। ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍। ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି। ହଜାର ହଜାର ଲୋକ ଆଜି ବି ଦାଦନ ଖଟୁଛନ୍ତି। ୫୪ କୋଟି ଯୁବକମାନଙ୍କ ଦେଶ ଭାରତରେ ନିଯୁକ୍ତି ନ ପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛନ୍ତି।

ଦୁର୍ନୀତିର ପ୍ରଭାବ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ପରିଲିକ୍ଷିତ ହୋଇଛି। ମିଳିତ ଜାତିସଂଘ ଆକଳନ ଅନୁସାରେ ଦୁର୍ନୀତି, ଚୋରି, ଲାଞ୍ଚ ଓ ଟିକସ ଫାଙ୍କିବାରେ ବିକାଶଶୀଳ ଦେଶ ମାନଙ୍କରେ କୋଟି କୋଟି ଟଙ୍କା ଆତ୍ମସାତ ହେଉଛି। ଉଚ୍ଚ ପଦାଧିକାରୀ ଓ ରାଜନୈତିକ ନେତାମାନେ ଏଥିରେ ସମ୍ପୃକ୍ତ ରହିବାର ଅନେକ ଉଦାହରଣ ରହିଛି। ଏମାନେ ସାଧାରଣ ଜନତାଙ୍କ ପାଖରେ ଉତ୍ତରଦାୟୀ ନ ରହିଲେ ଦୁର୍ନୀତି ମାତ୍ରା ବଢି ବଢି ଚାଲିବ । ଦୁର୍ନୀତିକୁ ରୋକିବା ପାଇଁ କଠୋର ଦଣ୍ଡ ବିଧାନର ଆବଶ୍ୟକତା ରହିଛି। ତୃଣମୂଳସ୍ତରରୁ ଏଥିପାଇଁ ବ୍ୟାପକ ସଚେତନତା ଲୋଡା।

ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧିଙ୍କ ପାଠପଢା ବେଳର କଥା ବେଶ୍ ପ୍ରଣିଧାନ ଯୋଗ୍ୟ । ଗୁରୁଜୀ ଗାନ୍ଧୀଜୀଙ୍କୁ ପାଖ ପିଲାଠାରୁ ଦେଖି ସଠିକ୍ ଶବ୍ଦଟି ଲେଖିବା ପାଇଁ ପ୍ରବର୍ତ୍ତାଇଥିଲେ। ମାତ୍ର ସେ ଗୁରୁଙ୍କ କଥାକୁ ଟାଳି ଦେଇଥିଲେ। ପରେ ଗୁରୁଜୀ ତାଙ୍କୁ ପବାରିବାରୁ ସେ ଉତ୍ତରରେ କପିକରିବା ବଡ଼ ଅନ୍ୟାୟ ଓ କଭଳି ଏତେ ବଡ ଅନୀତି କରିଥାନ୍ତି ବୋଲି ଉତ୍ତର ଦେଇଥିଲେ। ପୁଣି ସେ ବିନମ୍ରତାର ସହ କହିଥିଲେ- ଅସତ ପଥରେ ଯାଇ ସୁନାମ ଅର୍ଜନ କରାଯାଏ ନାହିଁ। ସେଇଥିପାଇଁ ତ ସେ ମହାତ୍ମା। ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ। ଗାନ୍ଧିଜୀଙ୍କ ଏହି ଆଦର୍ଶ ଓ ମୂଲ୍ୟବୋଧକୁ ଆମକୁ ଅନୁସରଣ କରିବାକୁ ହେବ । ମୁଁ ନିଜେ ଦୁର୍ନୀତି କରିବି ନାହିଁ କି ଦୁର୍ନୀତିକୁ ପ୍ରଶ୍ରୟ ଦେବିନାହିଁ, ଏହିଭାବ ମନରେ ସୃଷ୍ଟି ହେବା ଦରକାର। ତାହେଲେ ଯାଇ ଦୁର୍ନୀତି ଉପରେ ଅଙ୍କୁଶ ଲାଗିପାରିବ। ତେଣୁ ସମସ୍ତେ ନୀତି ନୈତିକତା, ଆଦର୍ଶ, ମୂଲ୍ୟବୋଧ ଉପରେ ଦୃଢ ବିଶ୍ୱାସ ରଖି କାମ କରି ଚାଲିଲେ ଦୁର୍ନୀତିର ମୂଳୋତ୍ପାଟନ ସମ୍ଭବ ହେବା ସହିତ ଏକ ବିକଶିତ ରାଷ୍ଟ୍ରଗଠନ ଲକ୍ଷ୍ୟ ସାଧିତ ହୋଇପାରିବ। ଏଥିପାଇଁ ସାମୂହିକ ସଂକଳ୍ପ ଲୋଡା।

ମୋ: ୯୩୭୧୫୧୦୫୨

ବୋଲବମ୍: ଭକ୍ତି, ତ୍ୟାଗ ଓ ସେବାର ଯାତ୍ରା

ବସନ୍ତ କୁମାର ସାହୁ

ବୋଲ ବମ୍-ଏକ ଡାକ, ଏକ ଦର୍ଶନ

ଶ୍ରାବଣ ମାସ ଆସିଲେ ରାଜପଥ, ଗ୍ରାମପଥ, ସହର ଓ ଜନପଦ ଭରିଯାଏ ଏକ ଅଦ୍ଭୁତ ଧ୍ୱନିରେ- ବୋଲ ବମ୍... ହର ହର ବମ୍... ବମ୍ ଭୋଲେ..। ଏହା କେବଳ ଏକ ଧାର୍ମିକ ସ୍ଲୋଗାନ୍ ନୁହେଁ ଏହା ଭକ୍ତିର ସ୍ପନ୍ଦନ, ଆତ୍ମଶୁଦ୍ଧିର ମନ୍ତ୍ର ଏବଂ ସମାଜକୁ ଏକ ସୂତ୍ରରେ ବାନ୍ଧି ରଖୁଥିବା ଆଧ୍ୟାତ୍ମିକ ଆହ୍ୱାନ।

ହଜାର ହଜାର କାଉଡ଼ିଆ ଭକ୍ତ ଖାଲିପାଦରେ ଦୀର୍ଘ ପଥ ଚାଲି ପବିତ୍ର ନଦୀରୁ ଜଳ ଆଣି ଶିବଲିଙ୍ଗରେ ଅର୍ପଣ କରନ୍ତି। ଏହି ପଦଯାତ୍ରା ଶରୀରର ନୁହେଁ, ଆତ୍ମାର ଯାତ୍ରା।

'ବୋଲବମ୍' ଓ 'କାଉଡ଼ିଆ' ଶବ୍ଦର ଅର୍ଥ: ବୋଲ ଅର୍ଥ ଉଚ୍ଚାରଣ

ହାବିଲଦାର ଓ କନେଷ୍ଟବଳ ସଂଘ ନିର୍ବାଚନ

ନୟନଙ୍କ ୧୧ ଜଣିଆ ଟିମ୍‌ର ପ୍ରାର୍ଥୀପତ୍ର ଦାଖଲ

ବ୍ରହ୍ମପୁର,୨୨।୮(ନି.ପ୍ର): ପୋଲିସ ଜିଲ୍ଲା ହାବିଲଦାର ଓ କନଷ୍ଟେବଳ ସଂଘ ନିର୍ବାଚନକୁ ନେଇ ତତ୍ପରତା ବଢ଼ିଛି । ନାମାଙ୍କନ ଦାଖଲର ଶେଷ ଦିନ ଶୁକ୍ରବାର ସଭାପତି ପଦ ପାଇଁ ନୟନ ରଞ୍ଜନ ଆଚାର୍ଯ୍ୟଙ୍କ ନେତୃତ୍ୱାଧୀନ ୧୧ ଜଣିଆ ଟିମ୍ ଶତାଧିକ ସମର୍ଥକଙ୍କ ସହ ନାମାଙ୍କନ ଦାଖଲ କରିଛି। ନୟନ ରଞ୍ଜନ ଆଚାର୍ଯ୍ୟ ଓ ତାଙ୍କ ଟିମ୍ ପ୍ରଥମେ ବିଜିପୁର କାଳୀ ମନ୍ଦିର ନିକଟରେ ପୂଜାର୍ଚ୍ଚନା କରିଥିଲେ । ପରେ ଶତାଧିକ ସମର୍ଥକଙ୍କୁ ସାଥୀ କରି ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଡ଼ିପିଓ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଟିମ୍‌ର ସମସ୍ତ ପ୍ରାର୍ଥୀ ନିଜ ନିଜ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ । ଚଳିତ ନିର୍ବାଚନରେ ସଭାପତି, ଉପସଭାପତି, ସମ୍ପାଦକ, କୋଷାଧକ୍ଷ, ୨ ଜଣ ସହାୟକ ସମ୍ପାଦକ ଏବଂ ୫ଜଣ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ସମେତ ମୋଟ ୧୧ଟି ପଦବୀ ପାଇଁ ନିର୍ବାଚନ ହେବ । ଏହାକୁ ନେଇ ଆଶାୟୀ ପ୍ରାର୍ଥୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି । ନୟନ ରଞ୍ଜନ ଆଚାର୍ଯ୍ୟ ସଭାପତି ପଦ ପାଇଁ ଏବଂ କୃଷ୍ଣ ସେଠୀ ସମ୍ପାଦକ ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି । ସେହିପରି ଉପସଭାପତି ପଦ ପାଇଁ ଶ୍ରୀକାନ୍ତ ପଣ୍ଡା, କୋଷାଧକ୍ଷ ପଦ ପାଇଁ ଏ. ଶ୍ରୀନିବାସ ପାତ୍ର, ସହାୟକ ସମ୍ପାଦକ ପଦ ପାଇଁ ରାଜୀବ ଲୋଚନ ସ୍ୱାଇଁ ଓ କୁନାଲ୍ ମଲ୍ଲିକ ନାମାଙ୍କନ ଦାଖଲ କରିଛନ୍ତି। ଏଥି ସହ ୫ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ପଦ ପାଇଁ ମଧ୍ୟ ଟିମ୍ ପକ୍ଷରୁ ନାମାଙ୍କନ ଦାଖଲ କରାଯାଇଛି। ୨୦ ଅଗଷ୍ଟରୁ ଆରମ୍ଭ ହୋଇଥିବା ଏହି ନାମାଙ୍କନ ଦାଖଲ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି । ଆସନ୍ତା ୨୩ ଅଗଷ୍ଟରେ ନାମାଙ୍କନପତ୍ର ଯାଞ୍ଚ, ୨୪ ଅଗଷ୍ଟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଏବଂ ୨୫ ଅଗଷ୍ଟରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ୨୯ ଅଗଷ୍ଟ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମତଦାନ ହେବ । ମତଦାନ ପରେ ଭୋଟବାକ୍ସ ଡ଼ିପିଓ କାର୍ଯ୍ୟାଳୟରେ ଗ୍ରହଣ କରାଯିବ । ଏହାପରେ ଭୋଟ ଗଣତି କରାଯାଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ । ନବ ନିର୍ବାଚିତ ପଦାଧିକାରୀଙ୍କ ଶପଥ ଗ୍ରହଣ ସମାରୋହ ୩୧ ଅଗଷ୍ଟରେ ଅନୁଷ୍ଠିତ ହେବ । ନିର୍ବାଚନର ସୁଚାରୁ ପରିଚାଳନା ପାଇଁ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍, ଆଇପିଏସ୍‌ଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ପିସିଆର୍ ସେଲ୍ ଡ଼ିଏସ୍‌ପି ରଶ୍ମୀ ରଞ୍ଜନ ଦାଶଙ୍କୁ ରିଟର୍ଣ୍ଣିଂ ଅଫିସର, ରିଜର୍ଭ ଇନିକ୍ସପେକ୍ଟର ବୀରସିଂହ ସାବରଙ୍କୁ ପ୍ରିଜାଇଡ଼ିଂ ଅଫିସର ଏବଂ ଏସ୍‌ଆଇ ସୁଧାଂଶୁ ଶେଖର ଦାସଙ୍କୁ ପୋଲିଂ ଅଫିସର ଭାବେ ନିଯୁକ୍ତ କରାଯାଇଛି । ନିର୍ବାଚନ ଘୋଷଣା ପରଠାରୁ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ମୁଖ୍ୟତଃ ନୟନ ରଞ୍ଜନ ଆଚାର୍ଯ୍ୟଙ୍କ ଟିମ୍ ଏବଂ ପ୍ରଶାନ୍ତ କୁମାର ମାର୍ଥାଙ୍କ ଟିମ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଉଭୟ ଟିମ୍ ନିଜ ନିଜ ସମର୍ଥନ ମଜବୁତ୍ କରିବା ସହ ପ୍ରଚାର ଓ ସମର୍ଥନ ସଂଗ୍ରହରେ ଲାଗି ପଡ଼ିଛନ୍ତି । ଚଳିତ ବର୍ଷ ଏହି ନିର୍ବାଚନରେ ୭୯୦ ରୁ ଊର୍ଦ୍ଧ୍ୱ ଭୋଟର ରହିଥିବା ଜଣାପଡ଼ିଛି । ଫଳରେ ଆସନ୍ତା ୨୯ ଅଗଷ୍ଟରେ ହେବାକୁ ଥିବା ମତଦାନରେ ଉଭୟ ଟିମ୍ ମଧ୍ୟରେ କଡ଼ା ଟକ୍କର ହେବା ନେଇ ପୋଲିସ ମହଲରେ ଚର୍ଚ୍ଚା ଜୋର୍ ଧରିଛି ।

ନିଶାମୁକ୍ତ ଓଡ଼ିଶା ଅଭିଯାନ

ବ୍ରହ୍ମପୁର ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୨।୮(ନି.ପ୍ର): ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ଅଧୀନରେ ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ସହରର ବିଭିନ୍ନ ସ୍କୁଲ ଓ କଲେଜରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ସହରର ୭ଟି ସ୍କୁଲ ଓ ଗୋଟିଏ କଲେଜର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ କାର୍ଯ୍ୟକ୍ରମରେ ସାମିଲ ହୋଇ ନିଶା ସେବନର କୁପ୍ରଭାବ ଉପରେ ସଚେତନତା କରୁଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଠାରୁ ସଚେତନତା ବାର୍ତ୍ତା ଶୁଣିଥିଲେ । ନିଜ ନିଜ ଥାନା ଇଲାକାରେ ଥିବା ଥାନା ଅଧିକାରୀମାନେ ସକ୍ରିୟ ଅଂଶଗ୍ରହଣରେ ସାମିଲ ହୋଇଥିଲେ । ସଚେତନତା କାର୍ଯ୍ୟକ୍ରମରେ ନିଶାଦ୍ରବ୍ୟ ସେବନ ଦ୍ୱାରା ହେଉଥିବା ଶାରିରୀକ, ମାନସିକ, ସାମାଜିକ ଓ ଶିକ୍ଷାଗତ କ୍ଷତି ସମ୍ପର୍କରେ ବିଦ୍ୟାର୍ଥୀଙ୍କୁ ବୁଝାଯାଇଥିଲା । ନିଶାରୁ ଦୂରେଇ ରହିବା ସହିତ ପରିବାର, ବନ୍ଧୁବର୍ଗ ଓ ସମାଜର ନିଶା ବିରୋଧି ସଚେତନତା ସୃଷ୍ଟି କରିବାକୁ ଯୁବପିଢ଼ୀଙ୍କୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ନିଶା ସମ୍ପର୍କିତ ଅଭିଯୋଗ, ପରାମର୍ଶ ଓ ପୁର୍ନବାସ ସହାୟତା ପାଇଁ ପେଟ୍ରୋଲ୍ ଓ ଜାତୀୟ ନିଶା ହେଲ୍‌ପ ଲାଇନ୍ ନମ୍ବର ୧୯୩୩ ସମ୍ପର୍କରେ ମଧ୍ୟ ବିଦ୍ୟାର୍ଥୀଙ୍କୁ ସୂଚନା ଦିଆଯାଇଥିଲା। ଶେଷରେ ଉପସ୍ଥିତ ବିଦ୍ୟାର୍ଥୀମାନେ ନିଶାମୁକ୍ତ ସଙ୍କଳ୍ପ ନେଇ ନିଶାରୁ ଦୂରେଇ ରହିବା ସହ ଏକ ନିଶାମୁକ୍ତ ସମାଜ ଗଠନରେ ସହଯୋଗ କରିବାକୁ ଶପଥ ନେଇଥିଲେ ।

ବସ ଧକ୍କାରେ ଯୁବକ ମୃତ

ଜଗନ୍ନାଥ ପ୍ରସାଦ,୨୨।୮(ନି.ପ୍ର): ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା ଚୋପରା ପାଣିଟାଙ୍କି ନିକଟରେ ଗୁରୁବାର ଅପରାହ୍ନ ୫ଟା ସମୟରେ ଘରୋଇ ଯାତ୍ରୀବାହି ଶୁଭମ ବସ ସହିତ ପଲସର ବାଇକ ଧକ୍କା ହେବା ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ଛାମୁଣ୍ଡା ଗ୍ରାମ ବାରିସାହିର ସ୍ୱର୍ଗତ ବିନୋଦ ପ୍ରଧାନଙ୍କ ତୃତୀୟ ପୁଅ ଆଲୋକ ପ୍ରଧାନ (୨୮) । ସେ ଗୁଜୁରାଟ ସହରର ଘରୋଇ କମ୍ପାନୀରେ କାମ କରୁଥିଲେ । ବାପାଙ୍କ ବର୍ଷିକିଆ କାମ ପାଇଁ ଗାଁକୁ ଆସିଥିଲେ । ଗୁରୁବାର ମୃତ ଆଲୋକ ଅପରାହ୍ନରେ କୌଣସି କାମ ପାଇଁ ନିଜ ପଲସର ବାଇକ ଯୋଗେ ଜଗନ୍ନାଥ ପ୍ରସାଦ ଆସୁଥିବା ବେଳେ ଭୁବନେଶ୍ୱରରୁ ଛାମୁଣ୍ଡା ଦେଇ ଭଞ୍ଜନଗର ଯାଉଥିବା ଯାତ୍ରୀବାହି ଶୁଭମ ବସ ସମ୍ମୁଖ ଭାଗରେ ପିଟି ହୋଇ ତଳେ ପଡ଼ ଯାଇଥିଲେ । ସ୍ଥାନୀୟ ଲୋକ ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ପହଂଚି ଯାତ୍ରୀବାହି ବସ ଓ ବାଇକକୁ ଜବତ କରିଛି । କେସ ନମ୍ବର ୩୨୬ ପ୍ରକାରେ ମାମଲା ରୁଜୁ କରି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ତଦନ୍ତକାରି ଅଧିକାରୀ ଏଏସଆଇ ପ୍ରିୟରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି ।

ଅପମିଶ୍ରିତ ଖୁଆ ବିକ୍ରି ଅଭିଯୋଗ ଲସି ଦୋକାନରେ ଚଢ଼ାଉ

ବ୍ରହ୍ମପୁର,୨୨।୮(ନି.ପ୍ର): ଅପମିଶ୍ରିତ ଖୁଆ ବିକ୍ରି ଅଭିଯୋଗରେ ବ୍ରହ୍ମପୁର ମହାନଗର ନିଗମର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଶୁକ୍ରବାର ଗିରିଜା ଛକସ୍ଥିତ କେତେକ ଲସି ଦୋକାନରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ କିଛି ଲସି ଦୋକାନରେ ବ୍ୟାପକ ଅପମିଶ୍ରିତ ଖୁଆକୁ ବିଇଏମ୍‌ସି ଜବତ କରିଥିଲା । ଏହା ସହ ଖୁଆର ନମୁନା ସଂଗ୍ରହ କରାଯାଇଛି । ସହରର ଖାସ୍‌ପା ସାହି ଓ ଆଗା ସାହି ଅଞ୍ଚଳରେ ଥିବା ୫ରୁ ଅଧିକ ପନିର ଓ କ୍ଷୀର ଦୋକାନରେ ମଧ୍ୟ ଯାଞ୍ଚ କରାଯାଇଥିଲା । ବିକ୍ରି ପାଇଁ ରଖାଯାଇଥିବା ପନିର୍‌ର ମଧ୍ୟ ନମୁନା ସଂଗ୍ରହ କରାଯାଇଛି । ପରୀକ୍ଷା ସମୟରେ ଏଥିରେ ଆୟୋଡ଼ିନ୍ ପକାଇବା ପରେ ପନିରର ରଙ୍ଗ ପରିବର୍ତ୍ତନ ହୋଇଥିଲା । ଏହା ଅପମିଶ୍ରଣର ସଙ୍କେତ ବୋଲି ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ଦୋକାନରେ ବିକ୍ରି ପାଇଁ ରଖାଯାଇଥିବା ଖୁଆର ମଧ୍ୟ ପରୀକ୍ଷା କରାଯାଇଥିଲା । କେମିକାଲ୍ ପକାଇବା ପରେ ଖୁଆର ରଙ୍ଗ କଳା ହୋଇଯାଇଥିବାରୁ ଏଥିରେ ମଧ୍ୟ ଅପମିଶ୍ରଣ ହୋଇଥିବା ଜଣାପଡ଼ିଥିଲା । ଏହା ସହ କେତେକ ଦୋକାନରେ ଏକ୍ସପାଇର୍ ତାରିଖ ପାର ହୋଇଥିବା କ୍ଷୀର ପ୍ୟାକେଟ୍ ମଧ୍ୟ ବିକ୍ରି ପାଇଁ ରଖାଯାଇଥିବା ଯାଞ୍ଚ ପରେ ଜଣାପଡ଼ିଥିଲା । ଫଳରେ ବିଭାଗ ପକ୍ଷରୁ ବିପୁଳ ପରିମାଣର ପନିର, ଖୁଆ ଓ କ୍ଷୀର ନଷ୍ଟ କରାଯାଇଥିଲା। ଖାଦ୍ୟ ନିରାପତ୍ତା ବିଭାଗର ଅଧିକାରୀ ସ୍ମିତା ଖାଡ଼ଙ୍ଗା ଗଣମାଧ୍ୟମକୁ କହିଛନ୍ତି ଖାଦ୍ୟର ମାନ ଯାଞ୍ଚ ପାଇଁ ଏଭଳି ଚଢ଼ାଉ ଆଗାମୀ ଦିନରେ ମଧ୍ୟ ଜାରି ରହିବ । ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ବ୍ୟବସାୟୀଙ୍କ ବିରୋଧରେ ନିୟମାନୁଯାୟୀ ପଦକ୍ଷେପ ନିଆଯିବ ।

ବଡକୋଦଣ୍ଡା ଛକରୁ ବିଶ୍ରାମାଗାର ଗାୟବ

ଭଞ୍ଜନଗର,୨୨।୮(ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ମୁନିସିପାଲଟି ଅନ୍ତର୍ଗତ ବଡକୋଦଣ୍ଡା ଛକରୁ ବିଶ୍ରାମାଗାର ଗାୟବ କଥାଟି ଅଜବ ଲାଗିଲେ ବି ସତ। ଗତ କିଛି ଦିନ ହେବ ବିଶ୍ରାମାଗାରଟି ଆଉ ନାହିଁ। ପ୍ରାୟ ୨୦ ବର୍ଷରୁ ଅଧିକ ଦିନ ଧରି ଭଞ୍ଜନଗର ବଡ଼କୋଦଣ୍ଡା ଛକରେ ଯାତ୍ରୀ ମାନଙ୍କ ସୁବିଧା ପାଇଁ ବିଶ୍ରାମ ଗାରଟିଏ ନିର୍ମାଣ ହୋଇଥିଲା। ବଡକୋଦଣ୍ଡା, ସାନ କୋଦଣ୍ଡା, ଡୁମାକୁମ୍ପା, ବାଇବାଲି ଭଳି ୧୦ ଟି ପଞ୍ଚାୟତର ଶହଶହ ଯାତ୍ରୀ ଦୈନିକ ବ୍ରହ୍ମପୁର, ଆସ୍କା ଯିବାକୁ ହେଲେ ଏହି ବଡ କୋଦଣ୍ଡା ଛକରେ ଥିବା ବିଶ୍ରାମ ଗୃହରେ ବସି ବସ୍‌କୁ ଅପେକ୍ଷା କରୁଥିଲେ। ଖରା ବର୍ଷାରୁ ଲୋକଙ୍କୁ ଟିକିଏ ମୁକ୍ତି ମିଳିବା ପାଇଁ ବ୍ଲକ ପ୍ରଶାସନ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଶ୍ରାମ ଗାର ଟିଏ ନିର୍ମାଣ କରିଥିଲା। ହେଲେ ରାତାରାତି ତାହା ଚୋରି ହୋଇଯାଇଛି। ବ୍ଲକ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। କିଏ ଓ କାହିଁକି ଘରଟିକୁ ରାତାରାତି ଚୋରି କରି ନେଇଗଲା, ତାହାର ସଠିକ୍ ସୂଚନା କାହାରି ପାଖରେ ନାହିଁ। ଯଥାଶିଘ୍ର ସେଠାରେ ପୁଣି ବିଶ୍ରାମ ଗାରଟିଏ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିବା ସହ ଯିଏ ବିଶ୍ରାମ ଗାରାଟିକୁ ରାତାରାତି ମାଟିରେ ମିଶାଇଛି ତା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି ହୋଇଛି।

ଜମି ବିକ୍ରି ଆଳରେ ୪୧ ଲକ୍ଷ ଠକେଇ, ବିଲ୍‌ଡ଼ର ଗିରଫ

ବ୍ରହ୍ମପୁର,୨୨।୮(ନି.ପ୍ର): ଜାଲ୍ କାଗଜପତ୍ରରେ ଜମି ବିକ୍ରି କରି ଜଣେ ବ୍ୟକ୍ତିଙ୍କ ଠାରୁ ୪୧ ଲକ୍ଷ ୪୦ ହଜାର ଟଙ୍କା ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ବିଲଡ଼ର ଗୋସାଇଁନୂଆଗାଁ ଦଶଘରିଆ ସାହିର କୃଷ୍ଣଚନ୍ଦ୍ର ଚୌଧୁରୀ (୪୦)ଙ୍କୁ ଜାମିନ୍ ବିହୀନ ଗିରଫ ପରୱାନା ବଳରେ ପୋଲିସ ଗିରଫ କରିଛି । କୃଷ୍ଣଚନ୍ଦ୍ର ପୂର୍ବରୁ ଟାଉନ୍ ଥାନାର ଏକ ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିବା ବେଳେ ଜାମିନ୍‌ରେ ଆସିଥିଲେ । ଉକ୍ତ ମାମଲାର ବିଚାର କୋର୍ଟରେ ଚାଲିଥିବା ବେଳେ ସେ କୋର୍ଟର ହାଜର ହୋଇନଥିଲେ । ଫଳରେ କୋର୍ଟ ତାଙ୍କ ବିରୋଧରେ ଏନ୍‌ବିଡ଼ବ୍ଲ୍ୟୁ ଜାରି କରିଥିଲା । ଫଳରେ ଗୋସାଇଁନୂଆଗାଁ ପୋଲିସ କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରିଛି । ମାମଲାର ବିବରଣୀରୁ ପ୍ରକାଶ ଯେ, ବ୍ରହ୍ମପୁର ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମି କିଣାବିକା ବେଳେ ପ୍ରକୃତ ଜମି ମାଲିକ ବଦଳରେ ଅନ୍ୟଜଣଙ୍କୁ ଛିଡ଼ା କରାଇ ଜମି ପଞ୍ଜିକୃତ କରି ଦିଆଯାଇଥିଲା। ନିଳାଞ୍ଚଳନଗର ୪ର୍ଥ ଲାଇନ୍‌ର ସୀମାଞ୍ଚଳ ସେଠୀ ଖୋଡ଼ାସିଂଠାରେ ଥିବା ୪୧ ଡ଼ିସିମିଲିର ଜମି କିଣିବାକୁ ରାମକୃଷ୍ଣ ଏବଂ ଅଶୋକ କୁମାର ମହାରଣାଙ୍କ ସହ କଥାବାର୍ତ୍ତା କରିଥିଲେ । ଜମି ବିକ୍ରି ବାବଦକୁ ୪୧ଲକ୍ଷ ୪୦ ହଜାର ଟଙ୍କାରେ ଚୁକ୍ତି କରି ବିଲଡ଼ର କୃଷ୍ଣଚନ୍ଦ୍ର ତାଙ୍କର କିଛି କର୍ମଚାରୀଙ୍କ ସହାୟତାରେ ଚଞ୍ଚକତା କରି ଜମି ଠକି ନେଇଥିଲେ ବୋଲି ୨୦୨୪ ଏପ୍ରିଲ୍ ୧୫ ତାରିଖରେ ଅଭିଯୋଗ ହୋଇଥିଲା । ମାଲାର ତଦନ୍ତ କରି ଟାଉନ୍ ଥାନା ପୋଲିସ ବିଲ୍‌ଡ଼ର ଚୌଧୁରୀ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ହୁବାଇରେ ଲିଭିଗଲା ଜୀବନ ଦୀପ

ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ଭାଙ୍ଗିପଡ଼ିଲା ପରିବାର

ଖଲ୍ଲିକୋଟ,୨୨।୮(ନି.ପ୍ର): ପୁଣି ଖଲ୍ଲିକୋଟରେ ଦାଦନ ଯନ୍ତ୍ରଣା। ପରିବାର ପାଇଁ ଦୁବାଇ ଯାଇଥିବା ଆଉ ଜଣେ ଓଡ଼ିଆ ଶ୍ରମିକଙ୍କ ଜୀବନ ଚାଲିଗଲା ବିଦେଶ ମାଟିରେ। ଏକମାତ୍ର ରୋଜଗାରିଆ ପୁଅକୁ ହରାଇ ଏବେ ଭାଙ୍ଗି ପଡ଼ିଛି ପୂରା ପରିବାର। ସ୍ୱାମୀକୁ ହରାଇ ବାହୁନି ବାହୁନି କାନ୍ଦୁଛି ସ୍ତ୍ରୀ। ବାପାଙ୍କୁ ହରାଇ ବାପ ଛେଉଣ୍ଡ ହୋଇଗଲା ମାତ୍ର ତିନି ବର୍ଷର ପୁଅ। ଏ ହେଉଛି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଏନ୍‌ଏସି ୯ ନମ୍ବର ୱାର୍ଡ ଫାସୁଳା ଗାଁର ଉତ୍ତମ ଗୌଡ଼ଙ୍କ ପରିବାର। ଦୁଇବର୍ଷ ତଳେ ପରିବାର ମୁହଁରେ ହସ ଫୁଟାଇବା ପାଇଁ ଦୁବାଇ ଯାଇଥିଲେ ଉତ୍ତମ। ସେଠାରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରି ଯାହା ରୋଜଗାର କରୁଥିଲେ, ସେଥିରେ ଚଳୁଥିଲା ତାଙ୍କ ପରିବାର। ରାକ୍ଷୀ ପୂର୍ଣ୍ଣିମାରେ ଘରକୁ ଫେରିବେ ବୋଲି ଆଶା ବାନ୍ଧିଥିଲେ ପରିବାର ଲୋକେ। ଭଉଣୀ ମଧ୍ୟ ଭାଇ ହାତରେ ରାକ୍ଷୀ ବାନ୍ଧିବାକୁ ଅପେକ୍ଷା କରିଥିଲା। ହେଲେ ହଠାତ୍ ସବୁକିଛି ବଦଳିଗଲା। ଗତ ୩ରୁ ୪ ଦିନ ତଳେ କାମ କରୁଥିବା ସମୟରେ କୌଣସି କାରଣରୁ ଅସୁସ୍ଥ ହୋଇପଡ଼ିଥିଲେ ଉତ୍ତମ। ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ହେଲେ ଶନିବାର ପରିବାର ଲୋକଙ୍କ ନିକଟକୁ ଆସିଲା ତାଙ୍କ ମୃତ୍ୟୁ ଖବର। ଖବର ଶୁଣିବା ପରେ ଯେମିତି ପରିବାର ଉପରେ ଛିଣ୍ଡିପଡ଼ିଲା ଦୁଃଖର ପାହାଡ଼। ସ୍ୱାମୀକୁ ହରାଇ ସ୍ତ୍ରୀର ଆଖିରୁ ଲୁହ ଶୁଖୁନି। ସେପଟେ ଭାଇ ଆସିବ, ହାତରେ ରାକ୍ଷୀ ବାନ୍ଧିବି... ଏହି ଆଶାରେ ଯିଏ ବାଟ ଚାହିଁ ବସିଥିଲା, ସେହି ଭଉଣୀ ଏବେ ଭାଇର ମୃତ୍ୟୁ ଖବରରେ ଲୁହରେ ଭାସୁଛି। ଦୁବାଇ ମାଟିରେ ରୋଜଗାର କରି ପରିବାରର ଭବିଷ୍ୟତ ସଜାଇବାର ସ୍ୱପ୍ନ ଦେଖିଥିଲେ ଉତ୍ତମ। ହେଲେ ଭାଗ୍ୟର ନିଷ୍ଠୁର ନିଷ୍ପତ୍ତିରେ ଅଧାରେ ରହିଗଲା ସେହି ସ୍ୱପ୍ନ। ଏବେ ପରିବାରର ଆଖିରେ ଲୁହ ଏବଂ ମନରେ ଗୋଟିଏ ପ୍ରଶ୍ନ-କେବେ ଫେରିବ ଉତ୍ତମଙ୍କ ମର ଶରୀର? କେବେ ଶେଷଥର ପାଇଁ ନିଜ ଲୋକଙ୍କ ଆଖି ସାମ୍ନାରେ ଫେରିବେ ଉତ୍ତମ?

ହୁମ୍ମାରେ ଓଡିଶା କୃଷକ ସଭାର ରାସ୍ତାରୋକ୍

ଗଂଜାମ,୨୨।୮(ନି.ପ୍ର): ଅଖିଳ ଭାରତ କୃଷକ ସଭା ଅନୁ ବନ୍ଧିତ ଓଡିଶା କୃଷକ ସଭା ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଚାଷୀ ପଞ୍ଜିକରଣରେ ଏଗ୍ରିଷ୍ଟିକ ବାତିଲ କରି ଭାଗ ଚାଷୀଙ୍କ ମାଲିକଙ୍କ ଆଇ ସ୍କାନକରି ବା ବନ୍ଦକରି ଗତ ବର୍ଷ ପରି ସହମତ ପତ୍ରରେ ପଞ୍ଜିକରଣ କରିବା, ମନ୍ଦିର ଦେବାଲୟ ଜମିର ସମସ୍ତ ଚାଷୀଙ୍କୁ ସ୍ୱୀକୃତି ଦେଇ ପଞ୍ଜିକରଣ କରିବା, ପରିବାର ଓ ମୃତ ବକ୍ତି ନାମରେ ପଟ୍ଟା ଥିଲେ ରାଜସ୍ୱ ବିଭାଗରୁ ପ୍ରମାଣପତ୍ର ଦେଇ ପଞ୍ଜିକରଣ କରିବା ଓ ପଞ୍ଜିକରଣ ସମୟ ସୀମା ଅବଧି ବୃଦ୍ଧି କରିବା ଦାବୀ ନେଇ ହୁମାଠାରେ ରାଜପଥ ଅବରୋଧ କରି ଚାଷୀ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା କୃଷକ ସଭା ଜିଲ୍ଲା ସଭାପତି ତଥା ରାଜ୍ୟ ଉପସଭାପତି ପି ହରିକୃଷ୍ଣ ରେଡ୍ଡୀ ଯୋଗ ଦେଇ କେନ୍ଦ୍ର ମୋଦୀ ସରକାର ଚାଷୀଙ୍କୁ ସର୍ବନିମ୍ନ ସହାୟକ ଦେବା ପାଇଁ ପ୍ରତି ସୃତି ଦେଇ ଚାଷୀ ସମାଜ ପ୍ରତି ବିଶ୍ୱାସ ଘାତକ କରିଛନ୍ତି। ରାଜ୍ୟ ସରକାର ଚାଷୀଙ୍କ କଥା କହି ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସି ଚାଷୀଙ୍କୁ ପ୍ରତାରଣା କରିଛନ୍ତି।

ଚାଷୀମାନେ ପଞ୍ଜିକରଣ ଯେପରି ନକରିପାରିବେ ଷଡଯନ୍ତ କରୁଛନ୍ତି। ଚାଷୀଙ୍କୁ କଟକଣା ଦ୍ୱାରା ତାଙ୍କର ଅଧିକାର ଓ ମୂଲ୍ୟ ପାଇବାରେ ବଞ୍ଚିତ କରୁଛନ୍ତି। ଜିଲ୍ଲାରେ ୫୦ଭାଗରୁ ଊର୍ଦ୍ଧ୍ୱ ଭାଗ ଚାଷୀ। ପଞ୍ଜିକରଣ ନହେଲେ ତାଙ୍କ ଧାନ କେଉଁଠି ବିକ୍ରି କରିବେ। ବେପାରୀ ଓ ମିଲରମାନେ ଲାଭ ବାନ ହେବେ। ଚାଷୀ ତାର ମୂଲ୍ୟ ନପାଇ ଋଣ ପରିଶୋଧ ନକରି ପାରି ଆତ୍ମ ହତ୍ୟା କରିବାକୁ ବାଧ ହେବେ। ସରକାର ଅନ୍ନ ଦାତାଙ୍କୁ ମରଣ ଯନ୍ତା ଭିତରକୁ ଠେଲି ଦେଉଛନ୍ତି। ଏହା ବିରୁଦ୍ଧରେ କେନ୍

ଯୁବକଙ୍କ ମୃତଦେହ ରଖି ରାସ୍ତା ଅବରୋଧ, ପୋଲିସ ନାକେଦମ

ଢେଙ୍କାନାଳ, ୨୨।୮(ନି.ପ୍ର): ଢେଙ୍କାନାଳ ପୌରାଞ୍ଚଳ ୱାର୍ଡ ନମ୍ବର ୯ କୁଟୁଣିଆ ନୂଆସହି ଅଞ୍ଚଳର ୨୨ ବର୍ଷୀୟ ଯୁବକ ରବିନାରାୟଣ ପଣ୍ଡା ଗତକାଲି ବେକରେ ରସି ଲଗାଇ ନିଜ ଘରେ ଆତ୍ମହତ୍ୟା କରିଥିଲେ। ଆଜି ମଧ୍ୟାହ୍ନ ୧ଟା ୩୦ ମିନିଟ ସମୟରେ ରବିନାରାୟଣଙ୍କ ଶବ ସତ୍କାର ପରେ ପରିବାର ଏବଂ ସମ୍ପର୍କୀୟ ରବିନାରାୟଣଙ୍କ ମୃତ ଶରିରକୁ କଣ୍ଟନାଳୀ ବାଇପାସ ଛକ ନିକଟରେ ରଖି ରାସ୍ତାରୋକ କରିଥିଲେ। ରବିନାରାୟଣଙ୍କ ପରିବାରକୁ ନୂତନ ଘର ଦେବା ସହିତ ଜାଗାର ପଟ୍ଟା ଓ ୨୫ଲକ୍ଷ ଟଙ୍କା କ୍ଷତି ପୁରଣ ରାଶି ଦାବୀ କରି ୫୫ନଂ ଜାତୀୟ ରାଜପଥ ଉପରେ ମୃତ ଦେହ ରଖି ଶହ ଶହ ବସ୍ତି ବାସିନ୍ଦା ବସି ରହିଥିଲେ। ଫଳରେ ଅନୁଗୁଳ – କଟକ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାତାୟତରେ ବଧା ସୃଷ୍ଟି ହେବା ସହିତ ରସ୍ତାର ଉଭୟ ପଟରେ ଶହ ଶହ ଯାନବାହାନ ଅଟକି ରହିଥିଲା। ପୂର୍ବରୁ ରାସ୍ତା ରୋକ ହେବାର ଖବର ପାଇ ସେଠାରେ ପୋଲିସ ସଜାଗ ରହିଥିଲା। କିନ୍ତୁ ଶବକୁ ଦାହ କରିବା ପାଇଁ ନେଉଛନ୍ତି ବୋଲି କହି ପୋଲିସକୁ ଚକମା ଦେଇ ବସ୍ତି ବାସିନ୍ଦା ମାନେ ହଠାତ ରସ୍ତା ଉପରେ ଶବକୁ ରଖି ବସି ରହିଥିଲେ। ଘଟଣା ସ୍ଥଳରେ ସଦର ଏସଡିପିଓ ରମେଶ ଚନ୍ଦ୍ର ଦୋରା ଉପସ୍ଥିତ ରହି ରାସ୍ତା ରୋକ ହଟାଇବାକୁ ଚେଷ୍ଟା କରିଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ପରେ ସଦର ତହସିଲଦାର ସ୍ୱାଧୀନ ବେହେରା ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ସହିତ ସେମାନଙ୍କ ଦାବି ଗୁଡିକୁ ଉପରିସ୍ଥ ଅଧରକାରୀଙ୍କ ସହିତ ଆଲୋଚନା କରିବା ପରେ ନିଷ୍ପତି ନିଆଯିବ ଏବଂ ଶବ ବ୍ୟବଚ୍ଛେଦ ପାଇଁ ରେଡକ୍ରସ ତରଫରୁ ୧୦ ହଜାର ଟଙ୍କା ପ୍ରଦାନ କରିବା ପରେ ଅପରାହ୍ନ ପ୍ରାୟ ୫ଟା ସମୟରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଘଟଣା ସ୍ଥଳରେ ମୃତ ଯୁବକଙ୍କ ସାନ ଭାଇ ରାହୁଲ ପଣ୍ଡା ନିଜ ଭାଇର ମୃତ୍ୟୁ ପାଇଁ ଢେଙ୍କାନାଳ ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ ଦାସଙ୍କୁ ଦାୟୀ କରି ଏକ ଅଭିଯୋଗ ପତ୍ର ଏସଡିପିଓଙ୍କୁ ପ୍ରଦାନ କରିଥିଲେ। ସେହି ଅଭିଯୋଗ ଉପରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଏସଡିପିଓ କହିଥିଲେ। ଏହି ଆନ୍ଦୋଳନ ସମୟରେ ଉପ-ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର ଏବଂ ୱାଡ ନମ୍ବର ୯ର ପୂର୍ବତନ କାଉନସିଲର ଶକ୍ତି ପ୍ରସାଦ ବେଉରା ଆନ୍ଦୋଳନକାରୀଙ୍କୁ ନିଜର ସମର୍ଥନ ଜଣାଇ ଘଟଣା ସ୍ଥଳରେ ବସି ରହିଥିଲେ। ପୋଲିସ ଜୋର ଯବରଦସ୍ତ ଉଭୟଙ୍କୁ ଘଟଣା ସ୍ଥଳରୁ ହଟାଇବାକୁ ପ୍ରୟାସ କରିଥିଲା। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ରାସ୍ତା ରୋକ ଚାଲିଥିବା ସମୟରେ ସେହି ରାସ୍ତା ଦେଇ ଯାଉଥିବା ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କ ଗାଡିକୁ ଉତ୍ତ୍ୟକ୍ତ ଲୋକମାନେ ଅଟକାଇ ଦେଇଥିଲେ। ପରେ ପୋଲିସ ସହାୟତାରେ ବିଧାୟକଙ୍କ ଗାଡିକୁ ସୁରକ୍ଷିତ ଭାବେ ସେଠାରୁ ନିଆ ଯାଇଥିଲା। ତେବେ ପ୍ରଶାସନ ତରଫରୁ ଦିଆଯାଇଥିବା ପ୍ରତିଶୃତି ଯଦି ପୂରଣ ନ ହୁଏ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ବସ୍ତି ବାସିନ୍ଦା କହିଛନ୍ତି।

ବ୍ୟବସାୟୀଙ୍କ ପରଲୋକ

କେନ୍ଦ୍ରାପଡା, ୨୨।୮(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଶିଷ୍ଟ ସମାଜସେବୀ ତଥା ପ୍ରତିଷ୍ଠିତ ବ୍ୟବସାୟି ହାଜି ମିର୍ ରହେମତ ଅଲ୍ଲୀଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। କେନ୍ଦ୍ରାପଡା ସହର ସଂଲଗ୍ନ କପାଳେଶ୍ୱର ପଞ୍ଚାୟତ ଗରାପୁର ଗ୍ରାମର ରହେମତ ଅଲ୍ଲୀଙ୍କ ପରଲୋକର ଖବର ପାଇ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବ୍ଲକ ଉପସଭାପତି ପ୍ରତାପ ନାରାୟଣ ମହାପାତ୍ରଙ୍କ ସମେତ ଆଇନ୍‌ଜିବୀ, ବୁଦ୍ଧିଜିବୀ, ସମାଜସେବୀଙ୍କ ସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ସମୟରେ ତାଙ୍କର ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁର ଖବର ଜଣାପଡିବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

ନବକଳେବର ହେବ ଧାମନଗରର ବିଭିନ୍ନ କାର୍ଯ୍ୟାଳୟ

ଧାମନଗର, ୨୨।୮(ନି.ପ୍ର): ଧାମନଗର ଅଞ୍ଚଳରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମାନଙ୍କର ନବକଳେବର ହେବା ବ୍ଲକରେ କାର୍ଯ୍ୟକ୍ଷମ ବିଭିନ୍ନ ଆରଆଇ ଅଫିସ, ଗ୍ରାମ୍ୟ ନିର୍ମାଣ ବିଭାଗର କୋଠା ଓ ସରକାରୀ ଆବାସିକ କୋଠାର ମରାମତି ହେବା ଏଥିପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ମୋଟ ୭୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଭଦ୍ରକ-୨ ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧୀନରେ ଏହି କାର୍ଯ୍ୟ କରାଯିବା ମଞ୍ଜୁର ଅର୍ଥରୁ ୩୯ ଲକ୍ଷ ଟଙ୍କା ନିୟମିତ ରକ୍ଷଣାବେକ୍ଷଣ ପାଇଁ ବ୍ୟୟ ହେବା ବେତାଳିଗାଁ, କଟସାହି, ନଦୀଗାଁ ଓ ଅସୁରାଳି ଆରଆଇ କାର୍ଯ୍ୟାଳୟ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି। ବୟାଙ୍ଗଡିହ ନୂଆହାଟ, ସୁଜାନସିଂହପୁର ଓ ଭଗବାନପୁରର ଜିଏଚଡି କୋଠା ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଏବଂ ଧାମନଗର-୨ ଓ ଅସୁରାଳି ସେକ୍ସନ ଅଫିସ୍ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ ହେବା ସେହିପରି ଗୁରୁତ୍ୱପୂର୍ଣ୍ଣ କୋଠାର ମରାମତି ପାଇଁ ୩୦ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି। ଧୂଷୁରୀ ସବ-ରେଜିଷ୍ଟ୍ରାର ଅଫିସ୍ ଓ ଧାମନଗର ଗ୍ରାମ୍ୟ ନିର୍ମାଣ ସବ-ଡିଭିଜନ ଅଫିସ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି। ସରକାରୀ ଆବାସିକ କୋଠାର ମରାମତି ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବା ଅସୁରାଳି ଆରଡବ୍ଲ୍ୟୁ ସେକ୍ସନର ଜେଇଙ୍କ ଇ-ଟାଇପ୍ କ୍ୱାର୍ଟର ଓ ଧାମନଗରସ୍ଥିତ ଏଇଇଙ୍କ ଡି-ଟାଇପ କ୍ୱାର୍ଟର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି। ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ଅର୍ଥର ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ତେବେ କାର୍ଯ୍ୟଗୁଡ଼ିକ ସଠିକ୍ ଭାବେ ସମ୍ପନ୍ନ ହେଲେ ସରକାରୀ ଭିତ୍ତିଭୂମିର ଚିତ୍ର ବଦଳିବା ସହ ସାଧାରଣ ଲୋକଙ୍କୁ ସରକାରୀ ସେବା ପ୍ରଦାନରେ ଅଧିକ ସୁବିଧା ମିଳିବ ବୋଲି ସାଧାରଣରେ ଆଶା କରାଯାଉଛି।

ନାବାଳିକା ଗର୍ଭବତୀ, ନାବାଳକ ଅଟକ

ନିଆଳି, ୨୨।୮(ନି.ପ୍ର): ନିଆଳି ଥାନା ଦେବୀ କନ୍ଦଳ ଦ୍ୱୀପାଞ୍ଚଳରେ ଏକ ସରକାରୀ ସ୍କୁଲ ଛାତ୍ରୀଙ୍କୁ ୬ ମାସର ଗର୍ଭବତୀ କରିବା ଅଭିଯୋଗରେ ଜଗତସିଂହପୁର ଟାଉନ ଥାନା ଅଂଚଳର ଜଣେ ନାବାଳକକୁ ନିଆଳି ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ, ଜଗତସିଂହପୁର ଟାଉନ ଥାନା ଅଂଚଳର ଜଣେ ନାବାଳକ ଦ୍ୱୀପାଞ୍ଚଳର ପ୍ରସିଦ୍ଧ ଦିପୋଟି ମେଳଣ ଚୁଲିବାକୁ ଆସିଥିବା ବେଳେ ଦୀପାଞ୍ଚଳ ନାବାଳିକାଙ୍କ ସହିତ ଭେଟ ହୋଇଥିଲା। ନାବାଳିକାଙ୍କ ଗାଁରେ ସମ୍ପୃକ୍ତ ନାବାଳକର ମାଉସୀ ଘର ହୋଇଥିବାରୁ ଯିବା ଆସିବା ମଧ୍ୟରେ ଦୁଇ ଜଣ ଯାକ ସମ୍ପର୍କ ହୋଇଥିଲା। ପରେ ନାବାଳିକା ୬ ମାସର ଗର୍ଭବତୀ ହେବାର ଘର ଲୋକେ ଜାଣିବା ପରେ ନିଆଳି ଥାନାରେ ଅଭିଯୋଗ କରିଥିଲେ। ଖବର ପ୍ରଚାରିତ ହେବା ପରେ ପରେ ନିଆଳି ପୋଲିସ ସମ୍ପୃକ୍ତ ନାବାଳିକାକୁ ଚାଇଲ୍ଡ ହେଲ୍ପଲାଇନ୍ସରେ ଛଡା ଯାଇଥିବା ବେଳେ ନାବାଳକକୁ ନିଆଳି ଥାନା ପୋଲିସ ଅଟକ ରଖିଛି।

ବିଜେଡ଼ି ଟିମର ବନ୍ୟାଞ୍ଚଳ ପରିଦର୍ଶନ

ଆଳି, ୨୨।୮(ନି.ପ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କେନ୍ଦ୍ରାପଡ଼ା ଜିଲ୍ଲାର ବନ୍ୟା ପ୍ଲାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ସେ ପ୍ରଭାବିତ ଲୋକଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ବାବଦରେ ପଚାରି ବୁଝିଥିଲେଛ ଏଥିସହିତ କିଭଳି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ସେଥିପାଇଁ ପ୍ରଶାସନ ସହିତ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଆଳି ଧୋୟା ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଥିବା ବେଳେ ବନ୍ୟା ପୀଡ଼ିତଙ୍କ ପାଖରେ ପହଞ୍ଚି ସ୍ଥିତି ପରଖିଛନ୍ତି। ଏହି ପରିଦର୍ଶନ ସମୟରେ ତାଙ୍କ ସହ ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ଉପାଦକ୍ଷ ଭୀଷ୍ମ ମହାନ୍ତି ଉପସ୍ଥିତ ଥିଲେ। ଉଭୟ ନେତା ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ଓ ସ୍ଥିତି ସମ୍ପର୍କରେ ଅବଗତ ହୋଇଛନ୍ତି।

ଦୁଇ ବାଲି ବୋଝେଇ ହାଇୱା ଜବତ

ନିଆଳି, ୨୨।୮(ନି.ପ୍ର): ନିଆଳି ଥାନା ପୋଲିସ ଶୁକ୍ରବାର ଦିନରତନପୁର ପଞ୍ଚାୟତ ଚନ୍ଦ୍ରମଉଳି ଛକରୁ ପୋତା ବାଲି ବୋଝେଇ ଦୁଇଟି ହାଇୱାକୁ ଜବତ କରିଛି। ପୋତା ବାଲି ବୋଝେଇ ହାଇବା ଦୁଇଟିର ନମ୍ବର ହେଉଛି ଓଡି-୦୨ସିଭି-୫୨୯୯ ଓ ଓଡି-୦୫ବିଟି-୫୨୯୯। ଗାଡ଼ି ଦୁଇଟି ନିଆଳି ଥାନା ପୋଲିସ ଜବତ କରିଥିବା ବେଳେ ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ନିଆଳି ଥାନା ଆଇଆଇସି ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ବନ୍ୟା ବିପନ୍ନଙ୍କୁ ବିଜେପି ମହିଳା ମୋର୍ଚ୍ଚାର ସହାୟତା

କେନ୍ଦ୍ରାପଡା, ୨୨।୮(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ତରଫରୁ ପଟ୍ଟାମୁଣ୍ଡାଇ ବ୍ଲକ ବନ୍ୟା ବିପନ୍ନଙ୍କୁ ବିଜେପି ଜିଲ୍ଲା ସଭାନେତ୍ରୀ ଡକ୍ଟର ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ରିଲିଫ୍ ବଣ୍ଟନ କରାଯାଇଛି। ବିପନ୍ନ ମାନଙ୍କ ପାଇଁ ଚୁଡା, ଚିନି, ବିସ୍କୁଟ, ଅମୁଲ୍, ଓଆର୍‌ଏସ୍ , ମିକଶ୍ଚର, ପିଇବା ପାଣି ବୋତଲ, ପାଉଁରୁଟି ଇତ୍ୟାଦି ବଣ୍ଟନ କରାଯାଇଛି। ଏହି ଅବସରରେ ଡକ୍ଟର ଜେନା ବନ୍ୟା ପାଣି ଭିତରେ ପଶି ଲୋକମାନଙ୍କ ଭଲ ମନ୍ଦ ବୁଝିବା ସହିତ ବିପନ୍ନଙ୍କ ପରିବାରରେ କିଛି ସମୟ କଟାଇଥିଲେ। ମହିଳା ମୋର୍ଚ୍ଚାର କର୍ମକର୍ତ୍ତାମାନେ ରିଲିଫ୍ ସାମଗ୍ରୀ ଡଙ୍ଗାରେ ନେଇ ବିପନ୍ନଙ୍କ ପାଖରେ ପହଁଚାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଭରତ ଭୂଷଣ ଦାସ, ଗିରିଜାଶଙ୍କର ଦାସ, ବନ୍ଦନାରାଣୀ ରାଉତରାୟ, ରଶ୍ମିତା ସାହୁ, ପ୍ରିୟଙ୍କା ଶତପଥୀ, ମିନାରାଣୀ ଦାସ, ମଧୁସ୍ମିତା ମଲ୍ଲ, ପଙ୍କଜିନୀ ସାମଲ, ସୁଷମା ଭୂୟାଁ, ହିମାଂଶୁ ଲେଙ୍କା, ରଶ୍ମିରଂଜନ ରାଉତ, ଅନିଲ୍ ସ୍ୱାଇଁ, ପଙ୍କଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ପୁନର୍ବାସ ପକ୍ଷରୁ 'ମନନ' କାର୍ଯ୍ୟକ୍ରମ

କେନ୍ଦ୍ରାପଡା, ୨୨।୮(ନି.ପ୍ର): ଜିଲ୍ଲାର ଏକମାତ୍ର ଭିନ୍ନକ୍ଷମ କ୍ଷେତ୍ରରେ ଥେରାପି ଚିକିତ୍ସା ସେବା ଓ ସଚେତନ ପ୍ରଦାନ କରି ଆସୁଥିବା ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ ମନନ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଶିଶୁ ବ୍ୟକ୍ତି ବିଶେଷଙ୍କ ପ୍ରଯତ୍ନ ଶିକ୍ଷା ଓ ଥେରାପି ଗତ ହସ୍ତକ୍ଷେପ ପ୍ରଭୃତିରେ ରହିଥିବା ବିବିଧତା ଏବଂ ଅବଧାରଣା ସମ୍ପର୍କିତ ଜ୍ଞାନକୁ ପରିପ୍ରସାର କରାଇବା ଏହି ମାସିକ ମନନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ଡକ୍ଟର ବିରଜା ରାଉତରାୟ ପ୍ରକାଶ କରିଛନ୍ତି। ପୁନର୍ବାସ ପରିସରରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ବରିଷ୍ଠ ଅକ୍ୟୁପେଶନାଲ୍ ଥେରାପିଷ୍ଟ ଗିରିଜା ଶଙ୍କର ଖୁଂଟିଆ, ଡିସପ୍ରକ୍ସିଆ ଏହାର ଜଟିଳ ସ୍ୱରୂପ ପରିଚାଳନା ବିଷୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଥେରାପିଷ୍ଟ କୀର୍ତ୍ତିଦାସ, ତପସ୍ୱିନୀ ରଥ, ଆବୃତ୍ତି ବେହେରା, ଏସ୍‌କେ ମୁବାସିର୍, କମଳାକାନ୍ତ ବିଶ୍ୱାଳ, ସାଇଶ୍ରୀତା ମେକାପ, ନିତୁରାଣୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ବର୍ଦ୍ଧିତ ଦରରେ ପିଆଜ ବିକ୍ରି, ଯୋଗାଣ ବିଭାଗର ଚଢ଼ାଉ

ଖୋର୍ଦ୍ଧା, ୨୨।୮(ନି.ପ୍ର): ପିଆଜର ବର୍ଦ୍ଧିତ ଦର ବୃଦ୍ଧି ରୋକିବା ପାଇଁ ଯୋଗାଣ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ପ୍ରତାକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଜିଲ୍ଲାର ଖୋର୍ଦ୍ଧା ଓ ଭୁବନେଶ୍ୱରର ବିଭିନ୍ନ ବଜାର ଉପରେ ଚଢ଼ାଉ କରାଯାଇଛି। ଭୁବନେଶ୍ୱରର ଆଇଗିଣିଆ ଠାରେ ଥିବା ବିଭିନ୍ନ ପିଆଜ ଗୋଦାମ ଉପରେ ଚଢ଼ାଉ କରାଯାଇ ଗଚ୍ଛିତ ପରିମାଣ ଓ ମୂଲ୍ୟ ଉପରେ ତଦାରଖ କରାଯାଇଥିଲା। ଯାଞ୍ଚରୁ ଜଣାପଡିଥିଲା ଯେ, ଆସିବା ସ୍ଥାନରୁ ମୂଲ୍ୟ ବୃଦ୍ଧି ହୋଇଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ମୂଲ୍ୟ ବୃଦ୍ଧି ଘଟିଛି। କ୍ରୟ ସ୍ଥାନରେ ମୂଲ୍ୟ କିଲୋ ପିଛା ୩୭.୦୦ ରୁ ୪୨.୦୦ ଥିବାର ଗୋଦାମ ମାଲିକ ମାନେ ଜଣାଇଥିଲେ। ଏଥି ପାଇଁ ଖୁଚୁରା ଦୋକାନ ମାନଙ୍କରେ ମୂଲ୍ୟ ୪୦.୦୦ ରୁ ୪୫.୦୦ ପର୍ଯ୍ୟନ୍ତ ବିକ୍ରି ହେବାର ଦେଖା ଦେଇଥିଲା। ସମସ୍ତ ଖୁଚୁରା ଏବଂ ହୋଲସେଲର ମାନଙ୍କୁ ସେମାନଙ୍କର ଗଚ୍ଛିତ ଓ ମୂଲ୍ୟ ସାରଣୀ ଦୋକାନ ସାମ୍ନାରେ ମାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଯୋଗାଣ ବିଭାଗ ପକ୍ଷରୁ ଖୋର୍ଦ୍ଧା ମୁନିସିପାଲିଟି ବଜାର ସହ ଭୁବନେଶ୍ୱରର ଚାରି ନମ୍ବର ମାର୍କେଟ, ଇନ୍ଦ୍ରଧନୁ ମାର୍କେଟ, କୋଚିଲେଇ ହାଟ ଓ ଏକ ନମ୍ବର ବଜାରରେ ଯାଞ୍ଚ କରାଯାଇଥିଲା। ଏହି ଚଢ଼ାଉରେ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ସହକାରୀ ଯୋଗାଣ ଅଧିକାରୀ ହିମାଂଶୁ ଦତ୍ତ, ନିରୀକ୍ଷିକା ଅଲିଭା ଦାସ, ରିତା ମାଝୀ, ଓ ଶ୍ରଦ୍ଧାଞ୍ଜଳି ସେଠି ଉପସ୍ଥିତ ଥିଲେ।

ମଦ ମୁକ୍ତ ସଚେତନତା

ଜଗତସିଂହପୁର, ୨୨।୮(ନି.ପ୍ର): ଜଗତସିଂହପୁର ମୋନା ପକ୍ଷରୁ ସଂପୂର୍ଣ୍ଣ ମଦମୁକ୍ତ ଓଡ଼ିଶା ଦାବିରେ ପିତେଇପୁର ପଞ୍ଚାୟତ ଉଗାଳପୁର ଗ୍ରାମ ଠାରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକଙ୍କ ନେତୃତ୍ୱରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ତ୍ରିରଙ୍ଗା ଯାତ୍ରା ୭୨ ଦିନରେ ପହଞ୍ଚିଲାଣି । ଏହି ଯାତ୍ରାକୁ ସମର୍ଥନ କରି ପିତେଇପୁର ଠାରେ ଜିଲ୍ଲା ଶାଖାର ଆବାହିକା ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଆହ୍ୱାନରେ ସଚେତନତା ସଭା ସହ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶୁଭେନ୍ଦୁ ରାଉତ ରାୟ, ଖଗେଶ୍ୱର ବଳ, ସୁରେନ୍ ରାଉତ, ବେହେରା ପ୍ରମୁଖ ସାମିଲ ଥିଲେ।

'ଓୟୁଏସଏସ' ଗ୍ରୁପ ଅଫ କମ୍ପାନୀ ପକ୍ଷରୁ ରିଲିଫ ବଣ୍ଟନ

ଦଶରଥପୁର, ୨୨।୮(ନି.ପ୍ର): ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସି ଦଶରଥପୁର ବ୍ଲକର ୨୫ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଜଳ ଘେରରେ ଥିବାବେଳେ ଡୋବାବିଲ-ପାଟଣା ଘାଇ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବଢେଇ ଦେଇଛି। ଏହି ଦୁର୍ଦ୍ଦନ ସମୟରେ ସୁଦୂର ପଞ୍ଜାବ ରାଜ୍ୟରୁ 'ଓୟୁଏସଏସ' ଗ୍ରୁପ ଅଫ କମ୍ପାନୀ ତରଫରୁ ତରପଦା ପଞ୍ଚାୟତସ୍ଥ ରାମଚନ୍ଦ୍ରପୁର ଠାରେ ଶତାଧିକ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସମେତ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ବଣ୍ଟନ କରାଯାଇଛି। ପଞ୍ଜାବରୁ ଆସି ଓଡିଶାର ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବନ୍ୟା ବିପନ୍ନଙ୍କୁ ସହଯୋଗର ହାତ ବଢ଼ାଇ ଥିବାରୁ ବନ୍ୟା ବିପନ୍ନଙ୍କ ତରଫରୁ କମ୍ପାନୀର ମୁଖ୍ୟ ପରିଚାଳକ ଦୀପ ମାଲୋହୋତ୍ରା, ଇଷ୍ଟ ଜୋନ ମୁଖ୍ୟ ଲୋକେଶ ସରାର ଓ ଓଡିଶା ରାଜ୍ୟ ମୁଖ୍ୟ ଶ୍ରୀକାନ୍ତ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ସ୍ଥାନୀୟ ଲୋକେ। ରିଲିଫ ବଣ୍ଟନ କରିବାରେ ଯୁବ ସମାଜସେବୀ ଅଶୋକ କୁମାର ରଥ ସହଯୋଗ କରିଥିଲେ।

ସୁଧୁରିନି ଜନନୀ ଯନ୍ତ୍ରଣା

ଖଟିଆରେ ବୁହା ହେଲେ ଗର୍ଭବତୀ ମହିଳା

ତେନ୍ତୁଳିଖୁଣ୍ଟି, ୨୨।୮(ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ବରଡ଼ାଝୋଡ଼ି ଗ୍ରାମର ଗର୍ଭବତୀମହିଳାଙ୍କୁ ପୁଣି ଖଟିଆରେ ବୁହା ହୋଇଛନ୍ତି ଜଣେ ଗର୍ଭବତୀ ମହିଳା। ଉକ୍ତ ଗ୍ରାମର ମଇନା ଜାନି, ସ୍ୱାମୀ ପୁରୁନ ଜାନ

ଶେଷ ଶ୍ରାବଣର ଶ୍ରାବଣୀ

ନିର୍ବିକାର ପ୍ରଭାତ

ବୋଲ୍ ବମ୍ – ହରହର ବମ୍, ଜଟିଆ ବାବା ପାର୍ କରେଗା – ଲମ୍ବା ରାସ୍ତା ପାର୍ କରେଗା ଧ୍ୱନିରେ କାଉଡିଆମାନଙ୍କ ଟଳମଳ ପାଦସବୁ ଆଗକୁ ପଡୁଥାଏ। ହରିବୋଲ ହୁଳହୁଳି ଶବ୍ଦର ତାଳେ ତାଳେ ସବୁ ଭକ୍ତ ଆଗକୁ ଚାଲିଥାନ୍ତି। ପୁରୀ ଆଡୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଭିତରେ କିଛି ମହିଳା କାଉଡିଆ ରହିଥା'ନ୍ତି। ଶ୍ରାବଣ ସୋମବାରରେ ବାବା କପିଳେଶ୍ୱରଙ୍କ ଲିଙ୍ଗରେ ସ୍ୱହସ୍ତରେ ଜଳାଭିଷେକ କଲେ ଅସ୍ଥିଜନିତ ଯେ କୌଣସି ରୋଗ ଆରୋଗ୍ୟ ହୁଏ ବୋଲି ବିଶ୍ୱାସ ଅଛି। ପ୍ରଖ୍ୟାତ ଠାକୁର ବାବା ବାଲିକପିଳେଶ୍ୱର । ଭକ୍ତିରେ ଡାକିଲେ ବାବା ସଦୟ ହୋଇ ରୋଗମୁକ୍ତ କରନ୍ତି।

ଭଙ୍ଗାହାଡ଼ ଯୋଡା ଠାକୁରଙ୍କ ପାଖକୁ ଜଳଭାର ନେଇ ଫିରୋଜ ଚାଲିଥାଏ। ଲମ୍ବା ରାସ୍ତାରେ ପାଦତଳ ଫୋଟକା ହୋଇ ପ୍ରବଳ ଯନ୍ତ୍ରଣା ହେଉଥାଏ। ତଥାପି ସାଥୀ ମାନଙ୍କ ସହିତ ଈଶ୍ୱରଙ୍କୁ ଡାକି ଡାକି ଚାଲିଥିଲା ସରୋଜ। ଓଁ ନମଃ ଶିବାୟ, ଜୟ ଆଶୁତୋଷ ଶଙ୍କର, ବାବା ବାଲିକପିଳେଶ୍ୱରଙ୍କ ନାମ ଧରି ଅନ୍ଧାର ରାସ୍ତାର ଖାଲଢିପ ପାର ହେଉଥିଲେ ସମସ୍ତେ। ନିଷ୍ଠା ସହିତ ଭକ୍ତି ରହିଲେ ବୁଢାବାପାଙ୍କ ଗୋଡବିନ୍ଧା କମିଯିବା ଏହି ଆଶା ଭରସାରେ ଫିରୋଜ ଚାଲୁଛି ଯେ ଚାଲୁଛି।

କଳା ମଚମଚ ପିଚୁ ରାସ୍ତାର ମୁନିଆ କଂକ୍ରିଟ ଗୁଡାକ ଗଳି ଯାଉଥାଏ ପାଦତଳେ। କେଉଁଠି କେଉଁଠି ଖାଲଖମାରେ ଥିବା ବର୍ଷା ପାଣିରେ କି ଘାସ ଗାଲିଚା ଉପରେ ପାଦ ପଡିଗଲେ ଉପଶମ ଲାଗୁଥାଏ। ପୁଣି କେତେବେଳେ ରାସ୍ତା ଧାରେ ସ୍ୱେଚ୍ଛାସେବୀଙ୍କ ଭାରା ଉପରେ କାନ୍ଧରୁ ବାହୁଙ୍ଗି ଥୋଇ ତଳେ ଗଡି ପଡିଲେ ଆରାମ ଲାଗୁଥାଏ।

ଜନ୍ମଦାତା ପିତାଙ୍କ ସେବା କରିବାର ସୁଯୋଗ ସେ ପାଇ ନଥିଲା। ଦାଦନରୁ ଆସି ବାପାଙ୍କ ପାଇଁ ମାନସିକ ପୂରଣ କରିବାର ଦୃଢ ଭକ୍ତି ତାକୁ ଏତେବାଟ ଟାଣି ନେଉଥିଲା। ଈଶ୍ୱରଙ୍କ ଡୋରି ନଲାଗିଲେ କିଏ ବା ଜଳାଭିଷେକ କରିପାରିବ? ସେ ଭାଗ୍ୟବାନ । ସେ ନିଶ୍ଚିତ ଭାବେ ପୂଜାର୍ଚ୍ଚନା କରିବା ବୃଦ୍ଧ ପିତାଙ୍କ ଗୋଡବିନ୍ଧା ଲାଘବ ହେବାକୁ ଅନେକ ଔଷଧ ପ୍ରୟୋଗ କଲା ପରେ ଶେଷ ଅବଲମ୍ବନ ଏହି ଜଳାଭିଷେକ। ପ୍ରଭୁ ଆଶୁତୋଷ ଭଲ କର୍ମର ଭଲ ଫଳ ଦେବେ। ବାପାଙ୍କ ଗୋଡ ସୁସ୍ଥ ହେବା ବିଶ୍ୱାସରେ ଟଳମଳ ପାଦ ଦୁଇଟି ପୁନର୍ବାର ଦୃଢ ହୋଇ ଯାଉଥାଏ।

କିଛି ଦୂରରେ ଜଣେ ମହିଳାଙ୍କୁ ଦେଖି ତାର ଗତିଶୀଳ ପାଦଦ୍ୱୟ ତାଙ୍କ ପାଖେ ପହଞ୍ଚିଗଲା । ଜଳଭାର ବୋହି ସେ ପ୍ରବଳ କଷ୍ଟ ପାଉଥିଲେ। ମହିଳାଙ୍କ ପାଦ ଦୁଇଟି ଆଘାତପ୍ରାପ୍ତ। ଗାଢ ରାତି ସତ୍ତ୍ୱେ ଉତ୍ତପ୍ତ ପିଚୁ ଉପରେ ଟଳମଳ ପାଦରେ ସେ ଭାରସାମ୍ୟ ରଖି ପାରୁ ନଥିଲେ। କାନ୍ଧର ବାହୁଙ୍ଗି ଝୁଲି ଯାଇ ରାସ୍ତାକୁ ମାଡି ଯାଉଥାଏ। କାଁ ଭାଁ ଚାଲୁଥିବା ଗାଡିଗୁଡିକ ହର୍ଣ୍ଣ ମାରି ମାରି ତାଙ୍କୁ ଅତିକ୍ରମ କରୁଥାନ୍ତି। ଅନ୍ଧାର ରାତିରେ ଫିରୋଜ ଦେଖି ପାରୁନଥିଲା ତାଙ୍କ ମୁଖମଣ୍ଡଳ। ଅନ୍ୟ ଜଣଙ୍କ ସାହାରା ମନେମନେ ସେ ଖୋଜୁଥିଲେ। ଫିରୋଜ ସାହାଯ୍ୟ କରିବାକୁ ଆଗେଇ ଆସି ତାଙ୍କ ବାହୁଙ୍ଗିଟିକୁ ନିଜ କାନ୍ଧରେ ଥୋଇ ଆଗକୁ ଚାଲିଲା। ବିନା ବାକ୍ୟବ୍ୟୟରେ ଦୁହେଁ ଚାଲୁଥିଲେ। ପରକୁ ସାହାଯ୍ୟ କରିବାର ମହାର୍ଘ ସୁଯୋଗର ହାତଛଡା ନକରି ସୁଖ ପାଉଥିଲା ଫିରୋଜ।

ଧନ୍ୟବାଦ ଆପ୍‌କୋ। ମହିଳା କହିବା ପରେ ଚମକି ପଡିଲା ଫିରୋଜ। ଜଣେ ଅଣଓଡିଆ ନାରୀଙ୍କ କଣ୍ଠସ୍ୱର। ସେହି ଭାଷା ସହିତ ସେ ବହୁ ଆଗରୁ ପରିଚିତ ଥିଲା ଭଳି ତାର ମନେହେଲା। ମନେ ପଡିଗଲା ଅତୀତର ଘଟଣାମାନ।

ଠିକ୍ ଏହି ଶ୍ରାବଣ ମାସରେ ଗୋଟିଏ ମନ୍ଦିରରେ ଦେଖା ହୋଇଥିଲେ ଜଣେ ଝିଅ। ପ୍ରତି ସୋମବାର ଉଭୟଙ୍କର ଭେଟହୁଏ ମନ୍ଦିର ବେଢାର ଚଉତରା ଉପରେ। ବିନା କଥୋପକଥନରେ ଫିରୋଜର ମନ ଜାଣି ଯୁବତୀ ଜଣଙ୍କ ତା ହାତରେ ସମର୍ପି ଦେଇଥିଲେ ଆଶୁତୋଷ ଶଙ୍କରଙ୍କ ପାଦୋଦକ ଟିକିଏ। ଅଜଣା କିଶୋରୀଙ୍କ ଆକର୍ଷଣୀୟ ସୌନ୍ଦର୍ଯ୍ୟରେ ବିମୋହିତ ହୋଇଥିଲା ଫିରୋଜ। ଅଳ୍ପ ଦିନ ଭିତରେ ତା ହୃଦୟରେ ଆସ୍ଥାନ ମାଡିବସିଥିବା ସେହି ଲାସ୍ୟମୟୀଟି କିଏ ଫିରୋଜ ଜାଣିନଥିଲା ଅନେକ ଦିନ ପର୍ଯ୍ୟନ୍ତ।

ମନ କଥା କହି ହେଉନଥିଲା କି ସହି ହେଉନଥିଲା। ପଡୋଶୀ ବନ୍ଧୁ ଜଣେ ଇଲେକ୍ଟ୍ରୋନିକ୍ସ ଦୋକାନୀ। ଫିରୋଜ ସେଇ ଅଜଣା ଯୁବତୀଙ୍କ ସମ୍ପର୍କରେ କହିଲା। ବନ୍ଧୁ କିଛି ଜାଣି ପାରିଲେ ନାହିଁ । ଶ୍ରାବଣର ଶେଷ ସୋମବାରରେ ସେ ଦେଖା ଦେଇ ହଜିଗଲେ ଅନେକ ଦିନପାଇଁ। କେଉଁଠୁ ସେ ଆସୁଥିଲେ କେଉଁ ପରିବାରର ଅଲିଅଳୀ କନ୍ୟା ଫିରୋଜ ଜାଣି ନପାରି ବିବ୍ରତ ହେଉଥିଲା। ତା ମନର ଦୁର୍ବଳତା ତାକୁ ଅସ୍ଥିର କରୁଥିଲା।

ଗ୍ରୀଷ୍ମ ଋତୁରେ ସେହି ପାହାଡିଆ ସହରରେ ଜଳାଭାବ ଦେଖାଦେଲା। ନଳକୂପରେ ପାଣି ଉଠିଲା ନାହିଁ କି ବାହାରେ ପିଇବା ପାଇଁ ପାଣି ଟୋପେ ମିଳିଲା ନାହିଁ। ପାନୀୟ ଜଳ ମୁନ୍ଦେ ପାଇବା ଆଶାରେ ଦୋକନୀ ବନ୍ଧୁ ବୋତଲ ଧରି ଅନତି ଦୂରର ଅଣଓଡିଆ ସମ୍ଭ୍ରାନ୍ତ ଘରେ ପହଞ୍ଚି ଗଲେ। ସେ ଘରର ଦୁଇ ଅବଳାଙ୍କ ମଧ୍ୟରୁ ଜଣେ ଆସି ହାତରୁ ବୋତଲ ନେଇ ଫ୍ରିଜ୍ ପାଣି ଭର୍ତ୍ତି କରି ଆଣି ଧରାଇ ଦେଲେ। ବନ୍ଧୁ ପାଣି ପିଇ ଆନନ୍ଦରେ ତୃଷା ନିବାରଣ କଲେ। ଗ୍ରୀଷ୍ମ ଋତୁ ସାରା ସେହି ଯୁବତୀଙ୍କ ଅକୁଣ୍ଠ ସହଯୋଗ ବନ୍ଧୁଙ୍କୁ ଆବେଗମୟତାରେ ଆପ୍ଲୁତ କଲା।

ବନ୍ଧୁ କଥା ପ୍ରସଙ୍ଗରେ ଉକ୍ତ ଝିଅର ଭୌଗୋଳିକ ପରିପାଟୀ ଓ ଶାରୀରିକ ଗଠନ ବର୍ଣ୍ଣନା କରୁ କରୁ ଜଣାଗଲା ଯେ ସେ ହିଁ ସେଦିନର ହାସ୍ୟମୟୀ ଲାସ୍ୟମୟୀ ଅନୁଢା ଯୁବତୀ, ଯିଏ ମନ୍ଦିର ଭିତରେ ସମର୍ପି ଦେଇଥିଲେ ପାଦୁକ ସହିତ କୋମଳ ମନଟିକୁ। ଫିରୋଜ ହୃଦୟ ଭିତରେ ଆଲୋଡନ ଖେଳିଗଲା। ଏତେବଡ ସ୍ୱଚ୍ଛଳ ପରିବାରର ଝିଅ କାହିଁକି ଏମିତି ସମୟ ସ୍ରୋତରେ ସ୍ୱପ୍ନ ଦେଖାଇ ଚାଲିଗଲେ ? ଅସମ୍ଭବ ସମ୍ପର୍କର ମାୟାଜାଲରେ ପକାଇ ଦେବା କଣ ଈଶ୍ୱରଙ୍କ ଇଙ୍ଗିତ ନା ଆପଣାର ଅହେତୁକ ପ୍ରବଣତା ? ନା ଯୁବ ସମୟର ବ୍ୟାକୁଳତା?

ଫିରୋଜ ରାତି ଦିନ ଷ୍ଟୁଡିଓ ଭିତରେ ଏକାଗ୍ରତାର ସହିତ ଆର୍ଟ କରି ପାରୁନଥିଲା। ଗ୍ରାହକଙ୍କ ସହିତ ଠିକ୍ ଡିଲ୍ କରି ପାରୁନଥିଲା । ବାରମ୍ବାର ଅବସାଦରେ ପ୍ରପୀଡିତ ଫିରୋଜ ନିଜ ମନକୁ ବୁଝାଇ ପାରୁନଥିଲା। ପଡୋଶୀ ବନ୍ଧୁ ଅନେକ ଆଶ୍ୱାସନାର ବାଣୀ ପ୍ରଦାନ କଲେ। କିନ୍ତୁ ଏମିତି ଗୋଟେ ଅସମାହିତ ଦ୍ୱନ୍ଦ୍ୱ ଭିତରେ ଅଣନିଃଶ୍ୱାସୀ ହୋଇ ପଡୁଥିଲା କମର୍ସିଆଲ ଆର୍ଟିଷ୍ଟ ଫିରୋଜ।

କିଛିଦିନ ପରେ ପରିବାର ସହିତ ଯୁବତୀ ଜଣଙ୍କ ରାସ୍ତାରେ ଯିବା ବେଳେ ତାଙ୍କୁ ଦେଖିଲେ ଦୋକାନୀ ବନ୍ଧୁ। ଫିରୋଜକୁ ଜଣାଇବାରୁ ସେ ଲୁଚି ଲୁଚି ତାଙ୍କୁ ଚାହିଁଲା। ଯୁବତୀ ଦୋକାନକୁ ଚାହିଁ ଚାହିଁ ଆଗକୁ ମାଡି ଚାଲିବା ବେଳେ ନିଜ ଭଉଣୀ ସହିତ ଧକ୍କା ଖାଇଗଲେ। ଫିରୋଜକୁ ବନ୍ଧୁ କହିଲେ, ଏତେବଡ ମୋହ ମାୟା ଭିତରେ ତୁମେ ଦୁହେଁ ଜଡସଡ। ତାଙ୍କର ନାମ ତ ଆମେ ଜାଣିନୋ। କେବଳ ସେ ହିଁ ତୁମ ମନର ନାୟିକା, ଶେଷ ଶ୍ରାବଣର ଶ୍ରାବଣୀ। ସମୟ ସହିତ ତାଳଦେଇ ଭାବାନ୍ତର ବ୍ୟାପିଗଲା ମନରୁ ହୃଦୟକୁ। କେବଳ ବିବେକ ଛାଟ ମାରୁଥିଲା ଅବିରତ। ଗୋଟିଏ ଅଦୃଶ୍ୟ ଭୟ ସଞ୍ଚରି ଯାଉଥିଲା ଫିରୋଜର ଛାତି ଭିତରର ଅଜଣା ଇଲାକାରୋ। କୌଣସି ପ୍ରକାରେ ସନ୍ଦେହ ଆସିଲେ ସେ ପରିବାର ତୁମକୁ ସଂସାରରୁ ହଜାଇ ନଦେବେ ବୋଲି କିଏ କହିବ? ଏ କୁଖ୍ୟାତ ସହରରେ ଅନେକ ବିଖ୍ୟାତ ମଣିଷ ଅଛନ୍ତି। କିନ୍ତୁ ଝିଅ ପୁଅ ମ୍ୟାଟରରେ ପାଦ ସାମାନ୍ୟ ଚହଲିଗଲେ କେହି କାହାର ନୁହଁନ୍ତି। ବନ୍ଧୁଙ୍କ କଥାରେ ଭୟ କଲା ଫିରୋଜ। ଦିନ ଦ୍ୱିପ୍ରହରେ ପ୍ରେମ ଘଟଣାକୁ ନେଇ ସେଦିନ ପାଖ ଗଳିରେ ଦୁଇ ଯୁବକଙ୍କୁ ନିର୍ମମ ହତ୍ୟା କରା ଯାଇଥିଲା। ଆଇନ୍ ଦୋଷୀଙ୍କୁ ଦଣ୍ଡ ଦେଲା ସତ କିନ୍ତୁ ଆଉ ଫେରି ଆସିଲେନି ମୃତ ଯୁବକ ଦୁହେଁ। ନିଜର ଅଜାଣତରେ ଗୋଟେ ବିରାଟ ବିପଦ ମାଡି ଆସିବନି ବୋଲି କିଏ କହିବ ? ଛାତି ଭିତରେ ସୃଷ୍ଟି ହେଉଥିଲା ଗୋଟେ ଖାଁ ଖାଁ ଭାବ। ଉଭୟଙ୍କ ପାଇଁ ପରିସ୍ଥିତି ଗମ୍ଭୀର ହେଲା। ମନ୍ଦିର ଯିବା ଫିରୋଜ ବନ୍ଦ କରିଦେଲା। ମୀନା ବଜାର କି ଦଶହରା ମେଢ ଦେଖୁବାକୁ ବାହାରୁଥିବା ବେଳେ ଅଚାନକ୍ ଆଖି ସହିତ ଆଖି ମିଶିଗଲେ ଦୁହେଁ ବିଚଳିତ ହୋଇ ପଡନ୍ତି। ଶ୍ରାବଣୀର ଆକର୍ଷଣୀୟ ଢଳଢଳ ଆଖି, ଶାରୀରିକ ଅଭିବୃଦ୍ଧି ଫିରୋଜକୁ ପ୍ରଲୁବ୍ଧ କରେ। ଗୋଟିଏ ଅଜଣା ଶିହରଣରେ ଆକ୍ରାମାକ୍ରା ହୋଇ ଯା'ନ୍ତି ସେମାନେ। କେତେଦିନ ଆଉ ହୃଦୟକୁ ପଥର କରିବ ଫିରୋଜ? ପ୍ରେମ ଚିର ଶାଶ୍ୱତ, ନୈସର୍ଗିକ। ବିନା ଶବ୍ଦରେ ଫୁଟୁଥିବା ଗୋଟିଏ ବୋମା ଯାହା ଅବିଳମ୍ବେ ବ୍ୟାପିଯିବ ଚଉହଦି। ସେଥିରେ ଶ୍ରାବଣୀର କିଛି ହେଉ କି ନହେଉ ବଞ୍ଚି ରହିବା ହେବ ତା ପାଇଁ ଦୁରୁହ ବ୍ୟାପାର।

ସେମାନେ ଲୈଲା ମଜନୁ କି ହୀର୍ ରାଞ୍ଝା ନୁହଁନ୍ତି। ସେମାନେ କେଦାର ଗୌରୀ ବି ନୁହଁନ୍ତି। ତଥାପି ପ୍ରମାଣ ଶୂନ୍ୟ ଆବେଗରେ ସେମାନେ ଛଳଛଳ। କାହା ଉପରେ କାହାର ଭରସା ଅଛି କି ନାହିଁ ତାହା ଜାଣିବା କଷ୍ଟକର। କାରଣ ମାସ ମାସ ଧରି ଅନ୍ତର୍ବେଦନାକୁ ହଜମ କରୁଥିବା ଦୁଇ କୋମଳ ମଣିଷ ଭିତରେ ଆଦୌ କଥାବାର୍ତ୍ତା ନଥିଲା।

ଗୋଟିଏ ଝଡ଼ବର୍ଷା ରାତିରେ ପାଖ ମଲ୍ ଛାତ ଉପରକୁ ଚଢିଗଲା ଫିରୋଜ। ସେଠାରୁ ଦେଖି ହେଉଥିଲା ଶ୍ରାବଣୀର ବାଲକୋନୀ। ଗଭୀର ରାତିରେ ଶ୍ରାବଣୀ ଷ୍ଟୁଡିଓ ଆଡକୁ ଚାହିଁ ଅନ୍ୟ ମନସ୍କ ହୋଇ ବସିଥିଲେ। ଘନଘନ ବିଜୁଳି ଆଲୋକରେ ଫିରୋଜ ମୁହଁ ବାହାରକୁ ଅସ୍ପଷ୍ଟ ଦିଶୁଥିଲା। ଶ୍ରାବଣୀ ଘରର ଜଗୁଆଳ ଫିରୋଜକୁ ଟର୍ଚ୍ଚ ପକାଇଲା। ଫିରୋଜ କାନ୍ଥ ଧାରେ ଲୁଚିଗଲା। ପରଦିନ ଦୋକାନୀ ବନ୍ଧୁ ପାଖରେ ବାହାରୁ ଅପବାଦ ଖବର ପହଞ୍ଚିଲା। ବନ୍ଧୁଙ୍କ ପ୍ରରୋଚନାରେ ଜୀବନ ବଞ୍ଚାଇବାକୁ ଫିରୋଜ ଦୋକାନ ଛାଡି ଅନ୍ୟ ଏକ ରାଜ୍ୟକୁ ଚାଲିଗଲା। ଗୋଟିଏ ପଳାତକ ଯୁବକ ଭଲ ପାଇବାର ଅଧିକାର ହରାଇଲା। ଗୋଟାଏ ଅନର୍ କିଲିଙ୍ଗ୍ କ୍ରାଇମ୍ ସଂଘଟିତ ହେବା ଆଗରୁ ଚଳିଗଲା। କୁଖ୍ୟାତ ସହରର ବିଖ୍ୟାତ ପରିବାର ସଦସ୍ୟଙ୍କ ହିଂସ୍ର ଆଖିରୁ ସେ ବଞ୍ଚିଗଲା । ତଥାପି ବନ୍ଧୁଙ୍କ ଠାରୁ ଶ୍ରାବଣୀ ଖବର ସେ ବୁଝୁଥିଲା। ଶ୍ରାବଣୀଙ୍କ ପୂର୍ବ ସତେଜତା ନଥିଲା। ହେଲେ ସେ ଯେତେବେଳେ ରାସ୍ତାରେ ଯାଆନ୍ତି, ବନ୍ଦ ଦୋକାନକୁ ଅପଲକ ନେତ୍ରରେ ଚାହିଁ ଚାହିଁ ଅଦୃଶ୍ୟ ହୋଇଯା'ନ୍ତି ।

ଫ୍ୟାକ୍ଟ୍ରି ଭିତରେ କାମ କରିବା ବେଳେ ଶ୍ରାବଣୀ କଥା ମନେ ପଡିଲେ ଲୁଚି ଲୁଚି ମାଇଚିଆ ପରି ଲୁହ ପୋଛେ। ଥରେ ଏମିତି ଅନ୍ୟମନସ୍କ ହେବାରୁ ଡାହାଣ ହାତର ବୃଦ୍ଧାଙ୍ଗୁଳି ମେସିନରେ ଚାପି ହୋଇ ଯାଇଥିଲା। ତା ପରଠାରୁ ସେ ସାବଧାନ ହୋଇ କାମ କଲା। ଈଶ୍ୱରଙ୍କ ଉପରେ ଅଭିମାନ କରି ଫିରୋଜ କୌଣସି ମନ୍ଦିର ନଯାଇ କେବଳ ତାଙ୍କୁ ଝୁରିହେଲା।

ସରକାରୀ ଚାକିରି ତା ଭାଗ୍ୟରେ ନଥିବାରୁ ବହୁ ମାନସିକ ଯନ୍ତ୍ରଣାରେ ସେ ଡ୍ୟୁଟି କରୁଥିଲା। ଗୋଟେ ରାତିରେ ସେ ଶୋଇ ପାରିଲା ନାହିଁ। କୋଉଠି କିଛି ଅଘଟଣ ଘଟିଲା ପରି ତାର ମନେ ହେଲା। ଘରକୁ ଫୋନ କଲା। ବାପା ବୋଉ ଭଲରେ ଥିଲେ । ତଥାପି ମନଟା ତାର ଅସ୍ଥିର ହେଉଥିଲା। ଶ୍ରାବଣୀର କିଛି ଅସୁବିଧା ହୋଇଛି କି ନାହିଁ ଜାଣିବାକୁ ଦୋକାନୀ ବନ୍ଧୁଙ୍କ ପାଖକୁ ଫୋନ କରି ଜାଣିଲା, ଶ୍ରାବଣୀ ବିଭା ହୋଇ ଯାଇଛନ୍ତି। ଡ୍ୟୁଟି ଅବହେଳା କରି କିଛିଦିନ ଆଖିରୁ ଶ୍ରାବଣର ଧାରା ଛୁଟାଇ ମନକୁ ବୁଝାଇଲା।

ଏବେ ଭାରି ମନେ ପଡୁଛି ତାଙ୍କ କଥା। ତେବେ ଏହି ମହିଳାଙ୍କ ବାହୁଙ୍ଗି ଧରିବାରୁ ଆଉ ତାଙ୍କ ସ୍ୱର ଶୁଣିବାରୁ ମନ ଚଳଚଞ୍ଚଳ ହେଉଛି କାହିଁକି ? ଫିରୋଜ ଆଉ ଭାବି ପାରିଲା ନାହିଁଛି ଅତୀତର ସ୍ମୃତି ସାଉଁଟୁ ସାଉଁଟୁ ବାବା ବାଲିକପିଳେଶ୍ୱରଙ୍କ ପାଖରେ ସେମାନେ ପହଞ୍ଚି ଯାଇଥିଲେ । ଅନ୍ଧାର ହଟି ନଥିଲା କି ସିନ୍ଦୁରା ଫାଟିନଥିଲା। ମହିଳା ଜଣକ ପୁଅ ଗୋଡ ଭଲ ହେବା ଉଦ୍ଦେଶ୍ୟରେ ଜଳଭାର ନେଇ ଆସିଥିଲେ। କାର୍ ଦୁର୍ଘଟଣାରେ ପୁଅ ଗୋଡ ଭାଙ୍ଗି ଯାଇଥିଲା। ଔଷଧ ଖାଇବାରୁ ଭଲ ଅଛି। କିନ୍ତୁ ବାବା ବାଲିକପିଳେଶ୍ୱରଙ୍କ ପାଖରେ ଯେଉଁ ମାନସିକ କରିଥିଲେ, ତାରି ପାଇଁ ଥିଲା ତାଙ୍କର ଜଳାଭିଷେକ। ତାଙ୍କର ମନୋସ୍କାମନା ପୂରଣ ପାଇଁ ସେ କଷ୍ଟ ସ୍ୱୀକାର କରିଥିଲେ। ତାଙ୍କୁ ଫିରୋଜ କାରଣ ପଚାରି ନଥିଲା। ପଚାରିବାର ସୁଯୋଗ ପାଇ ନଥିଲା କି କାହା ବ୍ୟକ୍ତିଗତ ମାମଲାରେ ମୁଣ୍ଡ ପୂରାଇବାର ତାର ଇଚ୍ଛା ନଥିଲା। ଜଣେ କାଉଡିଆଙ୍କୁ ସାହାଯ୍ୟ କରିବା ତାର ଉଦ୍ଦେଶ୍ୟ ଥିଲା ଯାହାଦ୍ୱାରା ସେ ଠାକୁରଙ୍କ ଆଶୀର୍ବାଦ ଅଧିକ ପାଇପାରିବ।

ପ୍ରବଳ ଭିଡ ଭିତରେ ଧାଡି ହୋଇ ଗୋଟିଏ ପଟେ ପୁରୁଷ ଓ ଅନ୍ୟପଟେ ମହିଳା ମନ୍ଦିର ଭିତରକୁ ପ୍ରବେଶ କରୁଥିବାରୁ ବିନା ବାକ୍ୟବ୍ୟୟରେ ଫିରୋଜ କାନ୍ଧରୁ ବାହୁଙ୍ଗି ନେବାକୁ ଆସି ଫିରୋଜକୁ ଛୁଇଁ ଦେବାରୁ ତା ଦେହରେ ବିଦ୍ୟୁତ ଖେଳିଗଲା। ଗୋଟିଏ ପଟେ ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ସେ ଭାରାକ୍ରାନ୍ତ ଅନ୍ୟ ପଟେ ଶ୍ରାବଣୀଙ୍କ ସ୍ମୃତି ଫିରୋଜ ମନରେ ପାପ ସୃଷ୍ଟି କରୁଥିଲା। କୁଶବଟୁ ପିନ୍ଧି ସଂକଳ୍ପ କରି ପବିତ୍ର ହୋଇଥିବା ମନ ଭିତରକୁ ଅପବିତ୍ରତାର କୁହୁଡ଼ି କାହିଁକି ପଶି ଆସୁଛି ?

ମହିଳା ଜଣକ ହ୍ୟାଣ୍ଡ୍ ବ୍ୟାଗଟିକୁ ଗଛ ଧାରେ ରଖି ଜଳ ଅଭିଷେକ କରିବାକୁ ଚାଲିଗଲେ। ପ୍ରାୟ ଦେଢଘଣ୍ଟା ପରେ ବ୍ୟାଗ୍ ପାଇଁ ଯଥାସ୍ଥାନକୁ ସେ ଫେରି ଆସିଲେ। ଫିରୋଜ ପୂଜାବିଧି ଶେଷକରି ସେଠାରେ ପହଞ୍ଚିଲା। ପରସ୍ପରରକୁ ଚାହିଁ ଦେବାରୁ ଫିରୋଜ ଛାତିରୁ କଲିଜାଟି ଖସି ପଡିବା ଭଳି ଲାଗିଲା। ଦିନ ହୋଇଯାଇଥିବାରୁ ଫିରୋଜ ତାଙ୍କୁ ଚିହ୍ନି ପାରି କହି ପକାଇଲା, ଶ୍ରାବଣୀ ତୁମେ ...?

– ମୁଁ ଶ୍ରାବଣୀ ନୁହେଁ ଆର୍ଟିଷ୍ଟ, ମୁଁ ସୁମିତା, ସୁମିତା ପରିମଲ୍। ଷ୍ଟୁଡିଓ ଫ୍ରଣ୍ଟରେ ଅନେକବାର ଆପଣଙ୍କୁ ଖୋଜିଥିଲି, ପାଇ ନ ଥିଲି। ଦଶବର୍ଷ ବାଦ୍ ଆପଣଙ୍କ ସାଥ୍ ମିଟ୍ ହେଲା। ମୋ ଲାଗି ଆପଣ ବହୁ ହଇରାଣ ହେଲେ। ସେଥିପାଇଁ ମୁଁ ଋଣୀ ହେଲି । ଜିନ୍ଦେଗୀ ଭର୍ ମୁଁ ଆପଣଙ୍କୁ ଭୁଲି ପାରିବିନା। ଫିରୋଜ କୋହ ଚାପି ମୁହଁ ଚୁଲାଇ ଦେଲା କାରଣ ସେ ଜଣାଇ ଦେବାକୁ ଚାହୁଁଥିଲା, ସେ ନିର୍ବାକ, ନିସ୍ପନ୍ଦ, ନିର୍ବିକାର।

ମୋ: ୭୯୭୮୬୩୫୨୭୬

ରାଖୀପରବ

ଚିତ୍ତରଞ୍ଜନ ମହାନ୍ତି

ଧାରାଶ୍ରାବଣ ଫୁଲ ବରଷେ
ରାଖୀପରବ ଆସେ ତା' ସାଥେ
ପବିତ୍ରପରବ ଏହି ମାଟିର
ସଗର୍ବେ ପାଜୁ ହର୍ଷ ଉଲ୍ଲାସ ।
ରାଖିପରବ ଭାଇ ଭଉଣୀ
ବରଷ ସାରା ଥାଉ ଅନାଇ
ଭାଇ ଭଉଣୀ ଅମର ପ୍ରେମ
ଅତୁଟ ବନ୍ଧନ ସାରା ଜୀବନ ।
ବଡଠାକୁର ଶ୍ରୀବଳରାମ
ଶୁଭ ଦିନ ତାଙ୍କ ଜନ୍ମଦିନ
ହଳ ଲଙ୍ଗଳ ଯା'ର ଆୟୁଧ
ଚାଷକାମର ସର୍ବମଙ୍ଗଳ ।
ଇତିହାସେ ବଙ୍ଗଭଙ୍ଗ କଥା
ଦେଲା ଉତ୍ସାହ ରେଶମୀ ସୂତା
ରାଖୀବନ୍ଧନର ଚମତ୍କାରୀ
ଆନ୍ଦୋଳନ ଉଠିଲା ତେଜି ।
ପରବ ସବୁ ଆମରି ପାଇଁ
ଅତି ନିଆରା ପରବ ରାଖୀ
ପରବ ନଥିଲେ ନାହିଁ ଖୁସି
ଜୀବନ ଜିଏଁ ପରବ ପାଇ ।
ଆମ ଦେଶର ଗଣ ପରବ
ଏକଛତ୍ର ତଳେ କରି ଠୁଳ
ଏକତାର ସୂତ୍ରେ ରଖେ ବାନ୍ଧି
ଆମେରେ ଖୁସି ଭାରତବାସୀ ।

ମୋ : ୯୪୩୮୬୭୦୧୫୦

ଶ୍ରେଷ୍ଠ ବନ୍ଧୁ

ଆଦିତ୍ୟ ମହାପାତ୍ର

ନିଃସ୍ୱାର୍ଥ ଭାବରେ ହୃଦୟ ଆବେଗେ
ବୁଝେ କେହି ଯଦି ମନ
ଅସୂୟା ରହିତ ସେ ସମ୍ପର୍କ ପରା
ବନ୍ଧୁତାର ନିଦର୍ଶନ ।।

ସୁଖରେ, ଦୁଃଖରେ, ହସରେ, କାନ୍ଦରେ
ଯିଏ ପାଶେ ପାଶେ ଥାଏ
ବିପଦ ଆପଦେ ସାହାଯ୍ୟ ଯେ କରେ
ବନ୍ଧୁ ତାକୁ ବୋଲାଯାଏ ।।

ଅଭାବରେ ଥିଲେ ପ୍ରକୃତ ବନ୍ଧୁଟେ
ଅଟେ ସାହାସର ଉତ୍ସ
ବନ୍ଧୁର ଦୁଃଖରେ ଲୁହ ଯେ ଝରାଏ
ସେଇ ବନ୍ଧୁ ପଦବାଚ୍ୟ ।।

ହେଲେ ଯେ କପଟୀ ମିଛ ଲୁହ ପୋଛି
ଦେଖାଇ ଥାଏ ବନ୍ଧୁତ୍ୱ
ଠିକଣା ସମୟେ ବନ୍ଧୁ ଉପକାର
ଲାଗେ ହୁଅଇ ବିସ୍ମୃତ ।।

ଭୁଲି ମତଭେଦ ଦରକାର ବେଳେ
ପାଖେ ଥାଏ ନିଶ୍ଚେ ବନ୍ଧୁ
ସ୍ରଷ୍ଟାଙ୍କ ସୃଷ୍ଟିରେ ସେ ଅଟେ ମହାନ
ଲଭେ ପ୍ରଭୁ କୃପା ସିନ୍ଧୁ ।।

ଶାଶ୍ୱତ ପ୍ରେମରେ ବାନ୍ଧି ରଖିବାରେ
ଲୋଡ଼ା ବନ୍ଧୁ ପରାକାଷ୍ଠା
ସମ୍ପର୍କର ସୂତା ଖିଏ ହେଲେ ବି ସେ
ଦେଖାଏ ନିରୁତା ନିଷ୍ଠା ।।

ଭୁଲାଇ ଦେବାକୁ ଅତୀତର ଗ୍ଲାନି
ଶତତ ଚେଷ୍ଟିତ ଯିଏ
ଉସର୍ଗ ଭିତ୍ତିରେ ପ୍ରମାଣିତ କରେ
ଶ୍ରେଷ୍ଠ ବନ୍ଧୁ ପରା ସିଏ ।।

ମୋ: ୭୮୫୩୮୨୧୬୧୧

ହେ ମୋର ମାତୃଭୂମି, ଭାରତମାତା ମୋର

ପ୍ରଦୋଷ କୁମାର ଦାସ

ହେ ମୋର ଭାରତ ମାତା, ମାତୃଭୂମି ମୋର ।
ଜନ୍ମ ଲଭିଛି ଯେଣୁ କୋଳରେ ତୁମର,
ଭୂମିନତ ପ୍ରଣାମ କରୁଛି, ହେ ମାତୃଭୂମି ମୋର ।
ତବ ସ୍ୱାଧୀନତା, ମୁକ୍ତି ଦିନ ଅଟେ ଆମ ସଭିଙ୍କର ।
ସ୍ୱାଧୀନତା ଦିବସ ପାଳନେ ହୁଏ ଆନନ୍ଦ ଅପାର ।
ପଲ୍

୧୮୫୩ ଚାଷୀଙ୍କ ମଧ୍ୟରୁ ମାତ୍ର ୫୩୨ଙ୍କ ପଞ୍ଜୀକରଣ

ସର୍ଭର ଡାଉନ୍: ଚାଷୀ ହନ୍ତସନ୍ତ

ହାଟଡିହି,୨୨।୮(ନି.ପ୍ର): ହାଟଡିହି ବ୍ଲକ୍‌ର ମରେଇଗାଁ ସେବା ସମବାୟ ସମିତିରେ ସର୍ଭର ସମସ୍ୟା ଚାଷୀଙ୍କ ଚିନ୍ତା ବଢ଼ାଇଛି। ଗତବର୍ଷ ଏହି ସମିତି ଅଧୀନରେ ୧୮୫୩ ଜଣ ଚାଷୀ ପିକରଣ କରିଥିବା ବେଳେ ଚଳିତ ବର୍ଷ ଅଗଷ୍ଟ ୨୨ ତାରିଖ ସୁଦ୍ଧା ମାତ୍ର ୫୩୨ ଜଣଙ୍କ ପଞ୍ଜିକରଣ ହୋଇପାରିଛି। ଫଳରେ ପ୍ରାୟ ୧୩୦୦ ଚାଷୀ ଏବେ ବି ପଞ୍ଜିକରଣ ଅପେକ୍ଷାରେ ରହିଛନ୍ତି। ମରେଇଗାଁ ସମିତି ଅଧୀନରେ ପ୍ରାୟ ୧୮୫୩ରୁ ଅଧିକ ଚାଷୀ ରହିଥିବାବେଳେ ଗତବର୍ଷ ଏହି ସମୟ ସୁଦ୍ଧା ପ୍ରାୟ ୧୨୦୦ ଚାଷୀଙ୍କ ପଞ୍ଜିକରଣ ସରିଥିଲା। କିନ୍ତୁ ଚଳିତବର୍ଷ ପି-ପାସ୍ ସର୍ଭର ଠିକ୍ ଭାବେ କାମ କରୁନଥିବାରୁ ପଞ୍ଜିକରଣ ପ୍ରକ୍ରିୟା ଧୀରଗତିରେ ଚାଲିଛି। ବର୍ତ୍ତମାନ ଚାଷବାସର ବ୍ୟସ୍ତ ସମୟ ହୋଇଥିବାରୁ ଚାଷୀମାନେ ବିଲ କାମ ଛାଡ଼ି ପଞ୍ଜିକରଣ ପାଇଁ ସମିତି କାର୍ଯ୍ୟାଳୟକୁ ଆସୁଛନ୍ତି। ହେଲେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ସତ୍ତ୍ୱେ ସର୍ଭର ସମସ୍ୟା ଯୋଗୁଁ ପଞ୍ଜିକରଣ ହୋଇପାରୁନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଗୁରୁବାର ପିକରଣ ପାଇଁ ପ୍ରାୟ ୧୫୦ ଜଣ ଚାଷୀ ସମିତି କାର୍ଯ୍ୟାଳୟକୁ ଆସିଥିଲେ। କିନ୍ତୁ ପି-ପାସ୍ ସର୍ଭରରେ ବାରମ୍ବାର ସମସ୍ୟା ଦେଖାଦେବାରୁ ଦିନତମାମ ଅପେକ୍ଷା କରିବା ପରେ ମଧ୍ୟ ମାତ୍ର ୨୦ରୁ ୨୫ ଜଣ ଚାଷୀଙ୍କ ପଞ୍ଜିକରଣ ହୋଇପାରିଥିଲା। ଅନ୍ୟ ଶତାଧିକ ଚାଷୀ ସର୍ଭର ଠିକ୍ ହେବା ଆଶାରେ ରାତି ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଶେଷରେ ପିକରଣ ହୋଇନପାରିବାରୁ ନିରାଶ ହୋଇ ଘରକୁ ଫେରିଥିଲେ। ଏପଟେ ଚାଷୀ ପିକରଣର ଶେଷ ତାରିଖ ଅଗଷ୍ଟ ୩୧ ଥିବାରୁ ଆଉ ମାତ୍ର ୧୦ ଦିନ ସମୟ ରହିଛି। ଏତେ କମ୍ ସମୟ ମଧ୍ୟରେ ଅବଶିଷ୍ଟ ପ୍ରାୟ ୧୩୦୦ ଚାଷୀଙ୍କ ପଞ୍ଜିକରଣ କିପରି ସଂପନ୍ନ ହେବ, ତାହାକୁ ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି। ଚାଷୀମାନଙ୍କ କହିବା ଅନୁଯାୟୀ, ନିର୍ଦ୍ଧାରିତ ସମୟ ମଧ୍ୟରେ ପିକରଣ ନହେଲେ ଆଗାମୀ ଖରିଫ ଋତୁରେ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବା ସମୟରେ ସମସ୍ୟା ଉପୁଜିପାରେ। ତେଣୁ ସର୍ଭର ସମସ୍ୟାର ତୁରନ୍ତ ସମାଧାନ କରି ପିକରଣ ପ୍ରକ୍ରିୟାକୁ ସରଳ ଓ ତ୍ୱରାନ୍ୱିତ କରିବାକୁ ସେମାନେ ଦାବି କରିଛନ୍ତି।

ଢାବାରେ ଅବକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

୪ ଗିରଫ, ମୋବାଇଲ ଓ ବାଇକ୍ ଜବତ

କରଞ୍ଜିଆ,୨୨।୮(ନି.ପ୍ର): କରଞ୍ଜିଆ ଥାନା ଅଧୀନ ଚଢେଇଭୋଲ ଅଂଚଳର ଏକ ଢାବାରେ ବାହାରୁ ବିଦେଶୀ ମଦ ଆଣି ବେଆଇନ ଭାବେ ବ୍ୟବସାୟ କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଅବକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ସହ କଲର ଧରି ଟଣାଓଟରା କରିଥିବା ଅଭିଯୋଗରେ ୪ ଜଣଙ୍କୁ କରଞ୍ଜିଆ ପୁଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ଚଢେଇଭୋଲ ଢାବାରେ ବାହାରୁ ବିଦେଶୀ ମଦ ଆଣି ବିକ୍ରି କରାଯାଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏହାପରେ ବିଭାଗୀୟ ଅଧିକାରୀମାନେ ଢାବାରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଅଭିଯୁକ୍ତମାନେ ଅବକାରୀ ଅଧିକାରୀଙ୍କ ସହ ଦୁର୍ବ୍ୟବହାର କରିବା ସହ ତାଙ୍କ କଲର ଧରି ଟଣାଓଟରା କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ କରିଆ ଥାନାରେ କେସ୍ ନମ୍ବର ୩୧୮, ତାରିଖ ୨୧.୦୮.୨୦୨୬ରେ ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ରାଇବୁ ବେହେରା (୫୨), ନିକୁ ବେହେରା (୨୦), ଭୈରବ ନାଏକ (୨୯) ଓ ବାବୁଲା ନାଏକ (୪୦)ଙ୍କୁ ପୁଲିସ ଗିରଫ କରିଛି। ଚଢ଼ାଉ ସମୟରେ ୨ ଲିଟର ବିଦେଶୀ ମଦ, ୪ଟି ମୋବାଇଲ ଫୋନ ଓ ୩ଟି ମୋଟରସାଇକେଲ ଜବତ ହୋଇଛି। ବାହାରୁ ମଦ ଆଣି ଏଠାରେ ବ୍ୟବସାୟ କରାଯାଉଥିବା ଅଭିଯୋଗର ମଧ୍ୟ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି। ମାମଲାରେ ବିଏନ୍‌ଏସ୍ ଧାରା ୧୧୫(୨), ୧୦୯(୧), ୧୩୨, ୨୯୬, ୩୫୧(୨) ଓ ୩(୫) ଲାଗୁ କରାଯାଇଛି।

୩୭ ଗୋରୁ ଉଦ୍ଧାର, ୨ ଜଣ ଅଟକ

କରଞ୍ଜିଆ,୨୨।୮(ନି.ପ୍ର): ଗୋରୁ ଚାଲାଣ ଅଭିଯୋଗରେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଚଢ଼ାଉ ସମୟରେ ଏକ ଟ୍ରକ୍‌ରୁ ୩୭ଟି ଗୋରୁ ଉଦ୍ଧାର କରାଯାଇଥିବା ବେଳେ ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ୨ ଜଣଙ୍କୁ ପୁଲିସ ଅଟକ ରଖିଛି। ଏହାସହ ଗୋରୁ ପରିବହନରେ ବ୍ୟବହୃତ ଗୋଟିଏ ଟ୍ରକ୍‌କୁ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗୋରୁ ଚାଲାଣ ସଂପର୍କରେ ଖବର ପାଇ ପୁଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ସନ୍ଦେହଜନକ ଭାବେ ଯାଉଥିବା ଏକ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରାଯିବାରୁ ଟ୍ରକ୍ ଭିତରେ ଗୋରୁ ଥିବା ଜଣାପଡ଼ିଥିଲା। ପରେ ପୁଲିସ ୩୭ଟି ଗୋରୁକୁ ଉଦ୍ଧାର କରିବା ସହ ଟ୍ରକ୍‌ଟିକୁ ଜବତ କରିଥିଲା। ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି। ଏନେଇ ଥାନାରେ କେସ୍ ନମ୍ବର ୨୮୭/୨୦୨୬ରେ ମାମଲା ରୁଜୁ ହୋଇଛି। ଉଦ୍ଧାର ହୋଇଥିବା ଗୋରୁମାନଙ୍କୁ ନିୟମାନୁସାରେ ରଖାଯାଇଥିବାବେଳେ ଘଟଣାର ପଛରେ ଆଉ କେହି ସଂପୃକ୍ତ ଅଛନ୍ତି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

ଆମ୍ବୁଲାନ୍ସ ପହଁଚି ନପାରିବାରୁ ଘରେ ପ୍ରସବ

୭ କିମି ବୋହିଲେ ଗ୍ରାମବାସୀ

କରଞ୍ଜିଆ,୨୨।୮(ନି.ପ୍ର): କରଞ୍ଜିଆ ବ୍ଲକ ଅନ୍ତର୍ଗତ ଦୁଧିଆଣି ଅଂଚଳରେ ଆମ୍ବୁଲାନ୍ସ ସେବା ପହଁଚିବାରେ ବିଳମ୍ବ ହେବାରୁ ଜଣେ ପ୍ରସୂତିଙ୍କୁ ଘରେ ହିଁ ପ୍ରସବ କରିବାକୁ ପଡ଼ିଛି। ପରେ ଗ୍ରାମବାସୀ ତାଙ୍କୁ ପ୍ରାୟ ୭ କିଲୋମିଟର ପର୍ଯ୍ୟନ୍ତ ବୋହି ନେଇ ଆମ୍ବୁଲାନ୍ସ ନିକଟରେ ପହଁଚାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ପ୍ରସୂତିଙ୍କ ପ୍ରସବ ବେଦନା ଆରମ୍ଭ ହେବା ପରେ ପରିବାର ପକ୍ଷରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଦୁଧିଆଣି ଅଂଚଳରେ ଆମ୍ବୁଲାନ୍ସ ପହଁଚିବା ସମ୍ଭବ ନ ହେବାରୁ ଘରେ ହିଁ ତାଙ୍କର ପ୍ରସବ ହୋଇଯାଇଥିଲା। ପରେ ଗ୍ରାମବାସୀଙ୍କ ସହଯୋଗରେ ନବଜାତ ଶିଶୁ ସହ ପ୍ରସୂତିଙ୍କୁ ପ୍ରାୟ ୭ କିଲୋମିଟର ଦୂର ପର୍ଯ୍ୟନ୍ତ ବୋହି ନିଆଯାଇଥିଲା। ଆମ୍ବୁଲାନ୍ସ ପହଁଚିବା ବେଳକୁ ପ୍ରସବ ହୋଇସାରିଥିଲା। ପରେ ତାଙ୍କୁ କରଞ୍ଜିଆ ହସ୍ପିଟାଲକୁ ନିଆଯାଇଥିବା ବେଳେ ବର୍ତ୍ତମାନ ସେଠାରେ ପ୍ରସୂତି ଓ ନବଜାତ ଶିଶୁଙ୍କ ଚିକିତ୍ସା ଚାଲିଛି। ଦୁର୍ଗମ ଅଂଚଳରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଓ ଆମ୍ବୁଲାନ୍ସ ପହଁଚିବାରେ ସମସ୍ୟାକୁ ନେଇ ଏହି ଘଟଣା ପୁଣିଥରେ ପ୍ରଶ୍ନ ଉଠାଇଛି।

ଶିକ୍ଷକଙ୍କ ଲେବୁଲ ତୃତୀୟ ପ୍ରମୋଶନ ପ୍ରକ୍ରିୟା ଶେଷ

କେନ୍ଦୁଝର,୨୨।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କ ଲେବଲ ତୃତୀୟ ପ୍ରମୋଶନ ପିଏମଶ୍ରୀ ବାଳିକା ବିଦ୍ୟାଳୟ କେନ୍ଦୁଝରଠାରେ ଶେଷ ହୋଇଯାଇଛି। ପାଖାପାଖି ୫୯୦ ଲେବଲ ଚାରି ଶିକ୍ଷକ ଶିକ୍ଷୟିତ୍ରୀ ଲେବଲ ତୃତୀୟ ପଦବୀକୁ ପଦୋନ୍ନତି ପାଇଛନ୍ତି। ପ୍ରଥମରୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ବ୍ୟବସ୍ଥିତ ଉପାୟରେ ପଞ୍ଜିକରଣ କରାଯାଇଥିଲା । ଜିଲା ଶିକ୍ଷା କାର୍ଯ୍ୟାଳୟର ଅଧିକାରୀମାନ ଏଲଇଡି ମାଧ୍ୟମରେ ସମସ୍ତ ପ୍ରକ୍ରିୟାର ବିବରଣୀ ପ୍ରଦାନ କରିବାର ବ୍ୟବସ୍ଥା କରିଥିଲେ। ୫୯୦ ଜଣ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କର କ୍ରମିକ ନମ୍ବର ଅନୁଯାୟୀ ଚେୟାରରେ ନମ୍ବର କରାଯାଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବସି ଚୟନ ପ୍ରକ୍ରିୟାରେ ଅଶଂ ଗ୍ରହଣ କରିବାର ବ୍ୟବସ୍ଥା କରାଯାଇଥିଲା। ଏହିପ୍ରକ୍ରିୟାର ବରିଷ୍ଠତା ଭିତ୍ତିରେ ଜିଲ୍ଲାସ୍ତରୀୟ କାଉଁସେଲିଙ୍ଗ କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେରେ ଏହି କାର୍ଯ୍ୟ ସଂପାଦନ ହୋଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟ ନାରାୟଣ ମହାନ୍ତ, ରୁଦ୍ର ନାରାୟଣ ସାମଲ, ସମସ୍ତ ୧୩ଟି ବ୍ଲକର ବିଇଓ,ଏବିଇଓ ଏବଂ ଅଫିସର ଏଷ୍ଟାବିଲ୍ସ ଅଫିସର ଚିନ୍ତାମଣୀ ପଣ୍ଡା, ସେକସନ ଅଫିସର ପ୍ରକାଶ ଚନ୍ଦ୍ର ନାୟକ, ସମସ୍ତ ଅଫିସ ସହାୟକ ଓ ତୃତୀୟ ଶ୍ରେଣୀ କର୍ମଚାରୀ ଏହି କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ। ଜିଲ୍ଲାରେ ବହୁଦିନରୁ ବନ୍ଦ ହୋଇ ରହିଥିବା ପ୍ରମୋସନ ପ୍ରକ୍ରିୟା ଆଜି ସଂପୂର୍ଣ୍ଣ ହୋଇଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମସ୍ତ ଶିକ୍ଷା ଅଧିକାରୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

ଲୋକନାଟକ ମହୋତ୍ସବ ଉଦ୍‌ଯାପିତ

ବ୍ରହ୍ମପୁର,୨୨।୮(ନି.ପ୍ର): ସ୍ଥାନୀୟ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଓଡ଼ିଶା ସରକାରଙ୍କ ତରଫରୁ ଲୋକରଞ୍ଜନୀ ଲୋକ ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଭୁବନେଶ୍ୱର, ଜିଲ୍ଲା ପ୍ରଶାସନ, ସଂସ୍କାର ଭାରତୀ, ଓଡ଼ିଶା ପ୍ରଦେଶ ଏବଂ ଓଡ଼ିଶା ନାଟକ ସମାରୋହ ସମିତି ବ୍ରହ୍ମପୁରର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ ହୋଇଥିଲା । ଏକାଡ଼େମୀ ତରଫରୁ ସଂସ୍କାର ଭାରତୀ ଓ ଓଡ଼ିଶା ନାଟକ ସମାରୋହ ସମିତି ବ୍ରହ୍ମପୁର ଦ୍ୱାରା ଆୟୋଜିତ ଏହି ଲୋକ ନାଟକ ମହୋତ୍ସବର ଅନ୍ତିମ ରଜନୀରେ ଜଗତସିଂହପୁର ବାଣୀ କ୍ଷେତ୍ର ନାଟ୍ୟ ପରିଷଦ ତରଫରୁ ଗୀତିନାଟ୍ୟ, ଗଞ୍ଜାମ ମା ଦେବୀ ନାଟ୍ୟ କଳା ସଂସଦ ତରଫରୁ ଭାରତ ଲୀଳା ଓ ଗଜପତି ସଙ୍କଟ ତାରିଣୀ ନାଟ୍ୟ କଳା ସଂସଦ ତରଫରୁ ଭୂତକେଳି ପରିବେଷଣ କରାଯାଇଥିଲା । ଓଡିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତାଙ୍କ ପରାମର୍ଶ କ୍ରମେ ଏପରି ମହୋତ୍ସବ ପରିଚାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଆସିକା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼. ଜୀବାନନ୍ଦ ତ୍ରିପାଠୀ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତୀ ଆଚାର୍ଯ୍ୟ, ଓଡ଼ିଶା ନାଟକ ସମାରୋହ ସମିତି ସାଧାରଣ ସମ୍ପାଦକ ନାରାୟଣ ମହାଙ୍କୁଡ଼, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସାଧାରଣ ପରିଷଦ ସଦସ୍ୟ ଗଦାଧର ବାରିକ, ସଂସ୍କାର ଭାରତୀ ଓଡ଼ିଶା ପ୍ରଦେଶ ସଂଯୋଜକ ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇ ବ୍ରହ୍ମପୁରରେ ପ୍ରଥମ ଥର ଏପରି ଲୋକ କଳା ମହୋତ୍ସବ ଆୟୋଜନ କରାଯାଇଥିବାରୁ ଆୟୋଜକମାନଙ୍କୁ ଭୂୟଁସୀ ପ୍ରଶଂସା କରିବା ସହ ଏପରି ମହୋତ୍ସବ ଦ୍ୱାରା ଲୋକ କଳାର ବିକାଶ ହୋଇପାରୁଥିବା କହିଥିଲେ ।

ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି,୨୨।୮(ନି.ପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସଭା ଗୃହରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୨ତମ ଜନ୍ମଜୟନ୍ତୀ ଶ୍ରଦ୍ଧା ଓ ସମ୍ମାନର ସହ ପାଳନ କରାଯାଇଛି। ଦଳୀୟ ନେତା ଓ କର୍ମୀମାନେ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ରାଜୀବ ଗାନ୍ଧୀ ଆଧୁନିକ ଭାରତ ଗଠନର ସ୍ୱପ୍ନ ଦେଖିଥିବା ଜଣେ ଦୂରଦର୍ଶୀ ନେତା ଥିଲେ। ଯୁବଶକ୍ତି, ଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ। ଦେଶକୁ ୨୧ତମ ଶତାବ୍ଦୀ ପାଇଁ ପ୍ରସ୍ତୁତ କରିବା ଦିଗରେ ତାଙ୍କ ଅବଦାନକୁ ବକ୍ତାମାନେ ସ୍ମରଣ କରିଥିଲେ। ୨୦ ଅଗଷ୍ଟକୁ ରାଜୀବ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ 'ସଦ୍ଭାବନା ଦିବସ' ଭାବେ ପାଳନ କରାଯାଏ। ଜାତୀୟ ଏକତା, ଶାନ୍ତି, ଭାଇଚାରା ଓ ସାମ୍ପ୍ରଦାୟିକ ସଦ୍ଭାବନାକୁ ମଜବୁତ କରିବା ଏହି ଦିବସର ମୁଖ୍ୟ ବାର୍ତ୍ତା। କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା, ପଦାଧିକାରୀ, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର କର୍ମକର୍ତ୍ତାଙ୍କ ସମେତ ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ଆଦର୍ଶ ଓ ଦେଶ ପ୍ରତି ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ଶେଷରେ ଦେଶରେ ଶାନ୍ତି, ସଦ୍ଭାବନା ଓ ଭାଇଚାରା ବଜାୟ ରଖିବା ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ନଗର ସଭାପତି ବସନ୍ତ ପଣ୍ଡା, ସୂର୍ଯ୍ୟ ନାରାୟଣ ପାତ୍ର, ସଂଗ୍ରାମ ସାହୁ,ସୁମିତ କୁମାର ପାତ୍ର, ନିରାକାର ପାଣିଗ୍ରାହୀ,ମୁନା ମହାରଣା, ଦଣ୍ଡପାଣି ପଣ୍ଡା, ବିଷ୍ଣୁ ପ୍ରସାଦ ପାଣି, ସୁଶାନ୍ତ ସାହୁ, ପ୍ରମୁଖ ଉପସ୍ଥିତ ରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

ଏଡସ୍ ସଚେତନତା କୁଇଜ୍ ପ୍ରତିଯୋଗିତା

କେନ୍ଦୁଝର,୨୨।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶନିବାର ଜିଲ୍ଲାସ୍ତରୀୟ ଏଡସ୍ ସଚେତନତା କୁଇଜ୍ ପ୍ରତିଯୋଗିତା ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦୁଝରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ରେଡ୍ ରିବନ୍ କ୍ଲବ୍ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଡସ୍ ସଂପର୍କରେ ସଠିକ୍ ଜ୍ଞାନ ଓ ସଚେତନତା ସୃଷ୍ଟି ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡ. ବସନ୍ତ କୁମାର ପାତ୍ର, ଏ.ଡି.ପି.ଏଚ.ଓ(ଡିସି), ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ଆଇ.ସି.ଟି.ସି ସୁପରଭାଇଜର ବ୍ରହ୍ମାନନ୍ଦ ସାହୁ, ଜୁନିଅର ରେଡ କ୍ରସ୍ ଅଫିସର ପ୍ରଶାନ୍ତ କୁମାର ପରିଡ଼ା, ପ୍ରଧାନଶିକ୍ଷକ ଜୟ ପ୍ରସାଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୨୪ଟି ରେଡ୍ ରିବନ୍ କ୍ଲବ୍ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୨ ଜଣ ଛାତ୍ର ରାଜ୍ୟସ୍ତରକୁ ସମ୍ମାନୀତ ହୋଇଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ କେନ୍ଦେଇପଶି,ପାଟନା ବ୍ଲକ ଛାତ୍ର ଆଦିତ୍ୟ ନାରାୟଣ ପଣ୍ଡା ପ୍ରଥମ ସ୍ଥାନ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସୁଆଁପଦା, ଘସିପୁରା ବ୍ଲକ ଛାତ୍ର ଗୌରୀଶଙ୍କର ଆଇଚ୍ ଦ୍ୱିତୀୟ ସ୍ଥାନ ଅଧିକାର କରି କେନ୍ଦୁଝର ଜିଲ୍ଲାକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ପ୍ରତିନିଧିତ୍ୱ କରିବେ।

ଜଙ୍ଗଲ ରାସ୍ତା ସଫା କଲେ ପୁରୁଣା ବାନ୍ଧଗୋଡା ୟୁଥ କ୍ଲବ ସଦସ୍ୟ

ରାମଚନ୍ଦ୍ରପୁର,୨୨।୮(ନିପ୍ର): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ଥିବାରୁ ଏହି ରାସ୍ତା ଦେଇ ଶହଶହ ବାଇକ ଆରୋହୀ ଅନେକ ସମୟରେ ଯାତାୟତ କରିଥାନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷା ଋତୁ ସମୟରେ ଅନାବନା ଗଛ ଲତା ମାଡ଼ି ଆସିବାରୁ ରାସ୍ତାରେ ଯିବା ଆସିବା କରିବା ସମୟରେ ଜଙ୍ଗଲ ପାର୍ଶ୍ୱରୁ ବନ୍ୟପ୍ରାଣୀ ବିଶେଷ କରି ହରିଣ ଠେକୁଆ, ହିଂସ୍ର ଭାଲୁ ବାହାରି ଆସି ବାଇକ ସହ ଧକ୍କା ହେଉଥିବା ନଜରକୁ ଆସୁଛି। କେତେକ ବାଇକ ଆରୋହୀ ଗୁରୁତର ଆହାତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଦେଖାଯାଉଛି। ଶନିବାର ସ୍ଥାନୀୟ ପୁରୁଣାବାନ୍ଧଗୋଡା ନ୍ୟୁୟୁ ଜେନେରେସନ ୟୁଥ କ୍ଲବର ଆଶୁତୋଶ ମାଝୀ, ସୌମ୍ୟରଂଜନ ପଣ୍ଡା, ସମିର ବେହେରା, ଆଶୁତୋଷ ବେହେରା, ବାବୁଲି ମାଝୀ, ବିଶାଲ ମହାନ୍ତିଙ୍କ ସମେତ ଅନେକ ସଦସ୍ୟ ଏକତ୍ରୀତ ହୋଇ ନିଜ ପକେଟ ଖର୍ଚ୍ଚରୁ ମେସିନ ସାହାଯ୍ୟରେ ମା' ଧନେଇ ପୀଠ ଠାରୁ କୁସୁମେ

କବିତାରେ ଜୀବନ୍ତ ହେଲା ଫଟୋଚିତ୍ର

ସମ୍ବଲପୁର, ୨୨।୮(ସୁଶାନ୍ତ ମହାପାତ୍ର): କୁହାଯାଏ ଗୋଟିଏ ଫଟୋ ଅନେକ କଥା କହେ। ତାଦେହରେ ଲୁଚି ରହିଥାଏ ସମୟ, ସ୍ମୃତି, ଅନୁଭବ ଓ ଅନେକ ଅକୁହା କାହାଣୀ। କ୍ୟାମେରା ଲେନ୍ସରେ ଅଟକି ରହିଥିବା ଏଭଳି ଦୃଶ୍ୟକୁ କବିତାର ଶବ୍ଦରେ ଜୀବନ୍ତ କରି ଥିଲେ କବିମାନେ। ଫଟୋ ପ୍ରଦର୍ଶନୀରେ ଫଟୋ ଉପରେ କବିତା ପାଠର ଏଭଳି ଏକ ନିଆରା ଆସର ଜମିଥିଲା ସମ୍ବଲପୁର ସାମ୍ବାଦିକ ଭବନରେ। ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ଆସୋସିଏସନ ପକ୍ଷରୁ ଆୟୋଜିତ ଫଟୋ ପ୍ରଦର୍ଶନୀର ପୂର୍ବାହ୍ନରେ ଏହି ଅଭିନବ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ସାମ୍ବାଦିକଙ୍କ କ୍ୟାମେରାରେ କଏଦ ହୋଇଥିବା ଜୀବନର ବିଭିନ୍ନ ରଙ୍ଗ, ସମାଜର ଚିତ୍ର, ପ୍ରକୃତିର ରୂପ, ସଂସ୍କୃତି, ପରମ୍ପରା ଓ ମଣିଷର ଭାବନାକୁ କବିତାର ବିଷୟ କରିଥିଲେ କବିମାନେ। କବି ସୂର୍ଯ୍ୟ ପାଣିଗ୍ରାହୀଙ୍କ ପରିଚାଳନାରେ ଆୟୋଜିତ ସାରସ୍ୱତ ସଭାରେ ଡା. ରାଜାରାମ ଷଡ଼ଙ୍ଗୀ କବିତା ସଂଯୋଜନା କରିଥିଲେ। କବି ରମାକାନ୍ତ ବିଶ୍ୱାଳ, ଲଳିତ ମୋହନ ବେବର୍ତ୍ତା, ତରଣୀସେନ ଡନସେନା, ଜୟକୃଷ୍ଣ ବେହେରା, ଆଭାସ ପଣ୍ଡା, ପ୍ରଭଞ୍ଜନ ପୁରୋହିତ, ପୁତୁଲ ସୁପ୍ରିୟା ଦାଶ, ତପସ୍ୱିନୀ ନେପାକ, କଳ୍ପନା ମହାପାତ୍ର, କମଳଲୋଚନ ପଣ୍ଡା, ମମତା ନାଥ, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ଅନୁପମା ବିଶ୍ୱାଳ, ସିଦ୍ଧି ସ୍ୱରୂପା ପାଢ଼ୀ, ସବିତା ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ। କାହାର କବିତାରେ ଥିଲା ମଣିଷର ସଂଘର୍ଷ ତ କାହାର ଶବ୍ଦରେ ପ୍ରକୃତିର ନିରବ ସୌନ୍ଦର୍ଯ୍ୟ। ଆଉ କେତେକ କବିତାରେ ଫୁଟିଉଠିଥିଲା ସମାଜ ଓ ସମୟର ପ୍ରଶ୍ନ। ଫଟୋରେ ଅଟକିଥିବା ମୁହୂର୍ତ୍ତ କବିଙ୍କ କଣ୍ଠରେ ପାଇଥିଲା ନୂଆ ଅର୍ଥ ଓ ଅନୁଭବ। ଲେନ୍ସ ଯେଉଁଠି ମୁହୂର୍ତ୍ତକୁ ଅଟକାଇଥିଲା, କବିତା ସେଠାରେ ଭରି ଦେଇଥିଲା ଭାବନା। ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାଷ ପାଣିଗ୍ରାହୀ କବିମାନଙ୍କୁ ସ୍ୱାଗତ କରିଥିଲେ। ସାଧାରଣ ସମ୍ପାଦକ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ଲକସ୍ତରୀୟ ଖେଳାଳି ଚୟନ ଶିବିର

ଧର୍ମଗଡ଼,୨୨/୮(ନିପ୍ର), ଧର୍ମଗଡ଼ ସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ଫୁଟବଲ, କବାଡି ଓ ଖୋଖୋ ଦଳ ଚୟନ ହୋଇଯାଇଛି ଚୟନ ଶିବିରକୁ ଧର୍ମଗଡ଼ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୫୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ଏଥି ମଧ୍ୟରୁ ଉଭୟ ବାଳକ ଓ ବାଳିକାଙ୍କ ମାନଙ୍କର କବାଡି, ଖୋଖୋ ଓ ଫୁଟବଲ ଦଳ ଚୟନ କରାଯାଇଥିଲା ଚୟନ ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୨୧ ଜଣ ଖେଳ ଶିକ୍ଷକ ସକ୍ରିୟ ଅଂଶଗ୍ରହଣ କରି ଦାୟିତ୍ୱ ନିର୍ବାହ କରିଥିବାବେଳେ ଚୟନ ଶିବିର ପୂର୍ବରୁ ଏକ ଉଦ୍ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା ଧର୍ମଗଡ଼ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୂପାନନ୍ଦ ଭୋଇ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ପଞ୍ଚାୟତ ମହାବିଦ୍ୟାଳୟର ଖେଳ ଶିକ୍ଷକ ଅଭୟ ବାଗ ମଞ୍ଚାସିନ ଥିଲେ ଗୁରୁଜୀ ମଧୁସୂଦନ ଦାସ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଶ୍ରବଣ କୁମାର ଜାଲ ସଭା ପରିଚାଳନା କରିଥିବାବେଳେ ଧର୍ମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ତଥା ନୋଡାଲ ସମ୍ପାଦକ ସନ୍ତୋଷ କୁମାର ପାଣିଗ୍ରାହୀ ଅନୁଷ୍ଠିତ ଚୟନ ଶିବିରର ଆଭିମୁଖ୍ୟ ଉଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ

ବିଜେପିରେ ମିଶିଲେ ୨୫୦ରୁ ଅଧିକ କଂଗ୍ରେସ ସମର୍ଥକ

ବନ୍ଧୁଗାଁ,୨୨।୮(ନିପ୍ର): ସ୍ଥାନୀୟ ନିଲାବାଡ଼ି ପଞ୍ଚାୟତର ମା ଅଗ୍ନି ଗଙ୍ଗାମା ମନ୍ଦିର ପ୍ରାଙ୍ଗଣରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନିଲାବାଡ଼ି ଗାଁର ୨୫୦ରୁ ଉର୍ଦ୍ଧ୍ୱ କଂଗ୍ରେସ ସମର୍ଥକ ଓ କର୍ମୀ ବିଜେପିରେ ଯୋଗଦେଇଛନ୍ତି।ଉକ୍ତ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ଉପ ସଭାପତିଭବେନ୍ଦ୍ରପଣ୍ଡା, ଜୁୟାରିଯୁଟ ମଣ୍ଡଳ ପ୍ରମୁଖଙ୍କ ସମେତ ଶତାଧିକ ସମର୍ଥକ ଓ କର୍ମୀ ଉପସ୍ଥିତ ଥିଲେ।

ଛାତ୍ରଛାତ୍ରୀଙ୍କ ପାଇଁ ଶୃଙ୍ଖଳା ଅତ୍ୟନ୍ତ ଜରୁରୀ

ରାୟଗଡ଼ା,୨୨/୮(ନି.ପ୍ର): ଜୀବନରେ ସମସ୍ତଙ୍କ ପାଇଁ ଶୃଙ୍ଖଳା ଅତ୍ୟନ୍ତ ଜରୁରୀ। ବିଶେଷକରି ଛାତ୍ରଛାତ୍ରୀଙ୍କ ଜୀବନରେ ଶୃଙ୍ଖଳା ରହିଲେ ଏହା ସେମାନଙ୍କ ବିକାଶରେ ବହୁତ ସହାୟକ ହୋଇଥାଏ ବୋଲି ମିଟ୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା କହିଛନ୍ତି। କୋଲନରା ନିକଟସ୍ଥ ମିଟ୍ସ କଲେଜ ପରିସରର ଅଡିଟୋରିୟମ୍‌ରେ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଯୋଗଦେଇ ଶ୍ରୀ ପଣ୍ଡା କହିଥିଲେ ଯେ, ଶିକ୍ଷା କ୍ଷେତ୍ରରେ ପ୍ରତିଯୋଗିତା ଦିନକୁ ଦିନ ବହୁତ ବଢ଼ିଛି। ତେଣୁ ଛାତ୍ରଛାତ୍ରୀମାନେ ସେହି ଅନୁଯାୟୀ ପ୍ରତିଯୋଗିତା କରିବା ସହ ନିଜ ଲକ୍ଷ୍ୟ ହାସଲ ପାଇଁ ସମୟାନୁସାରେ କଠିନ ପରିଶ୍ରମ କରିବା ଆବଶ୍ୟକ। ସେ କହିଥିଲେ ଯେ, ୧୯୯୯ ମସିହାରେ ରାୟଗଡ଼ାରେ ମିଟ୍ସ ଗ୍ରୁପ୍ ଅଫ୍ ଏଜୁକେସନାଲ୍ ଇନ୍‌ଷ୍ଟିଚ୍ୟୁସନ୍ସର ଶୁଭାରମ୍ଭ ହୋଇଥିଲା। ବହୁ ପରିଶ୍ରମରେ ଏହି ଅନୁଷ୍ଠାନକୁ ବିକଶିତ କରାଯାଇଛି ଏବଂ ଏଠାରେ ଅଧ୍ୟୟନ କରିଥିବା ଅନେକ ଛାତ୍ରଛାତ୍ରୀ ଜୀବନରେ ଉଚ୍ଚସ୍ତରକୁ ପହଞ୍ଚିଛନ୍ତି। ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ପାଠ୍ୟକ୍ରମ ମଧ୍ୟ ପ୍ରଚଳନ କରାଯାଇଛି ବୋଲି ସେ କହିଥିଲେ।ସେ ଆହୁରି କହିଥିଲେ ଯେ, ଆଦିବାସୀ ଓ ହରିଜନ ଅଧ୍ୟୁଷିତ ଜିଲ୍ଲା ଭାବେ ପରିଚିତ ରାୟଗଡ଼ାର ସାଧାରଣ ପରିବାରର ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରି ଜୀବନରେ ଉଚ୍ଚ ଶିଖରକୁ ଉଠୁଛନ୍ତି। ଆମ ଅନୁଷ୍ଠାନ ବ୍ୟବସାୟିକ ଲାଭକୁ ପ୍ରାଧାନ୍ୟ ଦେଇ ପରିଚାଳିତ ହେଉନଥିବାରୁ ଦୂରଦୂରାନ୍ତରୁ ମଧ୍ୟ ବହୁ ଛାତ୍ରଛାତ୍ରୀ ଏଠାରେ ଶିକ୍ଷା ଗ୍ରହଣ ପାଇଁ ଆସୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ।କାର୍ଯ୍ୟକ୍ରମରେ ମିଟ୍ସ ଗ୍ରୁପ୍‌ର ନିର୍ଦ୍ଦେଶକ ଡ. ସି.ଭି. ଗୋପୀନାଥନ୍‌ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସମ୍ବଲପୁର ସିଟି ଷ୍ଟେସନ ଓ ସିଟିସରଳା ଦୋହରୀକରଣ କାର୍ଯ୍ୟ ନିରୀକ୍ଷଣ କଲେ ଡିଆରଏମ

ସମ୍ବଲପୁର, ୨୨/୮(ନିପ୍ର): ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ) ଶ୍ରୀ ସୁବାଷ ଚନ୍ଦ୍ର ଚୌଧରୀ ଶନିବାର ସମ୍ବଲପୁର ସିଟି ରେଳ ଷ୍ଟେସନ ଏବଂ ସମ୍ବଲପୁର ସିଟି–ସରଳା ଦୋହରୀକରଣ କାର୍ଯ୍ୟର ନିରୀକ୍ଷଣ କରିଛନ୍ତି। ନିରୀକ୍ଷଣ ସମୟରେ ସେ ଷ୍ଟେସନ ରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଚାଲୁଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଡିଆରଏମ ଷ୍ଟେସନ ରେ ଉପଲବ୍ଧ ଯାତ୍ରୀ ସୁବିଧାର ସ୍ଥିତି ଅନୁଧ୍ୟାନ କରିବା ସହ ଷ୍ଟେସନର ସ୍ଥାୟୀ ସମ୍ପତ୍ତି, କାର୍ଯ୍ୟକ୍ଷମ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଭିତ୍ତିଭୂମିର ଯାଞ୍ଚ କରିଥିଲେ। ଏଥିସହ ଷ୍ଟେସନରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ସହ ଆଲୋଚନା କରି ସେମାନଙ୍କ କାର୍ଯ୍ୟ ପରିବେଶ ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ।କର୍ମଚାରୀମାନଙ୍କୁ କର୍ତ୍ତବ୍ୟ ପାଳନ ସମୟରେ ଦକ୍ଷତା, ସୁରକ୍ଷା ଓ ଶୃଙ୍ଖଳାକୁ ସର୍ବାଧିକ ଗୁରୁତ୍ୱ ଦେବା ସହ ଯାତ୍ରୀ ସେବାର ଉଚ୍ଚ ମାନ ବଜାୟ ରଖିବାକୁ ଡିଆରଏମ ପରାମର୍ଶ ଦେଇଥିଲେ। ସମ୍ବଲପୁର ସିଟି–ସରଳା ଦୋହରୀକରଣ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରି ଚାଲୁଥିବା ସମସ୍ତ ବିକାଶ ମୂଳକ ଓ ଭିତ୍ତିଭୂମି କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟରେ ଗୁଣବତ୍ତା ଓ ସୁରକ୍ଷା ମାନଦଣ୍ଡ ରେ କୌଣସି ସାଲିସ ନକରିବାକୁ ମଧ୍ୟ ସେ ଗୁରୁତ୍ୱ ରୋପ କରି ଥିଲେ। ଡିଆରଏମଙ୍କ ଏହି ନିରୀକ୍ଷଣ ଦ୍ୱାରା ଷ୍ଟେସନର ବିକାଶ, ଯାତ୍ରୀ ସୁବିଧା ବୃଦ୍ଧି ଓ ରେଳ ଭିତ୍ତିଭୂମିର ଉନ୍ନତି କାର୍ଯ୍ୟକୁ ଆହୁରି ଗତି ମିଳିବ ବୋଲି ଆଶା କରାଯାଉଛି।

୧୬୨ କେଜି ଗଞ୍ଜେଇ ଜବତ କାର ସହ ଜଣେ ଗିରଫ

ମ.ରାମପୁର,୨୨।୮(ନିପ୍ର): କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ରଜାମୁଣ୍ଡା ଗ୍ରାମ ନିକଟ ଏନ୍‌ଏଚ୍‌୫୯ରେ ଏକ କାରରୁ ଅବକାରୀ ବିଭାଗ ୧୬୨ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଘଟଣାରେ ବାପି ପ୍ରଧାନ (୨୬)କୁ ଗିରଫ କରାଯିବା ସହିତ ଧଳା ରଙ୍ଗର ମାରୁତି ସୁଜୁକି ୪ କାର୍ ଓ ଦୁଇ ମୋବାଇଲ୍ ଫୋନ୍ ଜବତ କରାଯାଇଛି। କଳାହାଣ୍ଡି ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକଙ୍କ ନିର୍ଦ୍ଦେଶରେ ଓ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସାଗରିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ମ.ରାମପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା। ସଦର ରେଞ୍ଜର ଅବକାରୀ ଇନ୍ସପେକ୍ଟର ବିଜୟ ଭୂଷଣ ନାଏକଙ୍କ ସହଯୋଗରେ ଅବକାରୀ ଟିମ୍ ରାଜାମୁଣ୍ଡା ନିକଟରେ କାରକୁ ଯାଞ୍ଚ କରାଯାଇଥିଲା। ଜବତ କାରର ରେଜିଷ୍ଟ୍ରେସନ୍ ନମ୍ବର୦୨/୯୮୮୧ ଥିବା ବେଳେ ଏହାର ମୂଳ ନମ୍ବର ୦୪/୨୮୧୧ ବୋଲି ଜଣାପଡ଼ିଛି। ଗଞ୍ଜେଇ ଓ ଅନ୍ୟ ସାମଗ୍ରୀ ଜବତ ପରେ ମ.ରାମପୁର ଅବକାରୀ ଥାନାରେଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇଛି। ଚଢ଼ାଉରେ ଅଜିତ କୁମାର ନାଏକଙ୍କ ନେତୃତ୍ୱରେ ଅବକାରୀ କନଷ୍ଟେବଲ୍ ବଳେଶ୍ୱର ଧ. ମାଝୀ, ସୀମାଞ୍ଚଳ ମାଝୀ, ମହିଳା କନଷ୍ଟେବଲ୍ ବିନତା କୁମାର, ଦୁଲେଶ୍ୱର ପ୍ରଧାନ, ଦଇତାରୀ ତାଣ୍ଡି, ପୃଥ୍ୱୀରାଜ ବାଗ ଓ ସିଦ୍ଧାନ୍ତ ପଟ୍ଟନାୟକ ସାମିଲ ଥିଲେ।

ସ୍ତ୍ରୀକୁ ଫେରି ପାଇବା ପାଇଁ ନର ବଳି ଦେଇଥିଲା ଶତ୍ରୁଘନ

ବଲାଙ୍ଗୀର ,୨୨/୦୮ ପୋଖରୀରୁ ମିଳିଲା ମୁଣ୍ଡ ବିହୀନ ମୃତଦେହ। ମୁଣ୍ଡ ଓ ଗଣ୍ଡି ଅଲଗା। ଆଉ ଘଟଣା ପଛରେ ଗୁଣିଗାରେଡ଼ି ପାଇଁ ବଳି ଦିଆଯାଇଥିବା ନେଇ ସୂଚନା ଦେଲେ ବଲାଙ୍ଗିର ଏସପି ଅଭିଳାଷ ଜି ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ବଗଡ଼ା ଗାଁର ଏହି ଘଟଣା ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଛି।ବଗଡ଼ା ଗାଁ ପୋଖରୀରୁ ଜଣେ ଯୁବକଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର ପରେ ଘଟଣା ସାମ୍ନାକୁ ଆସିଥିଲା। ମୃତ ଯୁବକ ଜଣକ ଟେବଡା ମୁଣ୍ଡା ଗାଁର ସନ୍ତୋଷ ଖର୍ସେଲ ବୋଲି ଜଣାପଡ଼ିଛି।ସବୁଠାରୁ ଚାଞ୍ଚଲ୍ୟକର କଥା ହେଉଛିସନ୍ତୋଷଙ୍କ ମୁଣ୍ଡ ଓ ଗଣ୍ଡିକୁ ଅଲଗା କରାଯାଇଥିବା ବେଳେ। ଖବର ପାଇ ଦେଓଗାଁ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା ପୋଲିସ୍ ଜାଣିବାକୁ ପାଇଥିଲା ଘଟଣା ରହସ୍ୟ ଗୁଣିଗାରେଡ଼ି ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଧରିଥିଲା। ଏପରିକି ସନ୍ତୋଷଙ୍କୁ ବଳି ଦିଆଯାଇଥିଲା କି ନାହିଁ, ତାକୁ ନେଇ ମଧ୍ୟ ଉଠିଥିଲା ବଡ଼ ପ୍ରଶ୍ନ। ଏହି ଘଟଣାରେ ପୋଲିସ ସେହି ଗାଁର ଶତ୍ରୁଘ୍ନ ସାହୁଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସବୁ ସତ ଜଣାପଡ଼ିଛି। ଶତ୍ରୁଘ୍ନଙ୍କ ଘରୁ ସନ୍ତୋଷଙ୍କ ମୁଣ୍ଡ ମିଳିଥିବା ବେଳେ ଏହି ହତ୍ୟାକାଣ୍ଡର ପ୍ରକୃତ ହତ୍ୟାକାରୀ ହେଉଛି ଶତ୍ରୁଘ୍ନ ସେ ତାର ନିଜ ସ୍ତ୍ରୀ ଓ ଛୁଆ କୁ ଫେରି ପାଇବା ପାଇଁ ଅନ୍ଧ ବିଶ୍ୱାସ ରେ ପଡ଼ି ନର ବଳୀ ଦେଲେ ସ୍ତ୍ରୀ ଫେରି ଆସିବ ତା ପାଖକୁ ଭାବି ମୁଣ୍ଡ ବଳି ଦେଇ ତାର ନିଜ ଘରେ କରିଥିଲା ପୂଜା ଅର୍ଚ୍ଚନା । ତାର ଘରୁ ମିଳିଥିଲା ବ୍ୟବହାର କରିଥିବା ଅସ୍ତ୍ର ଓ ପୂଜା ର କିଛି ସାମଗ୍ରୀ ବୋଲି କହିଛନ୍ତି ବଲାଙ୍ଗିର ଏସପି ଅଭିଳାଷ ଜି ।

ମାୟାବର୍ହା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ବିଡିଓ

୨୨/୮ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହାକୁ ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୀବ ସାହୁ ଗସ୍ତରେ ଆସି ବିଦ୍ୟାଳୟର ରୋଷେଇ ଘର, ଶ୍ରେଣୀ ପ୍ରକୋଷ୍ଠ, କମ୍ପ୍ୟୁଟର ଶ୍ରେଣୀ ତଥା ବିଜ୍ଞାନାଗାର ବୁଲି ଦେଖିଥିଲେ । ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀ ସହ ଭାବବିନିମୟ କରି ବୋର୍ଡ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପାଇଁ ମାର୍ଗଦର୍ଶନ କରିଥିଲେ। ବ୍ଲକର କନିଷ୍ଠ ଯନ୍ତ୍ରୀ ଭ୍ରମରବର ବାଗଙ୍କ ସହ ପରିଚଳନା କମିଟି ସଭାପତି ଶଙ୍କର ପ୍ରସାଦ ସାହୁ, ମାୟାବର୍ହା ସମବାୟ ସମିତି ସଭାପତି ରାଧାକାନ୍ତ ଯୁଆଦି ଆଲୁମିନି ସଦସ୍ୟ ପ୍ରଦୀପ ଖମାରୀ ବିଦ୍ୟାଳୟର ଅଭାବ ଅସୁବିଧା ବିଷୟରେ ଆଲୋଚନା କରିଥିଲେ।ଆଜି ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକ କିଶୋର ଚନ୍ଦ୍ର ପଟେଲଙ୍କୁ ଛାତ୍ରଛାତ୍ରୀମାନେ ଫୁଲ ଚନ୍ଦନ , ଉତ୍ତରୀୟ ଦେଇ ପଦଧୌତ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଛାତ୍ରୀ ପାୟଲ ବିଶ୍ୱକର୍ମା, ଜାଗୃତି ସେଠୀ, ପ୍ରୀତି ପ୍ରଧାନ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ।

ବ୍ଲକ ଓ ନଗର ବିଜେଡି ସଭାନେତ୍ରୀଙ୍କ ନାମ ଘୋଷଣା

ଜି.ଉଦୟଗିରି, ୨୨।୮(ନିପ୍ର): ରାଜ୍ୟ ମହିଳା ବିଜେଡି ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନିଷ୍ପତ୍ତି କ୍ରମେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ବିଜେଡି ସଭାନେତ୍ରୀ ଭାବେ ଲିଲିମା ପ୍ରଧାନ ଓ ନଗର ମହିଳା ସଭାନେତ୍ରୀ ଭାବେ କୃତାଞ୍ଜଳୀ ନାୟକଙ୍କ ନାମ ପୁନର୍ବାର ଘୋଷଣା କରାଯାଇଛି। ପୂର୍ବରୁ ନଗର ସଭାନେତ୍ରୀ ଭାବେ କୃତାଞ୍ଜଳୀ ନାୟକ ଦାୟିତ୍ୱ ତୁଲାଇ ଆସୁଥିଲେ। ଦଳୀୟ କର୍ମୀ, ସମର୍ଥକ ଓ କର୍ମକର୍ତ୍ତାମାନେ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଉଭୟ ସଭାନେତ୍ରୀ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ, ରାଜ୍ୟ ମହିଳା ସଭାନେତ୍ରୀ ଶ୍ରୀମତୀ ଛୁରିଆ, କନ୍ଧମାଳ ଜିଲ୍ଲା ସଭାପତି ପଦ୍ମନାଭ ବେହେରା, ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜି.ଉଦୟଗିରି ଅଞ୍ଚଳର ବିକାଶ ମୂଳ ଲକ୍ଷ୍ୟ ହେବ ବୋଲି କହିଛନ୍ତି।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.: ETELCONBBST-387E

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥ ଅନ୍ତର୍ଗତ ତାଳଚେର-ବିମଳାଗଡ଼ ନୂଆ BG ଲାଇନ୍ ସମ୍ବନ୍ଧୀୟ ବିମଳାଗଡ଼ ଠାରେ 1x25 KV ଟ୍ରାକ୍ସନ ସବ୍‌ଷ୍ଟେସନ (TSS) ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ/ବୃଦ୍ଧିକରଣ, ପରୀକ୍ଷଣ ଏବଂ ପ୍ରଚଳନ ସହିତ 2x25 KV ସିଷ୍ଟମ୍ ନିମନ୍ତେ ମାଷ୍ଟ ଏବଂ ସୁପର ମାଷ୍ଟ, ଇଜତର ଆକାର ବିଶିଷ୍ଟ ଫାଇଣ୍ଡେସନର ବ୍ୟବସ୍ଥା ସହ SWSs ନିମନ୍ତେ ଫିଡରକୁ ମିଶାଇ ମହୁଲଡିହ ଠାରୁ ବିମଳାଗଡ଼ ମଧ୍ୟରେ ନୂଆ ଲାଇନ୍ ସମ୍ବନ୍ଧୀୟ 1x25 KV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ ।

ବିଜ୍ଞାପିତ ମୂଲ୍ୟ (₹) : 26,75,39,207.95,
EMD (₹) : 53,50,800.00, ଶେଷ ହେବା ଅବଧି : 18 ମାସ ।

ବିଡ୍ ଆରମ୍ଭ ହେବା ତାରିଖ: ତା.04.09.2026 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.09.2026 ରିଖ 1200 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସଂପ

ମହିଳାଙ୍କୁ ରୋଜଗାରମୁଖୀ କରୁଛି ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍

ସମ୍ବଲପୁର, ୨୨।୮(ନିପ୍ର) ମହିଳାଙ୍କୁ ଦକ୍ଷତା ବିକାଶ ମାଧ୍ୟମ ରେ ଆତ୍ମନିର୍ଭର କରିବା ଲକ୍ଷ୍ୟ ରେ ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍‌ର ସିଏସ୍‌ଆର୍ ଶାଖା ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଚାଲିଥିବା ପୋଷାକ ପ୍ରଶିକ୍ଷଣ ଓ ବିକାଶ କାର୍ଯ୍ୟକ୍ରମର ତିନିବର୍ଷିଆ ପର୍ଯ୍ୟାୟ ସଫଳତାର ସହ ସମାପ୍ତ ହୋଇଛି। ଏହି ଅବସର ରେ ସମ୍ବଲପୁରରେ ଏକ ଡିସେମିନେସନ୍ କର୍ମଶାଳା ଆୟୋଜିତ ହୋଇଥିଲା। ଆପାରେଲ୍ ଟ୍ରେନିଂ ଆଣ୍ଡ ଡିଜାଇନ୍ ସେଣ୍ଟର (ଏଟିଡିସି) ସହଯୋଗ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ଲିମିଟେଡ୍‌ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ୩୦୦ ଜଣ ବେକାର ମହିଳାଙ୍କୁ ପୋଷାକ ପ୍ରସ୍ତୁତି ସମ୍ପର୍କିତ ଦକ୍ଷତା ପ୍ରଶିକ୍ଷଣ ଦିଆଁଯାଇଛି। ଏହା ମାଧ୍ୟମ ରେ ମହିଳା ମାନଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ସ୍ଥାୟୀ ଜୀବିକାର ପଥ ପ୍ରଶସ୍ତ ହୋଇଛି। କାର୍ଯ୍ୟକ୍ରମ ରେ ସମ୍ବଲପୁର ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ଓର୍ମାସ୍ ସମ୍ବଲପୁର ର ଯୁଗ୍ମ ସିଇଓ ଶ୍ରୀମନ୍ତ ହୋତା, ଏଟିଡିସି ଏନ୍‌ଏଚ୍‌ଓର ନିର୍ଦ୍ଦେଶିକା ଡ. ନୀରା ସିଂହ ପରିହାର, ଓଡ଼ିଶା ଜୀବିକା ମିଶନ୍‌ର ଡିପିଏମ୍ ସଞ୍ଜୟ ମହାପାତ୍ର ଏବଂ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ର ପଶ୍ଚିମ ଓଡ଼ିଶା ସିଏସ୍‌ଆର୍ ମୁଖ୍ୟ ବିଶାଲ ରାଜ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଶାଲ ରାଜ ପ୍ରଶିକ୍ଷଣପ୍ରାପ୍ତ ମହିଳା ମାନଙ୍କୁ ମିଳିଥିବା ସୁଯୋଗର ସର୍ବାଧିକ ଉପଯୋଗ କରିବା ସହ ନିଜ ଦକ୍ଷତାକୁ ନିରନ୍ତର ଉନ୍ନତ କରି ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଶିକ୍ଷଣ ଦ୍ୱାରା ନିଜର ବୈଷୟିକ ଦକ୍ଷତା, ଆତ୍ମବିଶ୍ୱାସ ଓ ଜୀବିକା ସୁଯୋଗ ବୃଦ୍ଧି ପାଇଥିବା ନେଇ ଅନେକ ହିତାଧିକାରୀ ନିଜ ସଫଳତାର କାହାଣୀ ବଖାଣି ଥିଲେ କର୍ମଶାଳା ରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀ ଷ୍ଟଲ୍ ମଧ୍ୟ ଖୋଲା ଯାଇଥିଲା। ଏଥିରେ ମହିଳା ମାନଙ୍କ ଉଦ୍ୟୋଗୀ ଦକ୍ଷତା ଓ ଉତ୍ପାଦନକୁ ପ୍ରଦର୍ଶିତ କରା ଯାଇଥିଲା। ପ୍ରଶିକ୍ଷଣ ପ୍ରାପ୍ତ ମହିଳା ମାନଙ୍କୁ ଅଧିକ ଦକ୍ଷତା ତାଲିମ ଓ ସ୍ଥାୟୀ ଜୀବିକା ସୁଯୋଗ ସହ ଯୋଡ଼ିବା ନେଇ ଆଲୋଚନା ହୋଇଥିଲା। ବିଶେଷ କରି ଡିଡିୟୁଜିକେୱାଇ ଓ ପିଏମ୍ ବିଶ୍ୱକର୍ମା ଭଳି ସରକାରୀ ଯୋଜନା ସହ ମହିଳା ମାନଙ୍କୁ ସଂଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଦକ୍ଷତା ବିକାଶ, ଉଦ୍ୟୋଗିତା ସୃଷ୍ଟି ଓ ସମାବେଶୀ ସାମାଜିକ–ଆର୍ଥିକ ବିକାଶ ମାଧ୍ୟମ ରେ ମହିଳା ଓ ଯୁବବର୍ଗଙ୍କୁ ସଶକ୍ତ କରିବା ଦିଗରେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍‌ର ପ୍ରତିବଦ୍ଧତାକୁ ଏହିକର୍ମଶାଳା ପୁନର୍ବାର ପ୍ରତିପାଦିତ କରିଛି।

ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କଲା ଆଦିତ୍ୟ ଆଲୁମିନିୟମ

ଲପଙ୍ଗା, ୨୨।୮(ନିପ୍ର) ବିଦ୍ୟାର୍ଥୀ ଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହୋଇଛି ଆଦିତ୍ୟ ଆଲୁମିନିୟମ। କମ୍ପାନିର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ 'ପ୍ରକଳ୍ପ ଆରୋଗ୍ୟ' ଅଧୀନ ରେ କତରବଗା ପଞ୍ଚାୟତ ର ଦୁଇଟି ବିଦ୍ୟାଳୟ ରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ଆଦିତ୍ୟ ଆଲୁମିନିୟମ, ସମ୍ପୃକ୍ତ ବିଦ୍ୟାଳୟ ଓ ତ୍ରିଲୋଚନ ନେତ୍ରାଳୟ ର ମିଳିତ ସହଯୋଗ ରେ ଦୁଇଦିନ ଧରି ଏହି ଶିବିର ଚାଲିଥିଲା। ଗୋଲାମାଲ ସ୍ଥିତ ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟ ଏବଂ କତରବଗା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଆୟୋଜିତ ଶିବିର ରେ ମୋଟ ୧୮୮ ଜଣ ଛାତ୍ରଛାତ୍ରୀ ଙ୍କ ଚକ୍ଷୁ ପରୀକ୍ଷା କରା ଯାଇଥିଲା। ଚକ୍ଷୁ ସମ୍ବନ୍ଧୀୟ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ସହ ଛାତ୍ରଛାତ୍ରୀ ଙ୍କୁ ଚକ୍ଷୁର ଯତ୍ନ ଓ ସ୍ୱାସ୍ଥ୍ୟ ସମ୍ପର୍କ ରେ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା ।ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ସିଏସଆର୍ ମୁଖ୍ୟ ରବି ନିଓ୍ୱାସଙ୍କ ତତ୍ତ୍ୱାବଧାନ ରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ବିଦ୍ୟାଳୟ ସ୍ତରରେ ଚକ୍ଷୁ ପରୀକ୍ଷା ଭଳି ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପଦକ୍ଷେପକୁ ଶିକ୍ଷକ, ଅଭିଭାବକ ଓ ସ୍ଥାନୀୟ ଲୋକେ ସ୍ୱାଗତ କରିବା ସହ କମ୍ପାନିର ଏହିଜନ କଲ୍ୟାଣ ମୂଳକ ପ୍ରୟାସକୁ ପ୍ରଶଂସା କରିଛନ୍ତି।

ବିକଶିତ ଭାରତ ଭି ବି ଜି ରାମଜୀ ସଚେତନତା

ଟିକାବାଲି ୨୨/୮(ନିପ୍ର)କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଅନ୍ତର୍ଗତ ସୁଡ୍ରେଙ୍କୁ ଗ୍ରାମପଞ୍ଚାୟତ କାର୍ଯ୍ୟଳୟ ରେ ସେଣ୍ଟ୍ରାଲ ବ୍ୟୁରୁ ଅଫ କମ୍ୟୁନିକେସନ ଫିଲଡି ଅଫିସ ଫୁଲବାଣୀ, ଭାରତ ସରକାର ଆୟୋଜନ ରେ ଭି ବି ଜି ରାମ ଜି କିମ୍ବା ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ଫର ଆଜୀବିକା ମିଶନ ଗ୍ରାମଣୀ ବିଷୟ ବସ୍ତୁ ଉପରେ ବନବାସୀ କଳା ସାଂସ୍କୃତିକ ବିକାଶ ପରିଷଦ,ଏବଂ ଓରଦା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିପାରିଗାଁ(ଜେଡିନାୟୁ), ଟିକାବାଲି ଅନୁଷ୍ଠାନ ର କଳାକାର ବୃନ୍ଦ ଅତି ସୁନ୍ଦର ଭାବରେ ଭି. ବି. ଜି ରାମ ଜି ର ଲକ୍ଷ୍ୟ, ଉଦେଶ୍ୟ, ଉପକାର ଏବଂ ସଂକଳ୍ପ କୁ ନୃତ୍ୟ ଓ ଗୀତ ମାଧ୍ୟମରେ ପରିବେଷଣ କରିଥିଲେ ଯାହାକି ଉପସ୍ଥିତ ଜନସାଧାରଣଙ୍କ ବେଶ ହୃଦୟଶ୍ପର୍ଷି ଓ ମନଛୁଆଁ ଥିଲା ଉକ୍ତ ନାଟକ ଅଭିନୟ ଦେଖୀ କାର୍ଯ୍ୟକ୍ରମ ପରିଚାଳନା ଶ୍ରୀଯୁକ୍ତ ସତ୍ୟ ନାରାୟଣ ନନ୍ଦ,କ୍ଷେତ୍ର ପ୍ରଚାର ସହାୟକ କେନ୍ଦ୍ରୀୟ ସଂଚାର ବ୍ୟୁରୋ କ୍ଷେତ୍ରିୟ କାର୍ଯ୍ୟଳୟ ଫୁଲବାଣୀ ,ସୁଡ୍ରେଙ୍କୁ ସରପଞ୍ଚ ଶ୍ରୀମତୀ ଲକ୍ଷ୍ମୀ ପ୍ରଧାନ,ଖଜୁରୀପଡା ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ଯୁକ୍ତ ସୂର୍ଯ୍ୟ ନାରାୟଣ ସେନାପତି, ନାଏବ ସରପଞ୍ଚ ଶ୍ରୀ ଯୁକ୍ତ ଗଣେଶ ପ୍ରଧାନ,ଏ ଡି ଓ ସଂଜୀବ ପ୍ରଧାନଙ୍କ ସମେତ ମଞ୍ଚାସିନ ପଦାଧୀକାରି ବନବାସୀ କଳାକାର ଙ୍କୁ ପ୍ରଂଶସା ରେ ପୋତି ପକେଇଥିଲେ ଏବଂ ଏହି କାର୍ଯ୍ୟକ୍ରମ ପ୍ରତିଟି ଗ୍ରାମରେ ଆୟୋଜନ କରାଯିବାକୁ ନିଜ ଅଭିଭାଷଣ ମତ ପ୍ରକାଶ କରିଥିଲେ

ଅଟୋ ସହ ପିକ୍‌ଅପ୍ ଧକ୍କା ୯ ଆହତ, ୩ ଗୁରୁତର

ଲକ୍ଷ୍ମୀପୁର, ୨୨/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ପ୍ରଧାନ ଇଣ୍ଟର୍ଷ୍ଟେଜ୍ ନିକଟସ୍ଥ ୩୨୬ ନମ୍ବର ଜାତୀୟ ରାଜପଥରେ ଶନିବାର ଏକ ପାସେଞ୍ଜର ଅଟୋ ସହ ମ୍ୟାକ୍ସ ପିକ୍?ଅପ୍? ଭ୍ୟାନ୍?ର ଧକ୍କା ହୋଇ ୯ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସେମାନଙ୍କୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଛନ୍ତି। ଗୁରୁତର ଆହତମାନେ ହେଲେ ଜୁର୍କ ମିଣିଆକା, ବିମଳା ମିଣିଆକା ଓ ଅଟୋ ଚାଳକ ସୁଶାନ୍ତ ବାଡେକା। ଅନ୍ୟ ଆହତମାନଙ୍କ ମଧ୍ୟରେ ଶିଶୁ କିରଣ ମିଣିଆକା, ହର୍ଷ ମିଣିଆକା, ଦିପାଇ କାଡ୍ରାକା, ସିଙ୍ଗାରି ମିଣିଆକା, ଟିକମ ମିଣିଆକା ଓ ଲଦା ମିଣିଆକା ଅଛନ୍ତି। ସେମାନେ ବର୍ତ୍ତମାନ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।ଆହତଙ୍କ ମଧ୍ୟରେ ଜଣେ ଶିଶୁଙ୍କ ସମେତ ୫ ଜଣ ମହିଳା ଥିବା ଜଣାପଡିଛି। ସମସ୍ତେ ଲକ୍ଷ୍ମୀପୁର ସାପ୍ତାହିକ ହାଟ ସାରି ନିଜ ନିଜ ଗ୍ରାମକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆହତଙ୍କ ମଧ୍ୟରୁ ଜଣେ ମହିଳା ଓ ଶିଶୁଙ୍କ ଘର ବାଲିଙ୍କି ଗ୍ରାମରେ ହୋଇଥିବା ବେଳେ ଅନ୍ୟମାନଙ୍କ ଘର ମିନାପାଇ ଗ୍ରାମରେ ବୋଲି ଜଣାପଡିଛି। ଦୁର୍ଘଟଣା ପରେ ଲକ୍ଷ୍ମୀପୁର ପୋଲିସ ଅଟୋ ଓ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଗୁରୁତର ଆହତ ବିମଳା ମିଣିଆକା ଓ ସୁଶାନ୍ତ ବାଡେକାଙ୍କୁ କୋରାପୁଟ ରେଫର କରାଯାଇଥିଲେ ମଧ୍ୟ ଆମ୍ବୁଲାନ୍ସ ଅଭାବରୁ ଖବର ଲେଖା ହେବା ସୁଦ୍ଧା ସେମାନେ କୋରାପୁଟ ଯାଇପାରିନଥିବା ସୂଚନା ମିଳିଛି।

ଚାଇଲ୍ଡ ହେଲ୍ପ ଲାଇନ୍ ଦ୍ୱାରା ଭିକ୍ଷାବୃତ୍ତି କରୁଥିବା ୨ ଶିଶୁ ଉଦ୍ଧାର

ବୌଦ୍ଧ ୨୨/୦୮(ନିପ୍ର):ଖବର ପ୍ରକାଶ ପାଇବା ପରେ ଉଦ୍ଧାର ହେଲେ ଅସହାୟ ଶିଶୁ।ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଅଞ୍ଚଳରୁ ଦୁଇଜଣ ଅସହାୟ ଶିଶୁଙ୍କୁ ଉଦ୍ଧାର କରିଛି ବୌଦ୍ଧ ଚାଇଲ୍ଡ ହେଲ୍ପ ଲାଇନ ସୂଚନା ଅନୁଯାୟୀ ପ୍ରାୟ ୨ ମାସ ହେବ ବାଉଁଶୁଣୀ ଛକ ସହ ପାଖ ଅଞ୍ଚଳରେ ଜଣେ ୯ ବର୍ଷର ନାବାଳିକା ଓ ତାର ଜଣେ ଭାଇ ଭିକ୍ଷା ବୃତ୍ତି କରୁଥିଲେ । ଯେଉଁ ହାତରେ କଲମ ଧରି ଭବିଷ୍ୟତ ଗଢ଼ିବା କଥା ସେହି ସମୟରେ ଏଭଳି ଭିକ୍ଷାବୃତ୍ତି କରିବା ଘଟଣା ଗତକାଲି ଦୈନିକ ଖବରକାଗଜ ପ୍ରତିଦିନ ଖବର ପ୍ରକାଶ ପାଇଥିଲା ଏ ସମ୍ପର୍କରେ ଖବର ପାଇ ବୌଦ୍ଧ ଚାଇଲ୍ଡ ହେଲ୍ପ ଲାଇନର ଜିଲ୍ଲା ସଂଯୋଜକ ବିନୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାଉନସିଲର ଘନଶ୍ୟାମ ସାହୁ ଓ ସୁପରଭାଇଜର୍ ସ୍ମୃତିରେଖା ପଟ୍ଟନାୟକ ନାବାଳିକା ଘରେ ପହଞ୍ଚି ନାବାଳିକା ଓ ତାର ୧୩ ବର୍ଷିୟ ଭାଇକୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିରେ ହାଜର କରାଇଥିଲା ଶିଶୁ ମଙ୍ଗଳ ସମିତି ସୁପାରିଶ କ୍ରମେ ଉଭୟଙ୍କୁ ବୀରନରସିଂହପୁର ସ୍ଥିତ ରାମକୃଷ୍ଣ ବାଳାଶ୍ରମରେ ଛଡାଯାଇଛି।

ପ୍ରତିଦିନ ପ୍ରଭାବ

ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ଲକ୍ଷ୍ମୀପୁର, ୨୨/୮(ନି.ପ୍ର.): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ତୋୟାପୁଟ ଗ୍ରାମରେ ଜଣେ ୧୭ ବର୍ଷୀୟା ଛାତ୍ରୀଙ୍କ ମୃତଦେହ କାନ୍ଥ ବଗିଚାରୁ ଉଦ୍ଧାର ହୋଇଛି। ମୃତକା ହେଲେ ତୋୟାପୁଟ ଗ୍ରାମର ଅମ୍ରିତା କୁଲଦୀପ। ସେ ଲକ୍ଷ୍ମୀପୁର ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅମ୍ରିତା ଶୁକ୍ରବାର ପ୍ରତିଦିନ ଭଳି କଲେଜ ଯାଇଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ସେ ତୋୟାପୁଟ ବସଷ୍ଟାଣ୍ଡ ନିକଟସ୍ଥ ନିଜ ଘରକୁ ଫେରିଥିଲେ। ସେତେବେଳେ ତାଙ୍କ ବାପାମା' କୁଲି ମଜୁରୀ କରିବାକୁ ବାହାରକୁ ଯାଇଥିବାରୁ ଘରେ ତାଲା ପଡ଼ିଥିଲା। ପରେ ଅମ୍ରିତା ଘର ନିକଟସ୍ଥ କାନ୍ଥ ବଗିଚାକୁ ଯାଇଥିବା ଜଣାପଡ଼ିଛି। ସନ୍ଧ୍ୟାରେ ବାପାମା' ଘରକୁ ଫେରି ଝିଅକୁ ନ ପାଇ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ତେବେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଶନିବାର ସକାଳେ ଅମ୍ରିତାଙ୍କ ବାପା ଓ ଜଣେ ସମ୍ପର୍କୀୟ ଘର ନିକଟସ୍ଥ କାନ୍ଥ ବଗିଚାକୁ ଯାଇ ଖୋଜାଖୋଜି କରିବା ସମୟରେ ତାଙ୍କ ମୃତଦେହ ଦେଖିଥିଲେ। ପରେ ପଡ଼ୋଶୀଙ୍କ ସହାୟତାରେ ପୋଲିସକୁ ଖବର ଦିଆଯାଇଥିଲା। ଖବର ପାଇ ଲକ୍ଷ୍ମୀପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମୃତକାଙ୍କ ବାପା ଲକ୍ଷ୍ମୀପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ବୌଦ୍ଧ ଜିଲ୍ଲା ଗସ୍ତରେ କନ୍ଧମାଳ ସାଂସଦ

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ହରଭଙ୍ଗା :୨୨/୦୮(ନିପ୍ର)ଶନିବାର ଦିନ ବୌଦ୍ଧ ଜିଲ୍ଲା ଗସ୍ତରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଜିଲ୍ଲା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର କଲେ ସମୀକ୍ଷା ପ୍ରଥମେ ଶ୍ରୀ ସାଂସଦ ପାଣିଗ୍ରାହୀ ଜିଲ୍ଲା ର ବାଉଁସୁଣୀ ବିରାମହରାଜ ପୁର ସେତୁ କାର୍ଯ୍ୟ ସମୀକ୍ଷା କରିଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀ ଙ୍କ ଶହ ଆଲୋଚନା କରିଥିଲେ ପରେ ବାଉଁସୁଣୀ ସରସ୍ୱତୀ ଶିଶୁବିଦ୍ୟା ମନ୍ଦୀର ର ନୂତନ କୋଠା ପାଇଁ ରୀତିନୀତି ରେ ପୂଜାର୍ଚନା କରି ଶିଳାନ୍ୟାସ କରିଥିଲେ ପରେ ଜହ୍ନାପଙ୍ଗ ମାର୍କେଟ କମ୍ପ୍ଲେକ୍ସ ର ଭିତି ପ୍ରସ୍ତର ସ୍ଥାପନ ଏବଂ ୨୨୪ତେଲି ବନ୍ଧ ଠାରୁ ଚନ୍ଦ୍ର ପୁର କାର୍ଯ୍ୟର ତଦାରଖ କରିଥିଲେ ତା ସହିତ ପ୍ରାଥମିକ ସେବା ସମବାୟ ସମିତି ଖୁଣ୍ଟବନ୍ଧ ଠାରେ ଖରିବ ଧାନ ବିକ୍ରି ଚାଷୀ ପଞ୍ଜିକରଣ ତଦାରଖ ସହିତ ଚାଷୀଙ୍କ ସାଙ୍ଗରେ ଆଲୋଚନା କରି ହରଭଙ୍ଗା ବ୍ଲକ୍? ର ବଡବନ୍ଧ କନ୍ୟାଶ୍ରମ ରେ ପହଂଚି ଛାତ୍ର ଛାତ୍ରୀ ଙ୍କ ସହିତ ଭାବର ଆଦାନ ପ୍ରଦାନ ସହିତ ରହିବା, ପାଠ ପଢା, ଖାଇବା ଓ ସରକାରୀ ସହାୟତା ଠିକ ଭାବେ ପାଉଛନ୍ତି କି ନାହିଁ ପଚାରିବା ସହ ଛାତ୍ରୀ ମାନଙ୍କ ସହିତ ଭୋଜନ କରି ଆତ୍ମ ସନ୍ତୋଷ ଲାଭ କରିଥିବା ସାଂସଦ ମତ ପ୍ରକାଶ କରିଥିଲେ ପରେ ରାମ କୃଷ୍ଣ ବଳରାମ ବିର ନରସିଂହ ପୁର ଠାରେ ଶ୍ରୀ ସାଂସଦ ଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ଆଶ୍ରମ ର ପରିବେଶ ବୁଲିବା ସହିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହିତ ଛାତ୍ର ଛାତ୍ରୀ ଙ୍କୁ ପୋଷାକ ବଣ୍ଟନ କରି ଭାବର ଆଦାନ ପ୍ରଦାନ କରିଥିଲେ ଏବଂ ନିଜ ଛୋଟ ସମୟ ର ବିତିଥିବା ଘଟଣା ଛାତ୍ର ଛାତ୍ରୀ ଙ୍କୁ ବୁଝାଇ ଜଣେ ଉତ୍ତମ, ଚରିତ୍ର ବାନ ହେବା ପାଇଁ ପରାମର୍ଶ ଦେଇଥିଲେ ସାଂସଦ ଙ୍କ ଏହି ଗସ୍ତ ରେ ବୌଦ୍ଧ ବିଧାୟକ ତଥା ଓଡିଶା ସରକାର ଙ୍କ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଏ ଡ଼ି ଏମ ଅନିରୁଦ୍ଧ ପ୍ରଧାନ, ଓମ ପ୍ରକାଶ ମିଶ୍ର ଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀ ସାମିଲ ରହିଥିଲେ

ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଗାଇସିଲେଟ :୨୨୮(ନିପ୍ର) ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କନ୍ଦାଗାଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବରିହାପୁଖାପାଣି ଗ୍ରାମର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମାନନ୍ଦ ପ୍ରଧାନ (୭୬)ଙ୍କର ଶନିବାର ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଶିକ୍ଷାବିତ, ପୂର୍ବତନ ଛାତ୍ରଛାତ୍ରୀ, ସହକର୍ମୀ, ଭକ୍ତ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଶ୍ୟାମାନନ୍ଦ ପ୍ରଧାନ ୧୯୭୨ ରୁ ୨୦୦୮ ଦୀର୍ଘ ୩୬ ବର୍ଷ ଧରି ଶିକ୍ଷକତା କରି ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ିବାରେ ନିଜର ଅମୂଲ୍ୟ ଅବଦାନ ରଖିଥିଲେ। ଜଣେ ନିଷ୍ଠାବାନ, ସରଳ, ଶୃଙ୍ଖଳିତ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ।

ଏକମ୍ବାରେ ଶ୍ମଶାନକୁ ନାହିଁ ରାସ୍ତା, ବଢୁଛି ଜନ ଅସନ୍ତୋଷ

ଜୟପୁର, ୨୨।୮(ନି ପ୍ର): ଜୟପୁର ସହରଠାରୁ ମାତ୍ର ୭ କିଲୋମିଟର ଦୂରରେ ଥିବା ଏକମ୍ବା ପଞ୍ଚାୟତ ମୁଖ୍ୟାଳୟରେ ଶ୍ମଶାନକୁ ଯିବା ପାଇଁ ରାସ୍ତା ନଥିବା ଅଭିଯୋଗକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ମୃତଦେହକୁ ଅନ୍ତିମ ସଂସ୍କାର ପାଇଁ ନେବା ସମୟରେ ପରିବାର ଓ ଗ୍ରାମବାସୀଙ୍କୁ ପ୍ରତିଥର ଦୁର୍ଦ୍ଦଶା ଭୋଗିବାକୁ ପଡୁଥିବା କହିଛନ୍ତି ଗ୍ରାମବାସୀ । ଶୁକ୍ରବାର ଦିନ ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପୁଣିଥରେ ଏହି ସମସ୍ୟା ସାମ୍ନାକୁ ଆସିଥିଲା। ଶ୍ମଶାନକୁ ଯିବା ପାଇଁ ସୁବିଧାଜନକ ରାସ୍ତା ନଥିବାରୁ ଗ୍ରାମବାସୀ ଏକ ଛୋଟ କେନାଲ ଦେଇ ପାଣି ଓ କାଦୁଅ ଭିତରେ ପଶି ମୃତଦେହକୁ ବୋହି ନେଇଥିଲେ। ଏଭଳି ଅବସ୍ଥାରେ ମୃତଦେହ ନେବାର ଦୃଶ୍ୟକୁ ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏକମ୍ବା ଭଳି ପଞ୍ଚାୟତ ମୁଖ୍ୟାଳୟରେ ମୃତଦେହକୁ ସମ୍ମାନର ସହ ଶ୍ମଶାନକୁ ନେବା ପାଇଁ

କଳିଙ୍ଗ ଷ୍ଟାଡିୟମରେ ଜାତୀୟ ସଂସ୍କୃତିର ଝଲକ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଶନିବାର ବିଶ୍ୱ କଣ୍ଟିନେଣ୍ଟାଲ୍ ଟୁର୍ (ରୌପ୍ୟ) ଦୌଡ଼କୁଦ ପ୍ରତିଯୋଗିତା ଅବସରରେ ଭାରତୀୟ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା।

ଏହି ମହାଦେଶୀୟ କ୍ରୀଡ଼ା ସମାରୋହରେ ଭାରତ ସହିତ ୧୨ ଏସୀୟ ଦେଶ ସମେତ ମୋଟ ୨୩ ଦେଶରୁ ୧୮୭ ଖେଳାଳି ଅବତୀର୍ଣ୍ଣ ହୋଇଥିଲେ। ପୁରୁଷ ଓ ମହିଳା ବର୍ଗରେ ସମାନ ୯ ଲେଖାଏଁ ମୋଟ ୧୮ ଇଭେଣ୍ଟରେ ଏହାର ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଭାରତରୁ ୮୮ ଜଣ ଅଂଶଗ୍ରହଣ କରିଥିବାବେଳେ ଓଡ଼ିଶାରୁ ୬ ଜଣ ସାମିଲ ଥିଲେ। ଆଗାମୀ ଏସିଆ ଗେମ୍ସ୍ ପାଇଁ ଯୋଗ୍ୟତା ହାସଲ ସକାଶେ ଏହି କ୍ରୀଡ଼ା ପ୍ରତିଯୋଗିତା ବିଶେଷ ଗୁରୁତ୍ୱ ହେବାରୁ କ୍ରୀଡ଼ାବିତ୍ ସେମାନଙ୍କର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ।

ବିଶ୍ୱକପ ଫୁଟବଲ ଫାଇନାଲ ମ୍ୟାଚ ବେଳେ ଗଣ୍ଡଗୋଳ: ୪ ଖେଳାଳି ଦଣ୍ଡିତ

ନୂଆଦିଲ୍ଲୀ, ୨୨।୮ (ନି.ପ୍ର): ଗତ ମାସରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ ଫୁଟବଲ ଫାଇନାଲରେ ଆର୍ଜେଣ୍ଟିନାକୁ ହରାଇ ସ୍ପେନ୍ ଚାମ୍ପିଅନ ହୋଇଥିଲା। ତେବେ ଶେଷ ହୁଇସିଲ୍ ବାଜିବା ମାତ୍ରେ ଆର୍ଜେଣ୍ଟିନା ଆର୍ଜେଣ୍ଟିନା ମିଡଫିଲ୍ଡର ଲିଆଣ୍ଡ୍ରୋ ପରେଡେସ୍ ଏବଂ ସ୍ପେନିସ୍ ଖେଳାଳିଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଗଲା। ଏହି ଝଗଡ଼ାରେ ପ୍ରଥମେ ସ୍ପେନ୍ ଡିଫେଣ୍ଡର ଏରିକ୍ ଗାର୍ସିଆ ସାମିଲ ଥିଲେ। ପରେଡେସ୍ ଗାର୍ସିଆଙ୍କୁ ଲାତ ମାରିଥିଲେ, ଯାହା ଫଳରେ ସେ ତଳେ ପଡ଼ିଗଲେ।

ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଉଭୟ ଦଳର ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍ ପଡ଼ିଆକୁ ଧାଇଁ ଆସିଥିଲେ। ଆର୍ଜେଣ୍ଟିନାର ଅନେକ ଖେଳାଳି ଏବଂ ସପୋର୍ଟ ଷ୍ଟାଫର ଜଣେ ସଦସ୍ୟ ଏହି ଝଗଡ଼ାରେ ସାମିଲ ଥିଲେ।ତେଣୁ ବିଶ୍ୱକପ୍ ଫାଇନାଲ୍ ପରେ ଉପୁଜିଥିବା ବିବାଦ ଉପରେ ଫିଫା ତାର ନିଷ୍ପତ୍ତି ନେଇ ଆର୍ଜେଣ୍ଟିନାର ଲିଆଣ୍ଡ୍ରୋ ପରେଡେସ୍‌ଙ୍କୁ ୧୦ଟି ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଛି। ଏହି ପ୍ରତିବନ୍ଧକ କେବଳ ଅନ୍ତର୍ଜାତୀୟ ମ୍ୟାଚ୍ ଅନ୍ତର୍ଭୁକ୍ତ ହେବଛ ପାରେଡେସ୍‌ଙ୍କ ପ୍ରତିବନ୍ଧକ ମୂଳତଃ ଆର୍ଜେଣ୍ଟିନା ଜାତୀୟ ଦଳରୁ ଗୋଟିଏ ବର୍ଷର ନିଲମ୍ବନ ସହିତ ସମାନ । ଦଳ ଜୁନ୍ ୨୦୨୭ ପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳିବାକୁ ସ୍ଥିର ହୋଇଛି। ଆର୍ଜେଣ୍ଟିନା ଡିଫେଣ୍ଡର ନାହୁଏଲ୍ ମୋଲିନାଙ୍କୁ ସାତଟି ମ୍ୟାଚ୍ ଓ ଥିଆଗୋ ଆଲମାଡାଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ନିଷେଧ କରାଯାଇଥିଲା। ଫିଫା ପାରେଡେସ୍ ଏବଂ ମୋଲିନାଙ୍କୁ ୯୦,୦୦୦ ଡଲାର ଏବଂ ଆଲମାଡାଙ୍କୁ ୩୦,୦୦୦ ଡଲାର ଜରିମାନା କରିଛନ୍ତି। ସ୍ପେନର ଗାଭିଙ୍କୁ ମଧ୍ୟ ଗୋଟିଏ ମ୍ୟାଚ୍ ପାଇଁ ନିଷେଧ କରାଯାଇଛି। ସେ ସେପ୍ଟେମ୍ବର ୨୬ରେ ୱେମ୍ବଲିରେ ଇଂଲଣ୍ଡ ବିପକ୍ଷରେ ନେସନ୍ସ ଲିଗ୍ ମ୍ୟାଚ୍ ଖେଳିପାରିବେ ନାହିଁ।ଆର୍ଜେଣ୍ଟିନା ପ୍ରଶିକ୍ଷକ ରୋବର୍ଟୋ ଆୟାଲାଙ୍କୁ ମଧ୍ୟ ତିନୋଟି ମ୍ୟାଚ୍ ପାଇଁ ନିଷେଧ ଏବଂ ୩୦,୦୦୦ ଡଲାର ଜରିମାନା କରାଯାଇଛି।

ଦ୍ୱିତୀୟ ଟେଷ୍ଟ: ଷ୍ଟାର୍କ, ଶରିଫୁଲ ୬-୬, ପ୍ରଥମ ଦିନ ୧୮ ୱିକେଟର ପତନ

ମାକେ,୨୨।୮(ଏଜେନ୍ସି):ସ୍ଥାନୀୟ ଗ୍ରେଟ ବ୍ୟାରିଏର ରିଫ୍ ଏରେନା ଗ୍ରାଉଣ୍ଡରେ ଶନିବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ କ୍ରିକେଟ ମ୍ୟାଚ ସଂଘର୍ଷପୂର୍ଣ୍ଣ ସ୍ଥିତିରେ ପହଞ୍ଚିଛି।ବୋଲରଙ୍କ ଆଧିପତ୍ୟ ଯୋଗୁ ପ୍ରଥମ ଦିନ ଉଭୟ ଦଳର ୧୮ ୱିକେଟ ପତନ ହୋଇଛି। ଟସ୍ ଜିତିବା ପରେ ଅଷ୍ଟ୍ରେଲିଆ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିବା ବେଳେ ବାଂଲାଦେଶ ପ୍ରଥମ ଇନିଂସରେ କେବଳ ୩୪ ଓଭର ଖେଳି ୬୪ ରନରେ ଅଲଆଉଟ ହୋଇ ଯାଇଥିଲା। ବାଂଲାଦେଶର ୭ ବ୍ୟାଟର ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚି ପାରି ନ ଥିବା ବେଳେ ଏମାନଙ୍କ ମଧ୍ୟରୁ ୪ ଜଣ ଖାତା ଖୋଲି ପାରି ନ ଥିଲେ। ଦଳ ପକ୍ଷରୁ ଶରିଫୁଲ ଇସଲାମ ସର୍ବାଧିକ ୧୪ ରନ କରିଥିଲେ। ଅଷ୍ଟ୍ରେଲିଆର ଫାଷ୍ଟ ବୋଲର

ବାଂଲାଦେଶ ୬୪, ଅଷ୍ଟ୍ରେଲିଆ ୧୬୫/୮

ମିଚେଲ ଷ୍ଟାର୍କଙ୍କ ଅଚାନକ ଝଡରେ ବାଂଲାଦେଶ ଘାଇଲା ହୋଇ ଏକଦା ୧୨ ରନରେ ୫ ୱିକେଟ ହରାଇ ବଡ ସଙ୍କଟରେ ପଡିଥିଲା। ଷ୍ଟାର୍କ ୧୦ ଓଭର ବୋଲିଂ କରି ୬ ମେଡେନ ସହିତ ୧୨ ରନ ବିନିମୟରେ ୬ ୱିକେଟ ଅକ୍ତିଆର କରିବା ପରେ ବାଂଲାଦେଶ ବ୍ୟାଟିଂ ଲାଇନ ହଠାତ ତାସ୍ ଘର ପରି ଭୁଶୁଡି ପଡିଥିଲା। ଅଧିନାୟକ ପ୍ୟାଟ୍ କମିନ୍ସ ୩ ଓ ଜୋସ ହାଜେଲଉଡ ୧ ୱିକେଟ ହାସଲ କରିଛନ୍ତି।

ବାଂଲାଦେଶର ଏହି ଦୁର୍ଦ୍ଦଶା ପରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ୮ ୱିକେଟ ହରାଇ ୧୬୫ ରନ କରିଛି। ପ୍ୟାଭିଲିଅନ ଫେରିଥିବା ବ୍ୟାଟରଙ୍କ ମଧ୍ୟରୁ ପୁରୁଖା ତଥା ଅଭିଜ୍ଞ ବ୍ୟାଟର ଷ୍ଟିଭେନ ସ୍ମିଥ୍ ୪୨ ରନ କରିଥିଲେ। କାମେରୁନ ଗ୍ରୀନ ୫୨ ଓ ନାଥନ ଲିୟୋନ ୧୦ ରନ କରି ଅପରାଜିତ ଅଛନ୍ତି। ବାଂଲାଦେଶ ପକ୍ଷରୁ ଝରିଫୁଲ ଇସଲାମ ସବୁଠାରୁ ସଫଳ ବୋଲର ଭାବେ ୩୫ ରନରେ ୬ୱିକେଟ ଅକ୍ତିଆର କରିଛନ୍ତି। ସ୍ମରଣ ଯୋଗ୍ୟ ଯେ ସିରିଜର ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆକୁ ୯ ୱିକେଟରେ ହରାଇ ବାଂଲାଦେଶ ଐତିହାସିକ ବିଜୟ ହାସଲ କରିଥିଲା।

ହକି ବିଶ୍ୱକପ: ନେଦରଲାଣ୍ଡ ଠାରୁ ହାରିଲା ଭାରତ

ଆମଷ୍ଟେଲଭିନ,୨୨।୮(ଏଜେନ୍ସି):ସ୍ଥାନୀୟ ୱାଗନେର ଷ୍ଟାଡିମୟରେ ଶନିବାର ଅନୁଷ୍ଠିତ ଚଳିତ ହକି ବିଶ୍ୱକପର ଏକ ଗୁରୁତ୍ୱପୂର୍ଣ୍ଣ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଅନ୍ୟତମ ବିଶ୍ୱକପ ଆୟୋଜକ ନେଦରଲାଣ୍ଡ ଠାରୁ ଭାରତ ୧-୩ ଗୋଲରେ ହାରିଲା। ପ୍ରଥମାର୍ଦ୍ଧରେ ଭାରତ ଜୋରଦାର ଲଢ଼େଇ କରିବା ଫଳରେ ନେଦରଲାଣ୍ଡ ୧-୦ରେ ଅଗ୍ରଣୀ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ନେଦରଲାଣ୍ଡ ପ୍ରବଳ ଚାପ ସୃଷ୍ଟି କରି ଆହୁରି ୨ ଗୋଲ ସ୍କୋର କରିବା ୬ ପଏଣ୍ଟ ସହିତ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି।ତେବେ ଏହି ଗ୍ରୁପର ଅନ୍ୟତମ ଦଳ ଇଂଲଣ୍ଡ ୪ ପଏଣ୍ଟ ଓ ଆର୍ଜେଣ୍ଟିନା ୧ ପଏଣ୍ଟ ପାଇଛି। ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ମ୍ୟାଚରେ ଇଂଲଣ୍ଡ ହାରିଲେ ମଧ୍ୟ ଭାରତ ସେମିଫାଇନାଲକୁ ଯିବା ଅସମ୍ଭବ ହୋଇ ପଡିବ।

ବାଣିଜ୍ୟ ଖବର

ଅରୁନ୍ଧତୀ ଜୁଏଲର୍ସର ମାସବ୍ୟାପୀ 'ଗୋଲ୍ଡେନ ଫ୍ରିଡମ୍ ସେଲ୍

ଭୁବନେଶ୍ୱର,୨୨।୮(ନି.ପ୍ର):ଓଡ଼ିଶାର ସର୍ବବୃହତ୍ ଅଳଙ୍କାର ପ୍ରତିଷ୍ଠାନ 'ଅରୁନ୍ଧତୀ ଜୁଏଲର୍ସ' ଚଳିତ ଅଗଷ୍ଟ ମାସକୁ ସ୍ୱାଧୀନତାର ସ୍ୱର୍ଣ୍ଣିମ ଉତ୍ସବ ରୂପେ ପାଳନ କରିବା ଉଦ୍ଦେଶ୍ୟରେ, ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ନେଇ ଆସିଛି। ଏକ ଅଦ୍ୱିତୀୟ ଉପହାର ଗୋଲ୍ଡେନ ଫ୍ରିଡମ୍ ସେଲ୍। ଅଗଷ୍ଟ ମାସ ଶେଷ ପର୍ଯ୍ୟନ୍ତ ଏହି ବିଶେଷ ସେଲ୍ ଓଡ଼ିଶା ବ୍ୟାପୀ ଅରୁନ୍ଧତୀର ସମସ୍ତ ୧୦ଟି ଶାଖାରେ ଉପଲବ୍ଧ ରହିବ। ଏହି ମେଗା ସେଲ୍ ମାଧ୍ୟମରେ ଗ୍ରାହକମାନେ ପ୍ରିମିୟମ୍ ସୁନା, ହୀରା ଏବଂ ରୁପା ଅଳଙ୍କାରର ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୬୫% ର ଐତିହାସିକ ରିହାତି ପାଇପାରିବେ। ଏହି ଅଫର ଅଧୀନରେ ଅରୁନ୍ଧତୀର ପ୍ରତିଟି ଶୋ'ରୁମରେ ଅନେକ ପାରମ୍ପରିକ ସହିତ ଆଧୁନିକ ଡ଼ିଜାଇନ ଭରା ଅଳଙ୍କାରର ନୂତନ ଏବଂ ବିଶାଳ କଲେକ୍ସନ୍ ଉପଲବ୍ଧ ରହିଛି। ଓଡ଼ିଶା ବଜାରରେ ସର୍ବନିମ୍ନ ଗଢ଼ା ମଜୁରୀ ସହ ଉପଲବ୍ଧ ଥିବା ଏହି ବିଶେଷ ଅଫର୍ ମାଧ୍ୟମରେ ନିଜ ସ୍ୱପ୍ନର ଗହଣା କିଣିବାର ଏହା ଏକ ସୁବର୍ଣ୍ଣ ସୁଯୋଗ।

ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି କହିଛନ୍ତି ଅରୁନ୍ଧତୀ ଜୁଏଲର୍ସ ସଦାସର୍ବଦା ନିଜର ଅଗଣିତ ଗ୍ରାହକମାନଙ୍କ ପାଇଁ ସର୍ବୋତ୍ତମ ଡିଜାଇନ୍ ସହ ସର୍ବଶ୍ରେଷ୍ଠ ଅଫର୍ ଭେଟିଦେଇ ଆସିଛି। ଗ୍ରାହକମାନଙ୍କ ଆତ୍ମସନ୍ତୁଷ୍ଟି ହିଁ ଅରୁନ୍ଧତୀ ଜୁଏଲର୍ସର ସର୍ବୋଚ୍ଚ ପ୍ରାଥମିକତା। ୮୦ତମ ସ୍ୱାଧୀନତା ଦିବସର ଏହି ପବିତ୍ର ମାସରେ ଆମେ ମାସବ୍ୟାପୀ 'ଗୋଲ୍ଡେନ ଫ୍ରିଡମ୍ ସେଲ୍' ପାଳନ କରିବାକୁ ଯାଉଛୁ। ସମସ୍ତେ ସପରିବାର ଆସି ଏହି ବିଶାଳ ସେଲ୍ ରେ ସାମିଲ ହୋଇ ନୂଆ ନୂଆ କଲେକ୍ସନ୍ ସହିତ ଆକର୍ଷଣୀୟ ରିହାତିର ଲାଭ ଉଠାଇବା ଉଠାନ୍ତୁ।

ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଗ୍ରାମ ସଭା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୮(ନି.ପ୍ର): ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ପାଳନ ଅବସରରେ 'ସମୃଦ୍ଧି ପାଇଁ ସତ୍ୟନିଷ୍ଠା' ବିଷୟ ସମ୍ପର୍କୀତ ଗ୍ରାମ ସଭା ସଚେତନତା କାର୍ଯ୍ୟକ୍ରମ ଖୋର୍ଦ୍ଧା ଓ କଟକ ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ଅଗଷ୍ଟ ୧୮ତାରିଖରେ ଖୋର୍ଦ୍ଧା ଜିଲ୍ଲାର ବନମାଳିପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାକରସାହି ଠାରେ ବନମାଳିପୁର ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ମାଟୁ ପ୍ରସାଦ ଦାସଙ୍କ ଉପସ୍ଥିତିରେ, ଅଗଷ୍ଟ ୧୯ ତାରିଖରେ କଟକ ଜିଲ୍ଲାର ସମଶରପୁର କଇଥା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାତୋରୀ ଠାରେ ଆନନ୍ଦ ବଜାର ଶାଖାର ଶାଖା ପ୍ରବନ୍ଧକ ମଣ୍ଟୁ ସାହୁଙ୍କ ଉପସ୍ଥିତିରେ ଏବଂ ଅଗଷ୍ଟ ୨୦ ତାରିଖରେ କଟକ ଜିଲ୍ଲାର ଗୁଣୁପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଲିବାସାନଠାରେ କୁହୁଣ୍ଡା ଶାଖାର ଶାଖା ପ୍ରବନ୍ଧକ ସମରେନ୍ଦ୍ର ତ୍ରିପାଠୀ ଏବଂ ବ୍ୟାଙ୍କ ମିତ୍ରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମ ଅବସରରେ ଭିଜିଲାନ୍ସ ଅଧିକାରୀ ନୀରଜ କୁମାର ପ୍ରସାଦ ଏବଂ ଉପସ୍ଥିତ ବ୍ୟାଙ୍କ ଅଧିକାରୀମାନେ ଗ୍ରାମବାସୀ, ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି) ସଦସ୍ୟମାନଙ୍କୁ ଡିଜିଟାଲ ଆରେଷ୍ଟ ଠକେଇ, ମନି ମ୍ୟୁଲ ଆକାଉଣ୍ଟ, କେୱାଇସି, ୟୁପିଆଇ ସୁରକ୍ଷା ଏବଂ ୟୁପିଆଇ ପିନ୍ ଓ ଓଟିପି ସୁରକ୍ଷିତ ରଖିବା ସମ୍ପର୍କରେ ସଚେତନ କରିଥିଲେ । ଅଂଶଗ୍ରହଣକାରୀମାନଙ୍କୁ ବ୍ୟାଙ୍କିଙ୍ଗ୍ ସମ୍ବନ୍ଧୀୟ ଗୋପନୀୟ ତଥ୍ୟ କାହାକୁ ନଜଣାଇବା ଏବଂ ଆକାଉଣ୍ଟକୁ ଅପବ୍ୟବହାରରୁ ଦୂରେଇ ରଖିବାକୁ ସଚେତନ କରାଯାଇଥିଲା ।ଏହି ସଚେତନତା କାର୍ଯ୍ୟକ୍ରମଗୁଡିକରେ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

ଏନ୍‌ଟିପିସି ପକ୍ଷରୁ ୫୦ ହାଇସ୍କୁଲରେ ସୌର ଶକ୍ତି ବ୍ୟବସ୍ଥା ସ୍ଥାପନ

ବରଗଡ଼,୨୨।୮(ନି.ପ୍ର): ଏନ୍‌ଟିପିସିର କର୍ପୋରେଟ୍ ସୋସିଆଲ୍ ରେସ୍ପନ୍ସିବିଲିଟି (ସିଏସ୍ଆର) ପାଣ୍ଠିରୁ ବରଗଡ଼ ଜିଲ୍ଲାର ଶିକ୍ଷା କ୍ଷେତ୍ରକୁ ସୌର ଶକ୍ତି ମାଧ୍ୟମରେ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଜିଲ୍ଲାର ୫୦ଟି ହାଇସ୍କୁଲରେ ମୋଟ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୫ କିଲୋୱାଟ୍ କ୍ଷମତାସମ୍ପନ୍ନ ଅଫ୍-ଗ୍ରିଡ୍ ସୋଲାର ସିଷ୍ଟମ୍ ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥି

ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ସହରସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୌର ଶକ୍ତି ପ୍ରକଳ୍ପର ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୂୟ, ଏଡିଏମ୍ ବରଗଡ଼ ମଧୁଛନ୍ଦା ସାହୁ,ଏନ୍‌ଟିପିସିର ଅଧିକାରୀ ମାନେ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ୫ କିଲୋୱାଟ୍ ଅଫ୍-ଗ୍ରିଡ୍ ସୋଲାର ସିଷ୍ଟମ୍ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ବିଦ୍ୟୁତ୍ ଯୋଗାଣରେ ସହାୟତା ମିଳିବା ବିଶେଷକରି ବିଦ୍ୟୁତ୍ ବିଭ୍ରାଟ ସମୟରେ ଶିକ୍ଷାଦାନ ଓ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପ ଅବ୍ୟାହତ ରଖିବାରେ ଏହା ଉପଯୋଗୀ ହେବ। ଏହା ସହିତ ବିଦ୍ୟୁତ୍ ଖର୍ଚ୍ଚ କମାଇବା ସହ ପରିବେଶ ସୁରକ୍ଷା ଦିଗରେ ମଧ୍ୟ ଏହି ପ୍ରକଳ୍ପ ଏକ ସକାରାତ୍ମକ ପଦକ୍ଷେପ। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୌର ଶକ୍ତି ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ମଧ୍ୟ ବୃଦ୍ଧି ପାଇବ।

ଆସୋଟେକ୍ ପ୍ରକଳ୍ପକୁ ଆଇଓବି ପକ୍ଷରୁ ୭୫ କୋଟି ଟଙ୍କା ଅର୍ଥ ମଞ୍ଜୁର

୧୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଆକଳନ

ଭୁବନେଶ୍ୱର, ୨୨।୮(ନି.ପ୍ର): ଆସୋଟେକ୍ ଗ୍ରୁପର ସମନ୍ୱିତ ଟାଉନସିପ୍ ପ୍ରକଳ୍ପ 'ଆସୋଟେକ୍ ୱାର୍ଲ୍ଡ' ଭୁବନେଶ୍ୱରର ରିଅଲ୍ ଇଷ୍ଟେଟ୍ ଏବଂ ନିଯୁକ୍ତି କ୍ଷେତ୍ରକୁ ଏକ ସ୍ୱତନ୍ତ୍ର ଦିଗ ଓ ନୂତନ ଗତି ଦେବାକୁ ଯାଉଛି ।ଏହି ପ୍ରକଳ୍ପର ବିକାଶ ପାଇଁ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ୭୫ କୋଟି ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି । ପ୍ରାୟ ୩୦୦ ଏକର ଜମିରେ ବିକଶିତ ହେବାକୁ ଥିବା 'ଆସୋଟେକ୍ ୱାର୍ଲ୍ଡ' ଏକ ସମନ୍ୱିତ ଟାଉନସିପ୍ ଭାବେ ପରିକଳ୍ପନା କରାଯାଇଛି । ପ୍ରକଳ୍ପର ନିର୍ମାଣ ଓ ପରିଚାଳନା ପର୍ଯ୍ୟାୟରେ ୧୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି। ଏହି ଟାଉନସିପ୍ ନିର୍ମାଣ କାର୍ଯ୍ୟରେ ରାଜମିସ୍ତ୍ରୀ, ଷ୍ଟିଲ୍ ଫିକ୍ସର୍, ଇଲେକ୍ଟ୍ରିସିଆନ୍, ପ୍ଲମ୍ବର, ସାଧାରଣ ଶ୍ରମିକ, ସାଇଟ୍ ସୁପରଭାଇଜର ଏବଂ ପ୍ରକଳ୍ପ ପରିଚାଳନା ଟିମ୍ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହା ସହିତ ନିର୍ମାଣ ସାମଗ୍ରୀ ଯୋଗାଣକାରୀ, ପରିବହନ ଓ ଲଜିଷ୍ଟିକ୍ସ ଅପରେଟର, ଉପକରଣ ଭଡ଼ା ସେବା ଏବଂ ସ୍ଥାନୀୟ ଠିକାଦାରଙ୍କ ଭଳି ସହଯୋଗୀ କ୍ଷେତ୍ରଗୁଡ଼ିକରେ ମଧ୍ୟ ନିଯୁକ୍ତିର ପ୍ରଭାବ ପଡ଼ିବ।

ଆସୋଟେକ୍ ଗ୍ରୁପର ନିର୍ଦ୍ଦେଶକ ଆଦିତ୍ୟ ପ୍ରକାଶ କହିଛନ୍ତି, ଭୁବନେଶ୍ୱରରେ ସୁସଂଗଠିତ ରିଅଲ୍ ଇଷ୍ଟେଟ୍ ବିକାଶର ବ୍ୟାପକ ସମ୍ଭାବନା ରହିଛି । ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ୭୫ କୋଟି ଟଙ୍କାର ପ୍ରକଳ୍ପ ଅର୍ଥ ମଞ୍ଜୁର ହେବା 'ଆସୋଟେକ୍ ୱାର୍ଲ୍ଡ' ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ଏହି ୩୦୦ ଏକରର ସମନ୍ୱିତ ଟାଉନସିପ୍ ଜରିଆରେ ଆମେ ସହରର ଆବାସିକ ଭିତିଭୂମିରେ ଯୋଗଦାନ କରିବା ସହିତ ପ୍ରକଳ୍ପ ଏବଂ ଏହା ସହ ଜଡ଼ିତ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ପ୍ରକଳ୍ପର ବିଶାଳ ପରିସର, ପ୍ରତିଷ୍ଠାନଗତ ଅର୍ଥାୟନ ଏବଂ ବ୍ୟାପକ ନିଯୁକ୍ତି ସମ୍ଭାବନାକୁ ଦୃଷ୍ଟିରେ ରଖି 'ଆସୋଟେକ୍ ୱାର୍ଲ୍ଡ'ଭୁବନେଶ୍ୱରର ପରିବର୍ତନଶୀଳ ସହରୀ ଏବଂ ଆର୍ଥିକ ପରିଦୃଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବାକୁ ଯାଉଛି।

ଆଇଆଇଟି ଭୁବନେଶ୍ୱରକୁ ରାଜଭାଷା ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର,୨୨।୮(ନି.ପ୍ର): ୨୦୨୫-୨

ଫାର୍ମା କାରଖାନାରେ ବିସ୍ଫୋରଣ, ୨ ମୃତ

ହାଇଦ୍ରାବାଦ,୨୨।୮(ଏଜେନ୍ସି): ତେଲେଙ୍ଗାନାର ୟାଦାଦ୍ରି ଭୁବନଗିରି ଜିଲ୍ଲା ଭୂଦାନ ପୋଚମ୍ପଲ୍ଲୀ ମଣ୍ଡଳ ଅନ୍ତର୍ଗତ ଦୋଥିଗୁଡେମ୍‌ରେ ଥିବା ହାଜେଲୋ ଫାର୍ମା କାରଖାନାରେ ଶୁକ୍ରବାର ବିଳମ୍ବିତ ରାତିରେ ପୁଣି ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। କାରଖାନାରେ କେମିକାଲ୍ ରିଆକ୍ଟର ବିସ୍ଫୋରଣ ହେବାରୁ ନିଆଁ ଲାଗି ୨ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି ।

ପୋଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ପଠାଇଛନ୍ତି। ବିସ୍ଫୋରଣର ଶବ୍ଦ ଏତେ ଅଧିକ ଥିଲା ଯେ ଆଖପାଖ ଗ୍ରାମର ଲୋକମାନେ ଭୟଭୀତ ହୋଇ ଘରୁ ବାହାରି ଆସିଥିଲେ। ବିଗତ ୩ ମାସ ମଧ୍ୟରେ ଏହି ୟୁନିଟ୍‌ରେ ଏହା ଦ୍ୱିତୀୟ ବଡ଼ ଦୁର୍ଘଟଣା ହୋଇଥିବାରୁ ସ୍ଥାନୀୟ ବାସିନ୍ଦା ଏବଂ ଶ୍ରମିକ ସଙ୍ଗଠନଗୁଡ଼ିକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କାରଖାନା କର୍ତ୍ତୃପକ୍ଷ ସୁରକ୍ଷା ନିୟମ ପାଳନ କରୁନଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ ।

୧୮୦୦ କିମି ଏଲ୍‌ପିଜି ପାଇପ୍‌ଲାଇନ ନିର୍ମାଣକୁ ମଞ୍ଜୁରି

ନୂଆଦିଲ୍ଲୀ,୨୨।୮(ଏଜେନ୍ସି): ଦେଶରେ ୧୮୦୦ କିମିର ଏଲ୍‌ପିଜି ପାଇପଲାଇନ୍ ନିର୍ମାଣ ହେବା ତେଲେଙ୍ଗାନା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, କର୍ଣ୍ଣାଟକ ଏବଂ ଗୋଆ ଭଳି ରାଜ୍ୟରେ ବିଛାଯିବାକୁ ଥିବା ଏହି ପାଇପଲାଇନ୍ ପ୍ରକଳ୍ପକୁ ତୈଳ କ୍ଷେତ୍ରର ନିୟାମକ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ନିୟାମକ ବୋର୍ଡ ମଞ୍ଜୁରି ଦେଇଛି। ଏହି ପ୍ରକଳ୍ପ ବାବଦରେ ପ୍ରାୟ ୭ ହଜାର କୋଟି ଟଙ୍କା ନିବେଶ ହେବା ଏହି ପାଇପଲାଇନ୍ ନିର୍ମାଣ ଦ୍ୱାରା ସଡ଼କ ପଥରେ ଏଲ୍‌ପିଜି ପରିବହନର ନିର୍ଭରଶୀଳତା ହ୍ରାସ ପାଇବା ରାଷ୍ଟ୍ରାୟତ୍ତ କମ୍ପାନି ଗେଲ୍ ଇଣ୍ଡିଆ ଲିମିଟେଡ ଦ୍ୱାରା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦେଶରେ ଏଲ୍‌ପିଜି ପାଇପଲାଇନ୍ ନେଟୱାର୍କ ୭୭୦୦ କିମିରୁ ୯୫୦୦ କିମିକୁ ବୃଦ୍ଧି ପାଇବ। ତେଲେଙ୍ଗାନାର ଚେର୍ଲାପାଲିରୁ ମହାରାଷ୍ଟ୍ରର ନାଗପୁରକୁ ୫୫୬ କିମିର ପାଇପଲାଇନ, ଉତ୍ତରପ୍ରଦେଶର ଝାନ୍ସିରୁ ଉତ୍ତରାଖଣ୍ଡର ସିତାରଗଞ୍ଜକୁ ୬୧୧ କିମି ପାଇପଲାଇନ ଏବଂ ମହାରାଷ୍ଟ୍ରର ଶିକ୍ରାପୁରରୁ ଗୋଆ ଏବଂ କର୍ଣ୍ଣାଟକର ହୁବଲିକୁ ୬୩୩ କିମି ଏଲ୍‌ପିଜି ପାଇପଲାଇନ ବିଛାଯିବ।

ଆଇଆଇଟି ଦିଲ୍ଲୀ କ୍ୟାମ୍ପସର ଷଷ୍ଠ ମହଲାରୁ ଡେଇଁ ଛାତ୍ରଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୨୨।୮(ଏଜେନ୍ସି): ଆଇଆଇଟି ଦିଲ୍ଲୀ କ୍ୟାମ୍ପସର ଏକ କୋଠାର ଷଷ୍ଠ ମହଲାରୁ ଡେଇଁ ପଡ଼ି ଜଣେ ୩୧ ବର୍ଷୀୟ ଏମଏସସି ପଦାର୍ଥ ବିଜ୍ଞାନ ଛାତ୍ର ଆତ୍ମହତ୍ୟା କରିଛନ୍ତି। ପୋଲିସ ଶନିବାର ସକାଳ ପ୍ରାୟ ୮ଟା ୩୩ ସମୟରେ ଏକ ପିସିଆର କଲ୍ ମାଧ୍ୟମରେ ଘଟଣା ବିଷୟରେ ସୂଚନା ପାଇଥିଲା। ସୂଚନା ପାଇବା ପରେ କିଶନଗଡ଼ ପୋଲିସ ଷ୍ଟେସନର ଏକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ଆହତ ଛାତ୍ରଙ୍କୁ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ଛାତ୍ର ଜଣକ ସକାଳ ୮ଟା ସମୟରେ କ୍ୟାମ୍ପସ ମୁଖ୍ୟ ଫାଟକ ଦେଇ ଆଇଆଇଟି ଦିଲ୍ଲୀ ପରିସରରେ ପହଞ୍ଚିଥିଲେ।

ଛାତ୍ର ଜଣକ ଲେକ୍ଚର ହଲ୍ କମ୍ପ୍ଲେକ୍ସର ଷଷ୍ଠ ମହଲାକୁ ଲିଫ୍ଟରେ ଯାଇ ଡେଇଁ ପଡ଼ିଥିଲେ। ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନାହିଁ। ମୃତକଙ୍କ ପକେଟରୁ ଏକ ମୋବାଇଲ୍ ଫୋନ୍ ମିଳିଛି। ପ୍ରାଥମିକ ପରୀକ୍ଷାରୁ ଉପରୁ ପଡ଼ିଯିବା କାରଣରୁ ହୋଇଥିବା ଆଘାତ ବ୍ୟତୀତ ଶରୀରରେ ଅନ୍ୟ କୌଣସି ଆଘାତ ଚିହ୍ନ ମିଳିନାହିଁ। ଘଟଣା ପରେ ତଦନ୍ତ ଓ ପ୍ରମାଣ ସଂଗ୍ରହ ପାଇଁ କ୍ରାଇମ୍ ଟିମ୍ ଓ ଫୋରେନସିକ୍ ଟିମ୍‌କୁ ଘଟଣାସ୍ଥଳକୁ ଡକାଯାଇଥିଲା। ପୋଲିସ ଛାତ୍ରଙ୍କ କାଉନସେଲିଂ ରେକର୍ଡ ଓ ଆଇଆଇଟି ପ୍ରଶାସନଠାରୁ ଅନ୍ୟାନ୍ୟ ସୂଚନା ମଧ୍ୟ ହାସଲ କରୁଛି।

ଉତ୍ତର-ପୂର୍ବାଞ୍ଚଳର ଲାଇଫ୍ ଲାଇନ୍ ଉପରେ କେନ୍ଦ୍ର ସରକାରଙ୍କ ଫୋକସ୍

ସୀମା ସୁରକ୍ଷା ନେଇ ଜିରୋ ଟଲରାନ୍ସକୁ ଗୁରୁତ୍ୱ

ସିଲିଗୁଡ଼ି,୨୨।୮(ଏଜେନ୍ସି): ଭାରତର ସୁରକ୍ଷା ଦୃଷ୍ଟିକୋଣରୁ ଅତ୍ୟନ୍ତ ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିବା ସିଲିଗୁଡ଼ି କରିଡର (ଯାହାକୁ 'ଚିକେନ୍ ନେକ୍' ମଧ୍ୟ କୁହାଯାଏ) ର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏହି ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳରେ ଦେଖାଦେଉଥିବା ସୁରକ୍ଷା ଆହ୍ୱାନ ଏବଂ ସେଗୁଡ଼ିକର ମୁକାବିଲା ପାଇଁ ନୂତନ ରଣନୀତି ପ୍ରସ୍ତୁତ କରିବା।

ପଶ୍ଚିମବଙ୍ଗର ଉତ୍ତର ଭାଗରେ ଅବସ୍ଥିତ ଏହି ସଂକୀର୍ଣ୍ଣ ଭୂଖଣ୍ଡ (ସିଲିଗୁଡ଼ି କରିଡର) ଭାରତର ମୁଖ୍ୟ ଭୂଭାଗକୁ ଉତ୍ତର-ପୂର୍ବାଞ୍ଚଳର ୮ଟି ରାଜ୍ୟ ସହ ସଂଯୋଗ କରିଥାଏ। ଭୌଗୋଳିକ ଦୃଷ୍ଟିରୁ ଏହି ଅଞ୍ଚଳଟି ନେପାଳ, ଭୁଟାନ ଏବଂ ବାଂଲାଦେଶ ସୀମାକୁ ଲାଗି ରହିଥିବାରୁ ଏହା ଅନୁପ୍ରବେଶ, ଚୋରାଚାଲାଣ ଏବଂ ଅନ୍ୟାନ୍ୟ ଦେଶ ବିରୋଧୀ କାର୍ଯ୍ୟକଳାପ ପାଇଁ ବେଶ୍ ସମ୍ବେଦନଶୀଳ। ବିଶେଷକରି ଚୀନ୍ ସୀମା ପାଖାପାଖି ଥିବାରୁ ଏହି କରିଡରର ରଣନୀତିକ ଗୁରୁତ୍ୱ ଆହୁରି ବଢ଼ିଯାଏ।

ବୈଠକରେ ଗୃହମନ୍ତ୍ରୀ ଅମିତ ଶାହା ସୀମା ସୁରକ୍ଷା ବଳ ଏବଂ ସଶସ୍ତ୍ର ସୀମା ବଳର ବରିଷ୍ଠ ଅଧିକାରୀମାନଙ୍କ ସହ ସୀମା ପରିଚାଳନା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସେ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସୀମାନ୍ତରେ ନିଜର ଗୁଇନ୍ଦା ନେଟୱାର୍କକୁ ଅଧିକ ସକ୍ରିୟ କରିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ବେଆଇନ ଅନୁପ୍ରବେଶ ତଥା ମାନବ ଚାଲାଣକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ 'ଜିରୋ ଟଲରାନ୍ସ' ନୀତି ଅବଲମ୍ବନ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଉକ୍ତ ଅଞ୍ଚଳରେ ଭିତ୍ତିଭୂମିର ବିକାଶ ଏବଂ ରାଜ୍ୟ ପୋଲିସ ସହ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଦେଶର ଅଖଣ୍ଡତା ଏବଂ ଉତ୍ତର-ପୂର୍ବାଞ୍ଚଳର ସୁରକ୍ଷିତ ଯୋଗାଯୋଗକୁ ସୁନିଶ୍ଚିତ କରିବା ପାଇଁ ସିଲିଗୁଡ଼ି କରିଡରରେ କୌଣସି ପ୍ରକାରର ସୁରକ୍ଷା ତ୍ରୁଟି ଯେପରି ନହୁଏ, ସେଥିପ୍ରତି କେନ୍ଦ୍ର ସରକାର ଦୃଷ୍ଟି ଦେଉଥିବା ଏହି ବୈଠକରୁ ସ୍ପଷ୍ଟ ହୋଇଛି।

କାନାଡ଼ା ଉପରେ ୫୦% ଶୁଳ୍କ ଲଗାଇଲେ ଟ୍ରମ୍ପ

ବାଣିଜ୍ୟ ଆଲୋଚନା ବାତିଲ

ୱାଶିଂଟନ/ଅଟାୱା(ଏଜେନ୍ସି): ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡା ମଧ୍ୟରେ ୩ ଦିନ ଧରି ଚାଲିଥିବା ବାଣିଜ୍ୟ ଆଲୋଚନା ବିଫଳ ହୋଇଛି। ଆଲୋଚନାକୁ ସ୍ଥଗିତ ରଖି ଫେରି ଆସିବା ଲାଗି କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ତାଙ୍କ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡାର ରପ୍ତାନି ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ବାଣିଜ୍ୟ ଆଲୋଚନାରେ କାନାଡା ସୁଯୋଗ ହାତଛଡ଼ା କଲା ବୋଲି ଆମେରିକା କହିଛି।

ଆମେରିକା ବାଣିଜ୍ୟ ପ୍ରତିନିଧି ଜେମିସନ କହିଛନ୍ତି, ତାଙ୍କ ଦେଶ ପକ୍ଷରୁ ସର୍ବୋତ୍କୃଷ୍ଟ ଅଫର ଦିଆଯିବା ପରେ ମଧ୍ୟ କାନାଡା ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ କରିବାକୁ ମନାକଲା। ପୂର୍ବରୁ କାନାଡା ଦେଇଥିବା ପ୍ରତିଶ୍ରୁତିକୁ ବଦଳାଇବା ସହ ନୂଆ ଦାବି ରଖିବା ଦ୍ୱାରା ଆଲୋଚନା ସମୟରେ ବିବାଦ ଉପୁଜିଲା ବୋଲି ସେ କହିଛନ୍ତି। ଦଶନ୍ଧି ଦଶନ୍ଧି ଧରି ଆମେରିକା ବଜାରରେ କାନାଡା ସବୁଠାରୁ ଭଲ ସୁଯୋଗ ପାଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ କାର୍ଯ୍ୟକାଳ ଆରମ୍ଭରୁ କାନାଡାକୁ ବିଶ୍ୱରେ ସବୁଠୁ ଭଲ ବ୍ୟବହାର ଦେଖାଯାଇଛି। ଏହାସତ୍ତ୍ୱେ ଉକ୍ତ ଦେଶ ଚୀନ ଭଳି ଆମେରିକାର କ୍ଷତି କରିବା ପ୍ରୟାସରେ ରହିଛି। ଚଳିତ ସପ୍ତାହରେ ଯୁକ୍ତରାଷ୍ଟ୍ର ଆମେରିକା କାନାଡାକୁ ଭଲ ସୁବିଧା ଦେବାକୁ ରାଜି ହୋଇଥିଲା। ଇସ୍ପାତ, ଆଲୁମିନିୟମ ଆଦି ସାମଗ୍ରୀ ଉପରେ ଉଲ୍ଲେଖନୀୟ ଭାବେ ଶୁଳ୍କ ହ୍ରାସ ପ୍ରସ୍ତାବ ଦେଇଥିଲା। ଜି-୭ ଗୋଷ୍ଠୀରେ ଦ୍ରୁତବେଗରେ ବଢୁଥିବା ଅର୍ଥନୀତି ଯୁକ୍ତରାଷ୍ଟ୍ର ଆମେରିକା ସହ ରହିବା ନେଇ ରହିଥିବା ସୁଯୋଗକୁ କାନାଡା ହାତଛଡ଼ା କଲା।

ଅନ୍ୟପକ୍ଷରେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି କହିଛନ୍ତି, ଯୁକ୍ତରାଷ୍ଟ୍ର ଆମେରିକା ଶେଷ ମୁହୂର୍ତ୍ତରେ ପ୍ରସ୍ତାବରେ ପରିବର୍ତ୍ତନ ଆଣିବା ଭେଦଭାବପୂର୍ଣ୍ଣ ଏବଂ ଅଣଅର୍ଥନୈତିକ ବୋଲି ସେ କହିଛନ୍ତି। ଏହାପରେ ଯୁକ୍ତରାଷ୍ଟ୍ର ଆମେରିକା କାନାଡାର ପ୍ରାୟ ୨୦ ବିଲିୟନ ଡଲାର ମୂଲ୍ୟର ରପ୍ତାନି ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। କାନାଡାର ଶ୍ରମିକ ଓ ବ୍ୟବସାୟକୁ ସୁରକ୍ଷା ଦେବା ପାଇଁ ତାଙ୍କ ଦେଶ ମଧ୍ୟ ସମାନ ମାତ୍ରାର ପାଲଟା ଶୁଳ୍କ ଲଗାଇବ ବୋଲି ସେ ଘୋଷଣା କରିଛନ୍ତି।

ସ୍ତ୍ରୀ ସହିତ ଝଗଡ଼ା ପରେ ଇଞ୍ଜିନିୟରଙ୍କୁ ପିଟିପିଟି ହତ୍ୟା

ନୂଆଦିଲ୍ଲୀ,୨୨।୮(ଏଜେନ୍ସି): ଦିଲ୍ଲୀରେ ଏକ ଘରୋଇ କଳହ ହତ୍ୟା ପରି ଦୁଃଖଦ ଘଟଣାର ରୂପ ନେଇଛି। ସ୍ତ୍ରୀ ସହିତ ଝଗଡ଼ା ପରେ ଜଣେ ୩୧ ବର୍ଷୀୟ ସଫ୍ଟୱେୟାର ଇଞ୍ଜିନିୟରଙ୍କୁ ତାଙ୍କ ଶ୍ୱଶୁର ଘର ଲୋକ ପିଟିପିଟି ହତ୍ୟା କରିଛନ୍ତି। ଶନିବାର ସକାଳେ ଏହି ଘଟଣା ଘଟିଛି। ମୃତ ସଫ୍ଟୱେୟାର ଇଞ୍ଜିନିୟର ବିନୟ ଗୁପ୍ତା ଓ ତାଙ୍କ ପତ୍ନୀ ରେଖାଙ୍କ ମଧ୍ୟରେ ପିଲାଙ୍କୁ ଔଷଧ ଦେବାକୁ ନେଇ ଯୁକ୍ତିତର୍କ ହୋଇଥିଲା। ରେଖା ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରି ବାହାରକୁ ଚାଲି ଯାଇଥିଲେ। ଦଶ ମିନିଟ ପରେ ସେ ନିଜର ଦୁଇ ଭାଇ, ଭାଉଜ, ବାପା ଓ କକାଙ୍କ ଧରି ଦିଲ୍ଲୀର ନିହାଲ ବିହାରସ୍ଥିତ ଘରକୁ ଫେରିଥିଲେ। ସେମାନେ ଘରକୁ ଆସି ବିନୟଙ୍କୁ ପିଟିଥିଲେ ବୋଲି ବିନୟଙ୍କ ସହିତ ରହୁଥିବା ତାଙ୍କ ମା' କହିଛନ୍ତି।

ବିନୟଙ୍କ ମା' କହିଛନ୍ତି, ସେ ଯେତେ ମନା କରିଥିଲେ ମଧ୍ୟ ସେମାନେ ତାଙ୍କ ପୁଅକୁ ପିଟିବା ବନ୍ଦ କରିନଥିଲେ। ରେଖାଙ୍କ ପରିବାର ଲୋକ ବିନୟଙ୍କ ତଣ୍ଟି ଚାପି ଧରିବା ସହିତ ତାଙ୍କ ଛାତିକୁ ଗୋଇଠା ମାରିଥିଲେ। ଏସବୁ ଯୋଜନାବଦ୍ଧ ଭାବେ କରାଯାଇଥିବା ବିନୟଙ୍କ ମା' କହିଛନ୍ତି। ବିନୟଙ୍କୁ ମାଡ଼ ମାରିବା ପୂର୍ବରୁ ରେଖା ଜାଣିଶୁଣି ଘରର ସିସିଟିଭି ବନ୍ଦ କରିଦେଇଥିଲେ। ପଡ଼ୋଶୀମାନେ ବିନୟଙ୍କୁ ଡାକ୍ତରଖାନା ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିନୟ ଆଡୋବ୍ କମ୍ପାନିରେ ସଫ୍ଟୱେୟାର ଇଞ୍ଜିନିୟର ଭାବେ କାମ କରୁଥିଲେ। ରେଖାଙ୍କୁ ସେ ସାଢ଼େ ତିନି ବର୍ଷ ପୂର୍ବେ ବିବାହ କରିଥିଲେ। ଉଭୟଙ୍କର ସାଢ଼େ ଚାରି ମାସର ଯମଜ ପୁଅ ଓ ଝିଅ ଅଛନ୍ତି। ଦିଲ୍ଲୀରେ ରେଖା ଓ ବିନୟ ଗୋଟିଏ ଘରର ତୃତୀୟ ମହଲାରେ ରହୁଥିବାବେଳେ ତାଙ୍କ ବାପା-ମା' ତଳ ମହଲାରେ ଅଲଗା ରହୁଥିଲେ। ପୂର୍ବରୁ ମଧ୍ୟ ରେଖାଙ୍କ ଭାଇ ବିନୟଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ପୁଲିସ ବିନୟଙ୍କ ହତ୍ୟା ମାମଲାରେ ରେଖା, ତାଙ୍କର ଦୁଇ ଭାଇ ଓ ଜଣେ ଭାଉଜଙ୍କୁ ଗିରଫ କରିଛି।

ଶିକ୍ଷା ଓ ରୋଜଗାରରୁ ଦୂରରେ ୮.୭ କୋଟି ଯୁବପିଢ଼ି

ନୂଆଦିଲ୍ଲୀ,୨୨।୮(ଏଜେନ୍ସି): ଅସ୍ଥିରତା, ଦରବୃଦ୍ଧି, ଦାରିଦ୍ର୍ୟ ଓ ଉତ୍ତେଜନା ମଧ୍ୟରେ ଏକ ଉଦ୍‌ବେଗଜନକ ରିପୋର୍ଟ ସାମ୍ନାକୁ ଆସିଛି। ବେରୋଜଗାରୀଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ଆମ ଦେଶରେ ପ୍ରାୟ ୮.୭ କୋଟି ଯୁବପିଢ଼ି ଶିକ୍ଷା, ରୋଜଗାର କିମ୍ବା କୌଣସି ତାଲିମ ମଧ୍ୟରେ ନାହାନ୍ତି। ନୀତି ଆୟୋଗଙ୍କ ସ୍ୱତନ୍ତ୍ର ରିପୋର୍ଟ 'ରିମେନିଂ ସ୍କିଲିଂ ଫର୍ ବିକଶିତ ଭାରତ-୨୦୪୭'ରୁ ଏହି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ୨୦୨୧ ମସିହାରେ ଜାତୀୟ ନମୁନା ସର୍ବେକ୍ଷଣର ୭୮ତମ ପର୍ଯ୍ୟାୟ ତଥ୍ୟକୁ ଆଧାର କରି ଏହି ଆକଳନ କରାଯାଇଛି। ୧୫ରୁ ୨୯ ବର୍ଷ ବୟସର ଏହି ଯୁବଗୋଷ୍ଠୀଙ୍କୁ ନିଟ୍ ଶ୍ରେଣୀଭୁକ୍ତ କରାଯାଇଛି। ଯେଉଁଥିରେ ବେକାର ଯୁବକଯୁବତୀଙ୍କୁ ମଧ୍ୟ ସାମିଲ କରାଯାଇଛି।

ରିପୋର୍ଟ ଅନୁଯାୟୀ, ଭାରତର କାର୍ଯ୍ୟବଳକୁ ୫ଟି ଭାଗରେ ବିଭକ୍ତ କରାଯାଇଛି। ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷା, ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ କାର୍ଯ୍ୟ, ଯୁବପିଢ଼ି ଏବଂ ମହିଳା। ଏମାନଙ୍କ ମଧ୍ୟରେ ଯୁବପିଢ଼ି ଅର୍ଥାଭାବ ଓ ପୂର୍ବ ଶିକ୍ଷାର ଖର୍ଚ୍ଚ ଯୋଗୁଁ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗରିବ ପରିବାରର ଛାତ୍ରଛାତ୍ରୀ କଲେଜ ଖର୍ଚ୍ଚ ଏବଂ ପ୍ରାଇଭେଟ୍ ଟ୍ୟୁସନ ବୋଝ ଯୋଗୁଁ ପାଠପଢ଼ା ସହିତ ପେଡ୍ ସ୍କିଲିଂ (ପଇସା ଦେଇ ତାଲିମ ନେବା) ପାଇ ପାରୁନାହାନ୍ତି। ଏହି କାରଣରୁ ଅନେକ ସ୍ନାତକ ପରେ ପରିବାର ପ୍ରତିପୋଷଣ ପାଇଁ କମ୍ ବେତନରେ ଯେକୌଣସି ସ୍ଥାୟୀ ଚାକିରି କରିବାକୁ ବାଧ୍ୟ ହେଉଛନ୍ତି କିମ୍ବା କାମ ନ ମିଳିବାରୁ ନିଟ୍ ଶ୍ରେଣୀରେ ରହିଯାଉଛନ୍ତି। ରିପୋର୍ଟରେ ଏହା ମଧ୍ୟ ଦର୍ଶାଯାଇଛି ଯେ ସ୍ନାତକ ଶିକ୍ଷାଲାଭ କରିଥିବା ମାତ୍ର ୮.୨୫ ପ୍ରତିଶତ ଯୁବକଯୁବତୀ ସେମାନଙ୍କ ଯୋଗ୍ୟତା ଅନୁସାରେ କାମ ପାଉଛନ୍ତି। ଉଚ୍ଚଶିକ୍ଷା ଥାଇ ମଧ୍ୟ ବ୍ୟାବହାରିକ ଜ୍ଞାନ ଓ ଶିଳ୍ପଭିତ୍ତିକ ତାଲିମର ଅଭାବ ଯୋଗୁଁ ଅଧିକାଂଶ ଯୁବକଯୁବତୀଙ୍କର କର୍ମସଂସ୍ଥାନ କ୍ଷମତା କମିଯାଉଛି। ପ୍ରାୟୋଗିକ ଶିକ୍ଷା ଓ ଶିଳ୍ପ ଆଧାରିତ ପ୍ରଶିକ୍ଷଣର ଅଭାବ ଯୁବପିଢ଼ିଙ୍କ ନିଯୁକ୍ତି ଯୋଗ୍ୟତାକୁ ପ୍ରଭାବିତ କରୁଛି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ରିହାତିଯୁକ୍ତ ବା ମାଗଣା ତାଲିମ, ଆର୍ଥିକ ସହାୟତା, ମିଡ୍ କ୍ୟାରିୟର ରିସ୍କିଲିଂ ଏବଂ ସ୍ଥାନୀୟ ଚାହିଦା ଅନୁଯାୟୀ ଆତ୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଉପରେ ନୀତି ଆୟୋଗ ଜୋର ଦେଇଛନ୍ତି। ଏହାଦ୍ୱାରା ଏକ ବୃହତ ଗୋଷ୍ଠୀର ନିଯୁକ୍ତି ସମ୍ଭାବନା ଉଜ୍ଜ୍ୱଳ ହେବା ସହିତ ଯୁବ ପିଢ଼ିଙ୍କ ଭବିଷ୍ୟତ ସୁରକ୍ଷିତ ରହିବ।

ଆର୍ଟ ଅଫ୍ ଲିଭିଂକୁ ସୁପ୍ରିମ୍ ଆଶ୍ୱସ୍ତି

୫ କୋଟି ଜୋରିମାନା ଫେରସ୍ତ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୨।୮(ଏଜେନ୍ସି): ଶ୍ରୀ ଶ୍ରୀ ରବିଶଙ୍କରଙ୍କ ନେତୃତ୍ୱାଧୀନ 'ଆର୍ଟ ଅଫ୍ ଲିଭିଂ' ଫାଉଣ୍ଡେସନକୁ ଶନିବାର ସୁପ୍ରିମ୍‌କୋର୍ଟରୁ ଏକ ବଡ଼ ଆଇନଗତ ଆଶ୍ୱାସନା ମିଳିଛି। ଦିଲ୍ଲୀର ପରିବେଶ ସମ୍ବେଦନଶୀଳ ଯମୁନା ନଦୀଶଯ୍ୟା କ୍ଷତିଗ୍ରସ୍ତ କରିବା ଅଭିଯୋଗରେ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ୫ କୋଟି ଟଙ୍କାର ଜୋରିମାନା ରାଶିକୁ ସମ୍ପୂର୍ଣ୍ଣ ଫେରସ୍ତ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ଅଦାଲତ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ୨୦୧୬ ମସିହାରେ ଅନୁଷ୍ଠିତ ସାଂସ୍କୃତିକ ମହୋତ୍ସବ ଯୋଗୁ ଯମୁନା ନଦୀର ସୂକ୍ଷ୍ମ ପରିବେଶ ପ୍ରଣାଳୀକୁ କୌଣସି ପ୍ରତ୍ୟକ୍ଷ କ୍ଷତି ପହଞ୍ଚିଛି ବୋଲି ପ୍ରମାଣ ମିଳିନାହିଁ। ଏହାଦ୍ୱାରା 'ଆର୍ଟ ଅଫ୍ ଲିଭିଂ' ଅଧୀନରେ ପଞ୍ଜୀକୃତ ଟ୍ରଷ୍ଟ 'ବ୍ୟକ୍ତି ବିକାଶ କେନ୍ଦ୍ର' ଦ୍ୱାରା ପେଠ କରାଯାଇଥିବା ସମସ୍ତ ଜରିମାନା ଅର୍ଥକୁ ଦିଲ୍ଲୀ ବିକାଶ ପ୍ରାଧିକରଣ (ଡିଡିଏ) ତୁରନ୍ତ ଫେରସ୍ତ କରିବ ବୋଲି ସର୍ବୋଚ୍ଚ କୋର୍ଟ ଆଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୧୬ ମାର୍ଚ୍ଚ ମାସରେ ଆୟୋଜିତ 'ବିଶ୍ୱ ସଂସ୍କୃତି ମହୋତ୍ସବ'ର ପ୍ରସ୍ତୁତି ସମୟରେ ଯମୁନା ନଦୀଶଯ୍ୟାର ବ୍ୟାପକ କ୍ଷତି ହୋଇଥିବା ଦର୍ଶାଇ ଜାତୀୟ ଗ୍ରୀନ୍ ଟ୍ରିବୁନାଲ (ଏନ୍‌ଜି